

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୭ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 27 DECEMBER 2022
Vol.No. 33 ■ No. 337 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମା' ମାନେ ଚାହିଁଲେ ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ବିଜୁ ଜନତା ଦଳ ଓଡିଶାବାସୀଙ୍କ ସେବା କରିବ: ନବୀନ ପଟ୍ଟନାୟକ

ପୁରୀ/ଭୁବନେଶ୍ୱରଭୁବନେଶ୍ୱର, ୨୬/୧୨ (ନି.ପ୍ର): – ବିଜୁ ଜନତା ଦଳ ୨୫ ବର୍ଷ ପୂରଣ କରି ୨୬ ବର୍ଷରେ ପହଂଚିଛି। ଏହି ଅବସରରେ ପୁରୀର ତାଳବଣିଆ ଠାରେ ଦଳର ଏକ ବିଶାଳ ରାଜ୍ୟସ୍ତରୀୟ ସମାରୋହରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଉଦ୍ ବୋଧନ ଦେଇ କହିଛନ୍ତି ଯେ ଆପଣମାନଙ୍କ ଆଶୀର୍ବାଦ ରହିଲେ ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ବିଜୁ ଜନତା ଦଳ ଓଡିଶାବାସୀଙ୍କ ସେବା କରି ଚାଲିବ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଆଜି ବିଜେଡି ଓଡ଼ିଶାବାସୀଙ୍କ ସେବାରେ ୨୫ବର୍ଷ ପୂରଣ କରିଛି। ଓଡ଼ିଶାର ସାଢ଼େ ୪କୋଟି ଜନତା ସେମାନଙ୍କ ସେବା କରିବା ପାଇଁ ୨୫ବର୍ଷ ସୁଯୋଗ ଦେଇଥିବାରୁ ମୁଁ ଋଣି। ବିଜେଡି ଲୋକଙ୍କ ବିଶ୍ୱାସକୁ ଭିତି କରି ବହୁବର୍ଷ ହେଲା ଶାସନ କରି ଚାଲିଛି। ଏକ ରାଜନୈତିକ ଦଳ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାମ କରେ। ବିଜେଡି ମଧ ଏହି ଏଜେଣ୍ଡାରୁ କେବେ ହଟି ନାହିଁ। ଓଡ଼ିଶାର ଭଷା, ଓଡ଼ିଶାର ଉନ୍ନତି, ଓଡ଼ିଶାର ଗୌରବ, ଓଡ଼ିଶା ସଂସ୍କୃତି ପାଇଁ ବିଜେଡିର କାମ କରି ଆସିଛି। ବିଜୁବାବୁଙ୍କ ରକ୍ତ ବୁନ୍ଦାରେ ଓଡ଼ିଶା ଉନ୍ନତି ଭରି ରହିଥିଲା। ସେ ମହା ଜନନାୟକ। ସେ ଯେଉଁ ରାସ୍ତା ଦେଖାଇଛନ୍ତି, ସେହି ରାସ୍ତାରେ ମୁଁ କାମ କରୁଛି, ଆଗକୁ ମଧ କାମ କରିବି। ଯେବେଠୁ ମା'ମାନେ ଆର୍ଶୀବାଦ ଦେଇ ଆସିଛନ୍ତି, ଆମେ ସେବେଠାରୁ ମା' ମାନଙ୍କ ସଶକ୍ତିକରଣକୁ ଗୁରୁତ୍ୱ ଦେଇ ଆସିଛୁ। ମା'ମାନଙ୍କ ଉନ୍ନତି ଓଡ଼ିଶାକୁ ଆଗକୁ ନେଇ ପାରିବ ବୋଲି ମୋର ବିଶ୍ୱାସ। ସେଥିପାଇଁ ମିଶନ ଶକ୍ତି ଗଣ ଦୌଡ଼ରେ ସାମିଲ ହୋଇପାରିଛି। ମା'ମାନେ ସଶକ୍ତ ହେଲେ ପରିବାର ସଶକ୍ତ ହେବ। ମା'ମାନେ ସଶକ୍ତ ହେଲେ ରାଜ୍ୟ ଓ ଦେଶ ସଶକ୍ତ ହେବ। ସମସ୍ତଙ୍କର ଉନ୍ନତି ହେଲେ ଓଡ଼ିଶା ଉନ୍ନତି ହେବ। ମାଲକାନଗିରିରୁ ମୟୂରଭଞ୍ଜ ଓ ବରଗଡ଼ରୁ ପୁରୀ ପର୍ଯ୍ୟନ୍ତ ସବୁ ଲୋକଙ୍କର ଉନ୍ନତି ପାଇଁ ବିଜେଡି କାର୍ଯ୍ୟ କରି ଆସିଛନ୍ତି। ବନ୍ୟା ଓ ବାତ୍ୟାର ମୁକାବିଲା କରି ଓଡ଼ିଶା ପୃଥିବୀରେ ସୁନାମ ଅର୍ଜନ କରିଛି। ଆମ ପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟମାନ। କୋଭିଡ ସମୟରେ ସବୁଜିନିଷ ମାଗଣାରେ ଦିଆଗଲା। ବାହାର ରାଜ୍ୟକୁ ଆମ ଓଡ଼ିଶାରୁ ଅକ୍ସିଜନ ମଧ ଦିଆଗଲା ବୋଲି ନବୀନ କହିଛନ୍ତି। ମା ମାନଙ୍କ ଆଶୀର୍ବାଦ ରହିଲେ ପଚିଶ ବର୍ଷ କଣ, ପଚାଶ ବର୍ଷ କଣ , ବିଜୁ ଜନତା ଦଳ ଶହେବର୍ଷ ବି ସେବା କରି ଚାଲିବ। ଶଙ୍ଖ ଚିହ୍ନ ସବୁବେଳେ ଓଡ଼ିଆ ସ୍ୱାଭିମାନ ର ଜୟ ନାଦ କରିଚାଲି ଥିବ ବୋଲି ନବୀନ ପଟ୍ଟନାୟକ କହିଛନ୍ତି।



## ରାହୁଲ ଗାନ୍ଧିଙ୍କ ବୟାନକୁ ନେଇ ବଢୁଛି ବିବାଦ

ନୂଆଦିଲ୍ଲୀ, ୨୬/୧୨ : ଭାରତ ଏବଂ ଚୀନ ମଧ୍ୟରେ ସୀମା ବିବାଦ ଦେଖାଦେଇଥିବାବେଳେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଏକ ବୟାନ ପୁଣି ଚର୍ଚ୍ଚା ସୃଷ୍ଟି ହୋଇଛି । ରାହୁଲ କହିଛନ୍ତି, ଚୀନ ଏବଂ ପାକିସ୍ଥାନ ଏକାଠି ହୋଇଯାଇଛନ୍ତି, ଯେବେ ବି କିଛି ଯୁଦ୍ଧ ହେଉ ତାହା ଗୋଟିଏ ଦେଶରୁ ନୁହେଁ ଦୁଇ ଦେଶ ପକ୍ଷରୁ ହେବ । ଭାରତର ସ୍ଥିତି ଏବେ ଦୁର୍ବଳ ରହିଛି ଏବଂ ଯଦି ଏପରି ଯୁଦ୍ଧ ହୁଏ ତେବେ ଦେଶକୁ ବହୁତ କ୍ଷତି ସହିବାକୁ ପଡ଼ିବ । ନିକଟରେ ଭାରତୀୟ ସେନା ଏବଂ ଚୀନ ସେନା ମଧ୍ୟରେ ଅରୁଣାଚଳ ତଓ୍ୱାଙ୍ଗଠାରେ ସୀମା ସଂଘର୍ଷ ହୋଇଥିବା ଖବର ସାମ୍ନାକୁ ଆସିଥିଲା । ଅନ୍ୟପଟେ ଭାରତଯୋଡ଼ ଯାତ୍ରା ସମୟରେ ଭାରତୀୟ ସେନାର ପୂର୍ବ ଅଧିକାରୀଙ୍କ ସହ ରାହୁଲ ଗାନ୍ଧି ବାର୍ତାଳାପ କରିଛନ୍ତି ।



## ଉତ୍ତର ଭାରତରେ ବଢୁଛି ଥଣ୍ଡାର ପ୍ରକୋପ: ଦିଲ୍ଲୀରେ ୩ଡିଗ୍ରୀ ଛୁଇଁଲା ସର୍ବନିମ୍ନ ତାପମାତ୍ରା

ନୂଆଦିଲ୍ଲୀ, ୨୬/୧୨ : ଥଣ୍ଡାର ପ୍ରକୋପରେ ଥରୁଛି ସାରା ଦେଶ । ବିଶେଷ କରି ଉତର ଭାରତରେ ହାଡ଼ଭଙ୍ଗା ଶୀତ ଦୈନନ୍ଦିନ ଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି । ରାଜସ୍ଥାନ, ଉତରପ୍ରଦେଶ, ହରିଆଣା, ପଂଜାବ ଭଳି ଉତରଭାରତ ରାଜ୍ୟରେ ଖସୁଛି ପାରଦ ବଢୁଛି ଥଣ୍ଡା । ଏଠାକାର ସର୍ବନିମ୍ନ ତାପମାତ୍ରା ୭ଡିଗ୍ରୀରୁ ୩ ଡିଗ୍ରୀ ସେଲସିୟସ ଛୁଇଁଛି । ରାଜଧାନୀ ଦିଲ୍ଲୀ କଥା ନ କହିଲେ ଭଲ । ପ୍ରଦୁଷଣରେ କଲବଲ ହେଉଥିବା ଦିଲ୍ଲୀରେ ଏବେ ହାଡଭଙ୍ଗା ଶୀତ ବୋଝ ଉପରେ ନଳିତାବିଡା ହୋଇଛି । ଏନସିଆର ସମେତ ଉତର ଭାରତର ବହୁ ରାଜ୍ୟରେ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି । ସବୁଠୁ ଅଧିକ ଆଶ୍ଚର୍ଯ୍ୟ କରିଛି ରାଜସ୍ଥାନର ପାଣିପାଗ । ମରୁଭୂମି ରାଜସ୍ଥାନରେ ଏବେ ଆରମ୍ଭ ହୋଇଛି ତୁଷାରପାତ । ଘର,ରାସ୍ତାଘାଟ, ଯାନବାହନ ଉପରେ ବରଫ ପଡିଥିବା ଦେଖିବାକୁ ମିଳିଛି । ଶୀତର ପ୍ରକୋପ ଧିରେ ଧିରେ ବଢୁଛି । ଲୋକମାନେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଅଧିକରୁ ଅଧିକ ଶୀତ ପୋଷାକ ବ୍ୟବହାର କରିବା ସହ ଶୀତରୁ ରକ୍ଷା ପାଇଁ ରାସ୍ତା କଡ଼ରେ ନିଆଁ ଜାଳୁଥିବା ଦେଖିବାକୁ ମିଳିଛି । ତେବେ ଥଣ୍ଡା ବଢ଼ିବା ସହ କୁକୁଡ଼ି ମଧ ବଢ଼ିବାରେ ଲାଗିଛି । ▶▶ପୃଷ୍ଠା ୭



## ଡିସେମ୍ବର ୨୮ରେ କଂଗ୍ରେସର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୬/୧୨ (ନି.ପ୍ର): ଆସନ୍ତା ଡିସେମ୍ବର ୨୮ ତାରିଖ ଭାରତୀୟ ଜାତୀୟ କଂଗ୍ରେସ ତାର ୧୩୮ ତମ ପ୍ରତିଷ୍ଠା ଦିବସ ପାଳନ କରିବ। ଏହି ଅବସରରେ ସକାଳେ ପ୍ରଦେଶ କଂଗ୍ରେସ ଭବନରେ ସଭାପତି ଶରତ ପଟ୍ଟନାୟକ ଭାରତ ବର୍ଷ ଏବଂ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବରପୁତ୍ର ମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବେ ଏବଂ କଂଗ୍ରେସ ପତାକା ଉତୋଳନ କରିବେ। ସେବାଦଳ ପକ୍ଷରୁ ପତାକା ଉତୋଳନ କାର୍ଯ୍ୟକ୍ରମ ହେବ। ଏହାପରେ କଂଗ୍ରେସ ଭବନରେ “ ସ୍ୱାଧୀନତା ସଂଗ୍ରାମ ଓ ଦେଶ ଗଠନରେ କଂଗ୍ରେସର ଭୂମିକା” ପ୍ରସଙ୍ଗରେ ଏକ ଆଲୋଚନା ଚକ୍ର ଆୟୋଜିତ ହେବ। କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା, ପ୍ରସ୍ତୁତି, ସଂଗ୍ରାମ ଓ ଆନ୍ଦୋଳନ ସଂପର୍କରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ ଦିଗଦର୍ଶନ ଦେବେ ବୋଲି ପିସିସି ମୁଖପାତ୍ର ରଜନୀ ମହାନ୍ତି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ଆମେରିକା ଦେଖୁଛି ପ୍ରକୃତିର କରାଳ ରୂପ: ଭୟଙ୍କର ବରଫ ଝଡ଼ ଦେଇ ଗତି କରୁଛି ପଶ୍ଚିମ ଓ ଉତ୍ତର ଆମେରିକା



ନୂଆଦିଲ୍ଲୀ, ୨୬/୧୨ : ଯେବେ ବରଫ ଝଡ଼ ଆସେ ସେତେବେଳେ ଦୃଶ୍ୟ କିଛି ଏଭଳି ରୁହେ । ଯୁଆଡେ ଦେଖିବ ସିଆଡେ କେବଳ ବରଫ ହିଁ ବରଫ । ଧଳାର ବରଫର ଆସ୍ତରଣ ଭିତରେ ଲୁଚି ଯାଇଛି ଉତର ଓ ପଶ୍ଚିମ ଆମେରିକା । କରାଳ ଝଡ଼ ଯୋଗୁଁ ଏତେ ମାତ୍ରାରେ ବରଫ ପାତ ହେଉଛି ଯେ ଆଖି ବି ପାଉନି । । ଉତର ଆମେରିକାରେ ଏବେ ଚାଲିଛି ପ୍ରଳୟଙ୍କାରୀ ବରଫ ଝଡ଼ । ଯାହାକୁ କୁହାଯାଉଛି ବମ୍ ସାଇକ୍ଲୋନ । ବରଫ ବିଶାଳ ଖଣ୍ଡ ତଳେ କେଉଁଠି ଘର ଦବି ଯାଇଛି ତ ପୁଣି କେଉଁଟି ଗାଡି । ରାସ୍ତାଘାଟ, ହାଇୱେ, ବିରାଟକାୟ ବିଲଂଡି, ବିଶାଳ ଗଛ । ସବୁ ଉପରେ ଏବେ କେବଳ ବରଫ ହିଁ ବରଫ । ସୂଚନା ଅନୁସାରେ ବରଫ ଝଡ଼ରେ ଏବେ ସୁଦ୍ଧା ପ୍ରାୟ ୪୦ଜଣଙ୍କ ମୃତ୍ୟୁ ହୋଇସାରିଛି । ଦୈନନ୍ଦିନଜୀବନ ବେଶ ବାଧାପ୍ରାପ୍ତ ହୋଇଛି । ଘରୁ ବାହାରିବା ମୁସ୍କିଲ ହୋଇପଡିଛି । ଯିଏ ଯେଉଁଠି ଫଶି ରହିଛନ୍ତି ସେଠୁ ବାହାରିବା କାଠିକର ପାଠ ହେଉଛି । ସ୍ଥିତିକୁ ଦେଖି ଆମେରିକାର କିଛି ସ୍ଥାନରେ ଏମରଜେନ୍ସିଂ ଜାରି କରାଯାଇଛି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଦେଶବାସୀଙ୍କୁ ସତର୍କ ରହିବାକୁ ପରାର୍ମଶ ଦେଇଛନ୍ତି । ଆବଶ୍ୟକ ନପଡଡିଲ ଘରୁ ନବାହରିବା ପାଇଁ କହିଛନ୍ତି ଆମେରିକା ରାଷ୍ଟ୍ରପତି । ପାଣିପାଗ ବିଶେଷଜ୍ଞଙ୍କ ମତରେ ପବନର ଗତି ବଢ଼ିବା ସହ ଝଡ଼ ପ୍ରକୋପ ମଧ ବୃଦ୍ଧି ପାଇବ । ୪୮ଘଂଟା ମଧରେ କାନାଡ଼ା, ମେକ୍ସିକୋ,ଟେକ୍ସାସ ମଧ ସମାନ ସ୍ଥିତି ଦେଖିବାକୁ ମିଳିପାରେ । ସ୍ଥିତି ଏଭଳି ହୋଇଛି ଯେ ଆମେରିକାର ଏୟାରଲାଇଏନ୍ସ ପ୍ରାୟ ୨ହଜାର ବିମାନ ଚଳାଚଳ ଅସ୍ଥାୟୀ ଭାବେ ବନ୍ଦ କରିଛି । ▶▶ପୃଷ୍ଠା ୭

## ବିନୋଦ କୁମାରଙ୍କ ସମେତ ୬ଙ୍କୁ ୩ ବର୍ଷ ଜେଲ୍

ଭୁବନେଶ୍ୱର, ୨୬/୧୨ (ନି.ପ୍ର): ଓଆରଏଚଡିସି ଦୁର୍ନୀତି ମାମଲାରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ବିନୋଦ କୁମାରଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ବିନୋଦଙ୍କ ବ୍ୟତୀତ ଆଉ ୫ ଜଣଙ୍କୁ ମଧ୍ୟ ୩ବର୍ଷ ର ସଜା ଶୁଣାଇଛନ୍ତି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ। ଏହା ସହ ୫୦ହଜାର ଟଙ୍କା ଜରିମାନା ଓ ଅନାଦେୟ ଦେଲେ ୬ମାସ ଅଧିକ ଜେଲ ଦଣ୍ଡ ଲାଗି ନିର୍ଦ୍ଦେଶ ଦେଇଛନ୍ତି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ▶▶ପୃଷ୍ଠା ୭ରେ

## ପୁରୀ ବଡଦାଣ୍ଡରେ ଅଭାବନୀୟ ଦୃଶ୍ୟ : ଧର୍ମଦାଣ୍ଡରେ ନ୍ୟାୟ ମାଗିଲେ ୩୦ ପରିବାର

ଭୁବନେଶ୍ୱର, ୨୬/୧୨ (ନି.ପ୍ର) : ବିଜେଡି ପ୍ରତିଷ୍ଠା ଦିବସ ପାଳନ ଲାଗି ପୁରୀ ଚଳଚଂଚଳ ହୋଇଥିବା ବେଳେ ବଡଦାଣ୍ଡରେ ନ୍ୟାୟ ପାଇଁ ଲଢିଛନ୍ତି ୩୦ ପରିବାର । ନ୍ୟାୟ ଦାବିରେ ବର୍ଷ ବର୍ଷ ଧରି ଅପେକ୍ଷା କରିଥିବା ପୀଡିତ ପରିବାର ପୁରୀ ଆସି ଶୋଭାଯାତ୍ରା କରି ପ୍ରତିବାଦ କରିବାକୁ ଉଦ୍ୟମ କରୁଥିବାବେଳେ ପୁଲିସ ସେମାନଙ୍କୁ ଉଠାଇନେଇଛି । ପୀଡିତ ପରିବାରଙ୍କ ଉଦ୍ଦେଶ୍ୟ ଥିଲା, ନ୍ୟାୟ ପାଇଁ ପୁରୀରେ ସେମାନେ ଶୋଭାଯାତ୍ରା କରିଥାନ୍ତେ । ଗରୁଡସ୍ତମ୍ଭ ନିକଟରେ ଦୀପଦାନ କରିଥାନ୍ତେ । କିନ୍ତୁ ପୁଲିସ ସେମାନଙ୍କୁ ଅଧାରୁ ଅଟକାଇଦେଇଛି । ସମସ୍ତ ମାମଲାର ସିବିଆଇ ତଦନ୍ତ ଦାବିରେ ଜିଲ୍ଲାପାଳଙ୍କ ଜରିଆରେ ଏହି ପୀଡିତ ୩୦ ପରିବାର କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେବାର ଥିଲେ ବି ତାହା ସମ୍ଭବ ହୋଇପାରିନାହିଁ । ପ୍ରତିବାଦକାରୀଙ୍କୁ ଅଧାବାଟରେ ଅଟକାଇଦେବା ପରେ କର୍ମଚାରୀଙ୍କ ଗୋଡତଳେ ପଡୁଛନ୍ତି ଜଣେ ମହିଳା ୩୦ ପୀଡିତ ପରିବାରଙ୍କ ମଧ୍ୟରୁ ସେ ହେଉଛନ୍ତି ଜଣେ । ଯିଏ ପ୍ରତିବାଦ କରିବାକୁ ଆସିଥିଲେ । ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରା କରିବାକୁ ଚାହୁଁଥିଲେ । ସେପଟେ ଯାଜପୁରର ନିଖୋଜ ବାଳିକା ପିହୁ ମାଆ ମୋନାଲିସା ନାୟକଙ୍କୁ ପୋଲିସ ଉଠାଇ ନେଇଥିଲା । ୩୦ ପୀଡିତ ପରିବାରଙ୍କ ଭିତରେ ବି ଅଛନ୍ତି ମୋନାଲିସା । ଯିଏ ଝିଅକୁ ଫେରି ପାଇବା ପାଇଁ ଦୀର୍ଘବର୍ଷ ହେଲା ଲଢେଇ କରୁଛନ୍ତି । ୨୦୨୦ ଅଗଷ୍ଟ ମାସରେ ନିଖୋଜ ହୋଇଯାଇଥିଲା ୨ ବର୍ଷର ଝିଅ ପିହୁ । ଘଟଣାକୁ ୨ ବର୍ଷ ବିତିଗଲାଣି, କିନ୍ତୁ ପିହୁର ପତା ମିଳିନାହିଁ । ସବୁଆଡେ ଧାଇଁ ଧାଇଁ ନିରାଶ ହୋଇଛନ୍ତି । କିନ୍ତୁ କେହି ହେଲେ ତାଙ୍କ ଗୁହାରି ଶୁଣିନାହାନ୍ତି । ଏଭଳି ବିଭିନ୍ନ ଘଟଣାରେ ପ୍ରତିବାଦ କରିବାକୁ ପୁରୀରେ ପହଂଚିଥିଲେ ୩୦ ପରିବାର । କିନ୍ତୁ ଶେଷରେ ସେମାନଙ୍କୁ ନିରାଶ ହେବାକୁ ପଡିଛି । କିଏ ଝିଅକୁ ହରାଇ କାନ୍ଦୁଛି ତ, କିଏ ଭେଣ୍ଡିଆ ପୁଅକୁ ହରାଇ ବେସାହାରା ପାଲଟିଛି । ଏଭଳି ୩୦ ପରିବାର ନ୍ୟାୟ ପାଇବାରୁ ବଂଚିତ ହୋଇଛନ୍ତି । ସୋମବାର ପୁଲିସ ପ୍ରତିବାଦକୁ ଭଣ୍ଡୁର କରିଥିଲେ ବି ଆଗକୁ ପ୍ରତିବାଦ ଜାରି ରହିବ ବୋଲି ସେମାନେ ପଣ କରିଛନ୍ତି ।

### ଏପଟେ ପ୍ରତିଷ୍ଠା ଦିବସ, ସେପଟେ ପ୍ରତିବାଦ



## ଚୀନରେ କରୋନା ପ୍ରଳୟ: କୋଲ୍ଡ ଷ୍ଟୋରେଜରେ ମାଳ ମାଳ ଶବ, ଶବଦାହ ପାଇଁ ଗୋଟିଏ ଧାଡିରେ ୨ହଜାର ଲୋକ



ନୂଆଦିଲ୍ଲୀ, ୨୬/୧୨ : ପୋକ ମାଛି ପରି ଲୋକମାନେ ମୃତ୍ୟୁବରଣ କରିବେ । ଅନ୍ତିମ ସଂସ୍କାର ପାଇଁ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡିବ । କମ ପଡିବ ଶ୍ମଶାନ ଘର । ଏକଥା ହୁଏ କେହି କେବେ କୌଣସି ବହିରେ ପଡିଥିବେ କି ସିରିୟଲ, ସିନେମା କିମ୍ବା କୌଣସି କାଳ୍ପନିକ କାହାଣୀରେ ଦେଖିଥିବେ । କିନ୍ତୁ କେହି କେବେ କଳ୍ପନାରେ ସୁଦ୍ଧା ଚିନ୍ତା କରିନଥିବେ ଯେ ସତରେ ଦିନେ ଏମିତି ଘଟିବ । ମୃତ୍ୟୁର ତାଣ୍ଡବ କଣ ? ପ୍ରଳୟ କାହାକୁ କୁହାଯାଏ ? କେମିତି ଆଖି ପଲକରେ ଜୀବନ ଚାଲିଯାଏ ? କିଭଳ ନିଜ ସର୍ମ୍ପକୀୟଙ୍କଠୁ କ୍ଷଣିକରେ ସବୁଦିନ ପାଇଁ ଅଲଗା ହେବାକୁ ପଡେ, ସେକଥା ବର୍ତମାନ ଚୀନବାସୀଙ୍କଠୁ ଅଧିକ ଭଲଭାବେ କେହି ବୁଝି ପାରୁନଥିବେ । ୨୦୨୨ ସରିବା ବେଳକୁ ଚୀନରେ କରୋନା ଏଭଳି ତାଣ୍ଡବ କରୁଛି ଯେ ସାରା ବିଶ୍ୱ ଆଶ୍ଚର୍ଯ୍ୟ ଚକିତ ଓ ହତବାକ ହୋଇପଡିଛି । ଚୀନରେ କରୋନାର ତାଣ୍ଡବ ଥମିବାର ନାଁ ନେଉନାହିଁ । ଅର୍ନ୍ତଜାତୀୟ ଗଣମାଧମ ରିପୋର୍ଟ କହୁଛି ଚୀନରେ ଦୈନିକ ସଂକ୍ରମଣ ଏବେ ୧୦ଲକ୍ଷ ରହିଛି ଓ ମୃତ୍ୟୁ ସଂଖ୍ୟା ୫ହଜାର ଛୁଇଁଲାଣି । ଥରେ ଚିନ୍ତା କରନ୍ତୁ ସେଠାକାର ସ୍ଥିତି ଯେ କେତେ ଭୟାବହ ହୋଇଥିବ । ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ଆକଳନ କରିଛନ୍ତି ଯେ ଆଗାମୀ ଦିନରେ ଚୀନରେ ରେକର୍ଡସ୍ତରରେ ସଂକ୍ରମଣ ଚିହ୍ନଟ ହେବେ । ଜାନୁଆରୀ ମାସ ମଧଭାଗରେ ଦୈନିକ ସଂକ୍ରମଣ ▶▶ପୃଷ୍ଠା ୭

# ଶାନ୍ତିକାନନରେ ପରମାନନ୍ଦ ତ୍ରିପାଠୀଙ୍କ ତିନୋଟି ଗ୍ରନ୍ଥ ଲୋକାର୍ପିତ



ବାଲେଶ୍ୱର, ୨୬/୧୨ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ଶନିବାର ସନ୍ଧ୍ୟାରେ ପରମାନନ୍ଦ ତ୍ରିପାଠୀଙ୍କ ତିନୋଟି ଗ୍ରନ୍ଥ 'ଜୀବନ ଦୀପିକା' (କବିତା), 'ଗଳ୍ପ ପ୍ରବାହ' (ଗଳ୍ପ) ଓ 'ପ୍ରଥମ ପ୍ରେମର ଶେଷ ସଂଳାପ' (ଉପନ୍ୟାସ) ଉନ୍ମୋଚିତ ହୋଇଯାଇଛି । ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉନ୍ମୋଚନ ଉତ୍ସବରେ କବି ପ୍ରଶାନ୍ତ ଦାସ, ଗାଳ୍ପିକ ନିବାରଣ ଜେନା ଓ ଗବେଷକ ଡ. ଭାଗବତ ପ୍ରସାଦ ଦାସ ଆଲୋଚକ ଭାବେ ଯୋଗ ଦେଇ ଯଥାକ୍ରମେ କବିତା, ଉପନ୍ୟାସ ଓ ଗଳ୍ପ ପୁସ୍ତକ ସଂପର୍କରେ ଆଲୋଚନା କରିଥିଲେ । ଲେଖକଙ୍କ ପ୍ରତ୍ୟେକଟି ଲେଖା ମାନବୀୟ ମୂଲ୍ୟବୋଧ ଉପରେ ଆଧାରିତ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ଡ. ସାରଙ୍ଗଧର ତ୍ରିପାଠୀ ପ୍ରାକ୍‌ସୂଚନା ପ୍ରଦାନ କରିଥିବାବେଳେ ପରମାନନ୍ଦ ତ୍ରିପାଠୀ ଲେଖକୀୟ ବକ୍ତବ୍ୟ ଓ ସନ୍ତୋଷ କୁମାର ବାରିକ ପ୍ରକାଶକୀୟ ମନ୍ତବ୍ୟ ପ୍ରଦାନ କରିଥିଲେ । ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଅରୁଣା ରାୟ, କମଳାକାନ୍ତ ଦାଶ, ଦିଲ୍ଲୀପ ଚକ୍ରବର୍ତ୍ତୀ, ସଞ୍ଜୟ ପଣ୍ଡା, ଯୋଗେଶ ପ୍ରଧାନ, ରମାକାନ୍ତ ମହାନ୍ତି, ଲକ୍ଷ୍ମଣ ଚରଣ ବିଶ୍ୱାଳ, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ଡ. କ୍ଷିତୀଶ୍ୱର ଦାଶ, ପବିତ୍ର କୁମାର ତ୍ରିପାଠୀ, ଲମ୍ୱୋଦର ନାୟକ, ଶରତ କୁମାର ମହାପାତ୍ର, ଡ. ରତ୍ନାକର ସାହୁ, ବିଦ୍ୟାଧର ସାହୁ, ଜ୍ୟୋସ୍ନା ରାୟ, ଉର୍ମିଳା ନାୟକ, ମାମିନା ମହାପାତ୍ର, ସରସ୍ୱତୀ ହେମ୍ବ୍ରମ, ସ୍ୱରୂପା ଶୁଭଦର୍ଶିନୀ, ପ୍ରମିଳାମଣି ପାଣିଗ୍ରାହୀ, ବୈଜୟନ୍ତୀ ଜେନା, ପୁଷ୍ପଲତା ଚକ୍ରବର୍ତ୍ତୀ, ଯଚିନ୍ଦ୍ର ସ୍ୱାଇଁ, ବାସନ୍ତୀ ଦେ, ସଙ୍ଗୀତା ବାରିକ, ବାସନ୍ତୀ କର, ଅର୍ଚ୍ଚନା ନନ୍ଦୀ, ଶ୍ରୀରୂପା ମଞ୍ଜରୀ ସେନ୍, ଦାମୋଦର ନାୟକ, ସ୍ନିଗ୍ଧା ସାମନ୍ତରାୟ, ପ୍ରଭାକର ସାହୁ ପ୍ରମୁଖ ବହୁ ସାରସ୍ୱତ ସାଧକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଭଦ୍ରକରେ ଜାତୀୟ ଖାଉଟି ଦିବସ ପାଳିତ

ଭଦ୍ରକ,୨୬/୧୨ (ନି.ପ୍ର): ଭଦ୍ରକ ଜିଲା ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟ (ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର) ଆନୁକୂଲ୍ୟରେ ତଥା ସହଯୋଗ ଇଣ୍ଡିଆ ସ୍ୱେଚ୍ଛାସେବୀ ସଂଗଠନର ସହଯୋଗରେ ଆଜି ଜାତୀୟ ଖାଉଟି ଦିବସ ପାଳିତ ହୋଇଯାଇଛି । ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଡିସିଏଲ୍‌ଏମ ପ୍ରିୟବ୍ରତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଭଦ୍ରକ ଖାଉଟି ଆୟୋଗର ସଭାପତି ଶିବପ୍ରସାଦ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଖାଉଟି ଆଇନ୍‌ର ବ୍ୟାପକତା ଓ ଆଶୁ ସମାଧାନ ଉପରେ ବକ୍ତବ୍ୟ ରଖିଥିଲେ । ଏବଂ ମଣିଷ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ମୁହୂର୍ତ୍ତରେ କିଛି ନା କିଛି ଦ୍ରବ୍ୟ ବା ସେବା କଂଜିମର ଭାବେ ଗ୍ରହଣ କରିଥାଏ । ତେଣୁ ଭାରତବର୍ଷରେ ପ୍ରଚଳିତ ତେର ଶହରୁ ଉର୍ଦ୍ଧ୍ୱ ଆଇନ୍ ମଧ୍ୟରେ ସର୍ବାଧିକ ପ୍ରଭାବିତ କରୁଥିବା ଆଇନ୍ ହେଉଛି କଂଜ୍ୟୁମର ଆଇନ୍ ବୋଲି ଖାଉଟି ଆୟୋଗର ସଭାପତି ଶ୍ରୀ ମହାନ୍ତି ମତବ୍ୟକ୍ତ କରିଥିଲେ । ଏଣୁ ଜିଲା ପ୍ରଶାସନ ଏହି ଆଇନ୍‌ର ସୁବିଧା ସୁଯୋଗକୁ ଜିଲାର ଜନସାଧାରଣଙ୍କ ମଧ୍ୟରେ ବହୁଳ ଭାବେ ପ୍ରଚାର ପ୍ରସାର ପାଇଁ ନିବେଦନ କରିଥିଲେ । କଂଜ୍ୟୁମର କୋର୍ଟ ରାସ୍ତାକୁ ଜବରଦଖଲ ମୁକ୍ତ ଓ ସମସ୍ତେ ଦେଖି ଜାଣିପାରିଲା ଭଳି କୋର୍ଟ ବିଲ୍‌ଡିଂକୁ ବାଧାମୁକ୍ତ କରାଗଲେ ତାହା ଜନସାଧାରଣଙ୍କ ମଧ୍ୟରେ ଏହି ଆଇନ୍ ଓ କୋର୍ଟ ସଂପର୍କରେ ସଚେତନ ସୃଷ୍ଟି କରିହେବ ବୋଲି ସେ କହିଥିଲେ । ବିଶେଷକରି ଏହି ଖାଉଟି ଆଇନ୍‌ର ଗ୍ରାମାଞ୍ଚଳରେ କିପରି ସଚେତନତା ସୃଷ୍ଟି କରାଯାଇପାରିବ ଏ ନେଇ ପରାମର୍ଶ ଦେଇଥିଲେ । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଶ୍ରୀ ଟୁଡୁ, ସମ୍ମାନିତ ଅତିଥି ଭାବେ ଭଦ୍ରକ ମ୍ୟୁନସିପାଲଟି ଅଧ୍ୟକ୍ଷା ଗୁଲମକ୍କୀ ହବିବ, ଉପାଧ୍ୟକ୍ଷା ଅଂଜୁବାଳା ଜେନା, ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, କଂଜ୍ୟୁମର ଆୟୋଗର ପୂର୍ବତନ ସଦସ୍ୟା ପ୍ରତିମା ସିଂହ ପ୍ରମୁଖ ଯୋଗଦେଇ ଖାଉଟି ସଚେତନତା ସମ୍ବନ୍ଧରେ ଆଲୋଚନା କରିଥିଲେ । ଡିସିଏଲ୍‌ଏମ୍ ଶ୍ରୀ ଜେନା ପ୍ରାରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ କରି ପରିଚୟ ପ୍ରଦାନ କରିଥିଲେ । ସହଯୋଗ ଇଣ୍ଡିଆ ସଂଗଠନର ସଦସ୍ୟାମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲେ । ଏଥିରେ ଭଦ୍ରକର ସମସ୍ତ କାଉନସିଲର, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଆଇନ୍‌ଜୀବୀମାନେ ଉପସ୍ଥିତ ଥିଲେ । ମଂଚାସୀନ ଅତିଥିମାନେ ଖାଉଟି ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଆଇନ୍, ଅଧିକାର, କର୍ତ୍ତବ୍ୟ ଓ ଶୋଷଣରୁ ସୁରକ୍ଷା ପାଇବାର ଉପାୟ ଉପରେ ଆଲୋଚନା ପୂର୍ବକ ମାର୍ଗଦର୍ଶନ କରିଥିଲେ । କଂଜ୍ୟୁମର କୋର୍ଟର ୮ ଜଣ ମିଡିଏଟରଙ୍କୁ ସଭାପତି ଶ୍ରୀ ମହାନ୍ତି ମିଡିଏସନ ସଂପର୍କିତ ଟ୍ରେନିଂ ପ୍ରଦାନ କରିଥିଲେ । ପରେ ମିଡିଏଟର ମାନଙ୍କୁ କଂଜ୍ୟୁମର ଆକ୍ଟର ଏକ ବହି ପ୍ରଦାନ କରାଯାଇଥିଲା । ଶେଷରେ ସହଯୋଗ ଇଣ୍ଡିଆ ସ୍ୱେଚ୍ଛାସେବୀ ସଂଗଠନର ଉପସଭାପତି ସକୁନ୍ତଳା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।




# ଅଟଳ ବିହାରୀ ବାଜପେୟୀଙ୍କ ୯୯ତମ ଜୟନ୍ତୀ ପାଳିତ

ଜଳେଶ୍ୱର ,୨୬/୧୨ (ନି.ପ୍ର): ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରେଷ୍ଠ ପାଲ୍ୟାମେଣ୍ଟରିଆନ୍, ଯୋଗଜନ୍ମା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୯୯ତମ ଜନ୍ମ ଜୟନ୍ତୀ ଶାନ୍ତିଆଠାରେ ପାଳିତ ହୋଇ ଯାଇଛି । ସେ ଜଣେ କୃତି ସାମ୍ବାଦିକ, କବି, ସୁଲେଖକ, ଦାର୍ଶନୀକ, ରାଜନିତୀ ବିଷାରଦ, ସୁବକ୍ତା ଭାବେ ପରିଚିତ ଥିଲେ ବୋଲି ବହୁ ବକ୍ତା ମତବ୍ୟକ୍ତ କରିଛନ୍ତି । ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ପୋଖରାନଠାରେ ପରମାଣୁ ବୋମା ପରୀକ୍ଷା, ଆଦିବାସୀଙ୍କ ଉନ୍ନତିଲାଗି ମନ୍ତ୍ରଣାଳୟ, ଆୟୁଷ ମନ୍ତ୍ରଣାଳାୟ, ଅନ୍ତର୍ଦ୍ଧୟ ଓ ଅନ୍ନପୂର୍ଣ୍ଣ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡକ ଓ ସର୍ବଶିକ୍ଷା ଯୋଜନାଭଳି ବହୁ ନୂତନ ଯୋଜନା କାର୍ଯ୍ୟକାରୀ କରିଥିଲା ବେଳେ ସାରାଭାରତକୁ ଯୋଡିବାଲାଗି ସ୍ୱର୍ଣ୍ଣ ଚତୁର୍ଭୁଜ ନିର୍ମାଣ ତାଙ୍କର ଅନ୍ୟଏକ କୃତି ବୋଲି ବକ୍ତାମାନେ କହିଥିଲେ । ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ଅରୁଣ ବେଜ, ସମୀର ପାତ୍ର, ଶାନ୍ତନୁ ପଟ୍ଟନାୟକ, ତରୁଣ ପଟ୍ଟନାୟକ, ବିଶ୍ୱରୂପ ଦାସ, ତନ୍ମୟ ଚାନ୍ଦ, ପ୍ରଦୀପ ମହାନ୍ତି, ମନମୋହନ ଆଚାର୍ଯ୍ୟ, ରଂଜନ ପାତ୍ର, ରତ୍ନାକର ଜେନା, କୋମଳ ଲୋଚନ ଶତପଥି, ରବିନ୍ଦ୍ର ଜେନା, ସଂଜିବ ଜେନା, ରାଜେଶ କୁମାର ଓ ଜଗନ୍ନାଥ ଗୋଚ୍ଛାୟକ ପ୍ରମୁଖ ବକ୍ତ ରଖି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ସେହିଭଳି ବିଜେପିର ଶାନ୍ତିଆ କାର୍ଯ୍ୟାଳୟଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ଜନ୍ମ ଜୟନ୍ତୀ ପାଳିତ ହୋଇଥିଲା । ଜଳେଶ୍ୱରର ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ପୌରହିତ୍ୱରେ ଅଭିଜିତ୍ ପ୍ରଧାନ, ଧ୍ରୁବଚରଣ ପାଳ, ଦିବ୍ୟକାମ ମହାନ୍ତି, ପ୍ରଣବ ପଣ୍ଡା, ମନୋଜ ସାସମଲ, ପ୍ରତାପ ସେନାପତି, ଯ୍ୟୋତିର୍ମୟ ନନ୍ଦ, ଗଣେଶ ସରେନ୍ , ରବିନ୍ଦ୍ର ଦତ୍ତ, ସତିଶ ପରିଡା, ରତ୍ନାକର ଜେନା, ଦିବେନ୍ଦୁ ଦେ, ହିମାଂଶୁ ମଲ୍ଲିକ, ସତ୍ୟ ଚାନ୍ଦ, ଦେବେନ୍ଦ୍ର ମହାନ୍ତି, ହରେନ୍ଦ୍ର ବେହେରା ପ୍ରମୁଖ ବାଜପେୟୀଙ୍କ କର୍ମମୟ ଜୀବନ ଓ ସୁଶାସନ ସଂପର୍କରେ କହିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନୁରୂପଭାବେ ଜଳେଶ୍ୱର ୯ନମ୍ବର ଜୋନ୍ ସ୍ୱପ୍ନେଶ୍ୱର ମଣ୍ଡଳ ପକ୍ଷରୁ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି । ଏଥିରେ ସମୀର ପାତ୍ର, ସିଦ୍ଧାର୍ଥପାଳ, ଅଶୋକ ପରିଡା, ଶ୍ରୀକୃଷ୍ଣ ଗୁପ୍ତା, ଦେବଯାନୀ ବିଶ୍ୱାଳ, ତପନ ବିଶ୍ୱାଳ, କମଳାକାନ୍ତ ଦେ, ବିନୋଦ ମହାନ୍ତି, ଚିନ୍ମୟ ଦାସ, ଶ୍ୟାମଶଙ୍କର ଭୂୟାଁ, ଅରବିନ୍ଦ ମଣ୍ଡଳ, ଅରୁଣ ମହଲା, ମଧୁସୂଦନ ସାହୁ, ବିଜୟ ଖଣ୍ଡା, ବରେନ୍ଦ୍ର ପ୍ରଧାନ, ରାଧାକୃଷ୍ଣ ଦାସ, ସୁବିର ପାଳ, ରବିନ୍ଦ୍ର ପାତ୍ର, ଗିରିଶ ବିଶ୍ୱାଳ, ଦିଗାମ୍ବରୀ ଭୂୟାଁ, କମଳାକାନ୍ତ ଦେ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲି ଓ ଟମୋଟୋରେ ସାଂଟାଙ୍କ ୨୭ ଫୁଟର ପ୍ରତିକୃତି

ଗଞ୍ଜାମ,୨୬/୧୨ (ନି.ପ୍ର): ଗୋପାଳପୁର ବିଚ୍ ଫେଷ୍ଟିଭାଲ ଓ ବଡ଼ଦିନ ଉପଲକ୍ଷେ ଗୋପାଳପୁର ବେଳାଭୂମିରେ ଦେଖିବାକୁ ମିଳିଛି ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦର୍ଶନଙ୍କ ପଟ୍ଟନାୟକଙ୍କ ବାଲୁକା କଳା । ସାଂଟାକ୍ଲସଙ୍କୁ ବାଲୁକା କଳାରେ ସ୍ୱାଗତ କରିଛନ୍ତି ସୁଦର୍ଶନ । ବାଲି ଓ ଟମୋଟୋରେ ସାଂଟାଙ୍କ ୨୭ ଫୁଟ ଉଚ୍ଚର ପ୍ରତିକୃତି ନିର୍ମାଣ ହୋଇଛି । ଯାହାକି ବିଶ୍ୱର ସୁବୁଠୁ ବଡ ସାଂଟାକ୍ଲସ । ୧.୫ ଟନ୍ ର ଟମାଟୋ ଏଥିରେ ବ୍ୟବହୃତ ହୋଇଛି । ଏହାକୁ ନିର୍ମାଣ କରିବାକୁ ତାଙ୍କୁ ଦୁଇ ଦିନରୁ ଅଧିକ ସମୟ ଲାଗିଛି ।

# କୁଡୁମୁଲୁଗୁମ୍ମା ନାଗରିକ ମଂଚ ତରଫରୁ ପୂର୍ବତନ ଗୁରୁଜୀ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି ,୨୬/୧୨ (ନି.ପ୍ର): କୁଡୁମୁଲୁଗୁମ୍ମା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଅବସରପ୍ରାପ୍ତ ଓଡ଼ିଆ ଭାଷା ସାହିତ୍ୟର ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କୁ ଆଜି କୁଡୁମୁଲୁଗୁମ୍ମା ନାଗରିକ ମଂଚ, ପୂର୍ବତନ ଛାତ୍ର ସଂସଦ, ନିର୍ଝରଣୀ ସାହିତ୍ୟ ସଂସଦ ଓ ଡାରଉଇନ୍ ସ୍ମାରକୀ ଯୁକ୍ତ ତିନି ମହାବିଦ୍ୟାଳୟ ତରଫରୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଅର୍ପଣ କରାଯାଇଛି । ପୂର୍ବତନ ଛାତ୍ର ତଥା ବର୍ତ୍ତମାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ପ୍ରଧାନ ଙ୍କ ଆହ୍ୱାୟକତ୍ୱରେ ଆୟୋଜିତ ଏହି ଉତ୍ସବରେ ଯୁବ ସାମାଜିକ କର୍ମୀ ଭଗବାନ ସାହୁ, ବରିଷ୍ଠ ବୁଦ୍ଧିଜୀବୀ ହେମନ୍ତ କୁମାର ଦାଶ, ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗି, ସମାଜସେବୀ ବାଳକୃଷ୍ଣ ପ୍ରଧାନ, ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଗଣ୍ଡ, ଯୁବ କ୍ରୀଡା ସଂଗଠକ ଦେବେନ୍ଦ୍ର ରାଉତ, ସାମ୍ବାଦିକ ହୃଷିକେଶ ସେଠୀ ପ୍ରମୁଖ ଯୋଗଦାନ କରି ପୂର୍ବତନ ସାହିତ୍ୟ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ତଥା ତାଙ୍କ ପରିବାରଜନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ । କୁଡୁମୁଲୁଗୁମ୍ମା ମାଟିର କ୍ୱି ତଥା ସାହିତ୍ୟିକ ବଳରାମ ପୂଜାରୀ ମଂଚ ସଂଯୋଜନା କରିଥିବା ବେଳେ କଲେଜ ର ଅଧାପିକା ମଧୁସ୍ମିତା ବିଶ୍ୱାଳ ଓ ପୁଷ୍ପାଞ୍ଜଳୀ ରଣା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଭେଟିବାକୁ ସୁଦୂର ଯାଜପୁର ଜିଲ୍ଲାରୁ ଶ୍ରୀ ତ୍ରିପାଠୀ ଆସିଥିଲେ କୁଡୁମୁଲୁଗୁମ୍ମା ମାଟିକୁ । ନିଜ ବକ୍ତବ୍ୟରେ ଶ୍ରୀ ତ୍ରିପାଠୀ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉପଦେଶ ପ୍ରଦାନ କରିଥିଲେ । ନିଜ ଜୀବନର ଦୀର୍ଘ କୋଡ଼ିଏ ବର୍ଷ ଏଠି ଶିକ୍ଷକତା କରି ନିଜକୁ ଧନ୍ୟ ମନେ କରିବା ସହ ମାଲକାନଗିରି ମାଟିର ଭୂୟସି ପ୍ରଶଂସା କରିଥିଲେ । ଜୀବନ ବ୍ୟାପି ସାହିତ୍ୟ ସାଧନା ନିମନ୍ତେ ନିର୍ଝରଣୀ ସାହିତ୍ୟ ସଂସଦ କୁଡୁମୁଲୁଗୁମ୍ମା'' ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ନୋଡାଲ ଉଚ୍ଚ ବିଦ୍ୟାଳୟ କୁଡୁମୁଲୁଗୁମ୍ମାର ଆଗାମୀ ଦିନରେ ହେବାକୁ ଥିବା ରୌପ୍ୟ ଜୟନ୍ତୀ ପାଳନ ଅବସରରେ ପୂର୍ବତନ ଛାତ୍ର ସଂସଦ ତରଫରୁ ତାଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଇତ୍ୟବସରରେ କୁଡୁମୁଲୁଗୁମ୍ମା ମାଟିର ସମସ୍ତ ବରିଷ୍ଠ ନାଗରିକ ମାନେ ଶ୍ରୀ ତ୍ରିପାଠୀଙ୍କୁ ଭେଟିବା ସହ ଏତେ ଦୂରରୁ ଆସିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ବ୍ୟାଙ୍କ ସମୂହ ଅର୍ଥ ପରାମର୍ଶଦାତା କମିଟିର ବୈଠକ

ଗଞ୍ଜାମ,୨୬/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବ୍ୟାଙ୍କ ସମୂହ ଅର୍ଥ ପରାମର୍ଶଦାତା କମିଟୀର ଅନ୍ ଲାଇନ୍ ମାଧ୍ୟମରେ ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କ ଗୁଡିକ ଋଣ ପ୍ରଦାନ ଲକ୍ଷ୍ୟ ପୂରଣ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲାରେ ବିଭିନ୍ନ ବ୍ୟାଙ୍କ ର ମୋଟ୍ ୪୨୭ ଟି ଶାଖା ରହିଛି । ଚଳିତ ସେପ୍ଟେମ୍ବର ମାସ ସୁଦ୍ଧା ସମସ୍ତ ଶାଖାରେ ୨୪ ହଜାର ୧୧୯ କୋଟି ଟଙ୍କା ଜମା ସଂଗ୍ରହ କରାଯାଇଥିବା ବେଳେ ୧୫ ହଜାର ୯୫୪ କୋଟି ଋଣ ପ୍ରଦାନ ହୋଇଛି । ଲକ୍ଷ୍ୟଧାର୍ଯ୍ୟର ୬୬ ପ୍ରତିଶତ ଋଣ ପ୍ରଦାନ କରାଯାଇଛି । ସେହିପରି ଚଳିତ ଖରିଫ ଋତୁରେ ମୋଟ୍ ୬୩ ଲକ୍ଷ ୨ ହଜାର ୫୫୫ ଚାଷୀ କୃଷିବୀମାରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ୭ ହଜାର ୩୪୪ ଜଣ ଅଣକୃଷି ବୀମାଭୁକ୍ତ ହୋଇଛନ୍ତି । ଏବଂ ୫୭ ହଜାର ୨୭୩ ହେକ୍ଟର ଜମି ବୀମାଭୁକ୍ତ ହୋଇଛି । ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ବ୍ୟାଙ୍କ ଗୁଡିକ ଦ୍ୱାରା ଫସଲ ଋଣ ବାବଦରେ ୧୨୩୨ କୋଟି, ଛୋଟ ଓ ମଧ୍ୟମ ଶିଳ୍ପ କ୍ଷେତ୍ରରେ ୧୫୭୫ କୋଟି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ୩୫୫ କୋଟି ଋଣ ପ୍ରଦାନ କରାଯାଇଛି । ଏହା ସହ ୧୮ ହଜାର ୯୪୪ ସ୍ୱୟଂ ସହାୟକ ଗୋଷ୍ଠିଙ୍କୁ ୫୦୬.୪୪ କୋଟି ଋଣ ପ୍ରଦାନ କରାଯାଇଥିବା ବେଳେ ବଳରାମ ଯୋଜନାରେ ୧୫ ହଜାର ୨୫୦ ଜଣ ଭାଗଚାଷୀଙ୍କୁ ୧୨୮.୨୬ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିବା ସୂଚନା ମିଳିଛି ।

ଏହି ବୈଠକରେ ବିଭିନ୍ନ ସରକାରୀ ବିଭାଗର ପଦାଧିକାରୀଙ୍କ ସମେତ ସରକାରୀ ଓ ବେସରକାରୀ ବ୍ୟାଙ୍କ ର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଶେଷରେ ଗଞ୍ଜାମ ଏଲ.ଡି.ଏମ. ଅଶୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ସାହାଯ୍ୟ ଆଳରେ ସାଧୁଙ୍କ ଏଟିଏମ୍‌ରୁ ଟଙ୍କା ଲୁଟ

କୋରାଇ,୨୬/୧୨ (ନି.ପ୍ର): ଜଣେ ସାଧୁ ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯାଇଥିବାବେଳେ କେମିତି ଟଙ୍କା ଉଠାଣ ହୁଏ ଜଣା ନଥିବାରୁ ଜଣେ ଯୁବକ ତାଙ୍କୁ ସାହାଯ୍ୟ କରିବା ଆଳରେ ଟଙ୍କା ଲୁଟିନେଇଥିବା ଜଣାପଡିଛି । ପ୍ରକାଶ ଯେ ବୈତରଣୀରୋଡ ଅଂଚଳର ଜଣେ ସାଧୁ ସେବକ କୃଷ୍ଣପଦ ଦାଶ ଭାରତୀୟ ଷ୍ଟେଟବ୍ୟାଙ୍କ ଏଟିଏମରୁ ଟଙ୍କା ଉଠାଇବାକୁ ଯାଇଥିଲେ । ମାତ୍ର ଟଙ୍କା କେମିତି ଉଠଯାଏ ତାଙ୍କୁ ଜଣାନଥିବାରୁ ନିକଟରେ ଥିବା ଜଣେ ବ୍ୟକ୍ତିଙ୍କୁ ଟଙ୍କା ଉଠାଇଦେବାକୁ କହିଥିଲେ । ସାଧୁଙ୍କ କଥାରେ ରାଜି ହୋଇ ବ୍ୟକ୍ତି ଜଣଙ୍କ ଏଟିଏମ କାର୍ଡ ନେଇଥିଲେ । ମାତ୍ର ବ୍ୟକ୍ତି ଜଣଙ୍କ ଚତୁରତାର ସହ ୮ ହଜାର ୫ଶହ ଟଙ୍କା ନେଇ ଯାଇ ତୁମର ଟଙ୍କା ଉଠୁନି ବ୍ୟାଙ୍କରେ ଅଭିଯୋଗ କରି କହି ଖସି ପଳାଇଥିଲେ । ବାବା କୃଷ୍ଣପଦ ପାଣିକୋଇଲି ଷ୍ଟେଟବ୍ୟାଙ୍କକୁ ଆସି ଦେଖିବା ବେଳକୁ ରବିବାର ପାଇଁ ବ୍ୟାଙ୍କ ବନ୍ଦ ରହିଛି । ସେଠାକାର ଏଟିଏମ ସିକ୍ୟୁରିଟକୁ କହିବା ପରେ ସେ ଯାଂଚ କରି ଜାଣିବାକୁ ପାଇଲେ ତାଙ୍କ ଜମାରାଶିରୁ ୮ ହଜାର ୫ଶହ ଟଙ୍କା ଉଠାଯାଇଛି । ଫଳରେ ସାଧୁ ଜଣଙ୍କ ନିକରାଶ ହୋଇ ପାଣିକୋଇଲି ଥାନାକୁ ଯାଇଥିବା ଜଣାପଡିଛି ।

# ବୋରିଗୁମ୍ମା ବ୍ଳକରେ ଚାଷୀଙ୍କୁ ଘାରିଛି ଟୋକନ୍ ଚିନ୍ତା

ଜୟପୁର,୨୬/୧୨ (ନି.ପ୍ର): ଖରିଫ ଋତୁ ଧାନ ମଣ୍ଡି ସାରା ରାଜ୍ୟରେ ଆରମ୍ଭ ହୋଇଛି । ଚାଷୀ ବର୍ଷ ସାରା ନିଜ ଝାଳବୁହା ଅମଳ ଧାନକୁ ବିକ୍ରି କରିବା ପାଇଁ ଅପେକ୍ଷା କରିଥାଏ ମଣ୍ଡିକୁ । କିନ୍ତୁ, ମଣ୍ଡିରେ ଅନେକ ସ୍ଥାନରେ ବିଭିନ୍ନ ପ୍ରକାର ସମସ୍ୟା ଯୋଗୁଁ ଚାଷୀ ହେଉଛନ୍ତି ହନ୍ତସନ୍ତ । କେଉଁଠି ଟୋକନ୍ ଟେନ୍ସନ ତ କେଉଁଠି କଟନୀ ଛଟନୀକୁ ନେଇ ଚାଷୀ ଚିନ୍ତାରେ । ବୋରିଗୁମ୍ମା ବ୍ଲକରେ ଅନେକ ପଂଚାୟତରେ ଖରିଫ ଧନ ମଣ୍ଡି ଆରମ୍ଭ ହୋଇଯାଇଥିବା ବେଳେ ବିଭିନ୍ନ ମଣ୍ଡିରେ ଅନେକ ସମସ୍ୟା ଦେଖାଦେଇଛି ।ବୋରିଗୁମ୍ମା ବ୍ଲକ ବୋଡିଗାଁ ରେ ପ୍ରାୟ ୬୭ ଜଣ ଚାଷୀ ଏ ପର୍ଯ୍ୟନ୍ତ ଟୋକନ୍ ପାଇବାରୁ ବଂଚିତ ହୋଇଛନ୍ତି । ଅସଲ ଚାଷୀଙ୍କ ନାମରେ ଟୋକନ୍ ପ୍ରାପ୍ତ ହୋଇନାହିଁ । ଯାଂଚ୍ ରେ ତ୍ରୁଟି ରହିଛି ନା ରାଜସ୍ୱ ନିରୀକ୍ଷକଙ୍କ ସର୍ଭେରେ ତ୍ରୁଟି ରହିଛି ଫଳରେ ଚାଷୀ ନିଜ ନିଜ ଉତ୍ପାଦିତ ଧାନ ବିକ୍ରି କରିବା ପାଇଁ ଅନେଇ ବସିଛନ୍ତି । ଉପଗ୍ରହ ସର୍ଭେ ଅନୁସାରେ ଅସଲ ଚାଷ ଜମିକୁ ଦେଖା ଯାଇଛି କେଉଁଠି ନୀଳଗିରି ଜଙ୍ଗଲ ତ କେଉଁଠି ମକ୍କା ଚାଷ ଜମି । ଏଭଳି ତ୍ରୁଟି ଯୋଗୁଁ ଚାଷୀ ଟୋକନ୍ ପାଇବାରେ ବଂଚିତ ହୋଇଛନ୍ତି । ଏ ନେଇ ବୋଡିଗାଁର ଅନେକ ଚାଷୀ ଜିଲ୍ଲାପାଳ, ଭୁବନେଶ୍ୱର ସେକ୍ରେଟାରୀ ଏବଂ କୃଷିମନ୍ତ୍ରୀ ଅତୁନ ସବ୍ୟସାଚୀଙ୍କୁ ଭେଟି ଟୋକନ୍ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବୋଡିଗାଁ ଅଂଚଳର ପ୍ରାୟ ୬୭ ଜଣ ଅସଲ ଚାଷୀଙ୍କୁ ଟୋକନ୍ ମିଳିନଥିବା ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଆଜି ବୋଡିଗାଁ ରାଜସ୍ୱ ନିରୀକ୍ଷକ, ଯୋଗାଣ ଅଧିକାରୀ, ଗ୍ରାମ ସେବକ ପ୍ରମୁଖ ଏକ ଟିମ ପହଂଚି ଚାଷ ଜମିକୁ ଯାଂଚ୍ କରିଥିଲେ । ଅତି ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି । ସେପଟେ ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ମଣ୍ଡି ଅଚଳ କରିବେ ଏବଂ ଚାଷୀ ରାଜରାସ୍ତାକୁ ଅଳହାଇବେ ବୋଲି ଚେତାବନୀ ଦେଇଛନ୍ତି ।

ତେବେ କେତେବେଳେ କଟନୀ ଛଟନୀ ତ କେତେବେଳେ ଟୋକନ୍ ଟେନ୍ସନ ଚାଷୀ ଏ ସବୁ ସମସ୍ୟାରୁ ମୁକୁଳିବ କେବେ ଚାଷୀଙ୍କ ମୁହଁରେ ହସ ଫୁଟିବ କେବେ ତାକୁ ହିଁ ଅପେକ୍ଷା ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରୀନିବାସରେ ଜ୍ୱର ଆତଙ୍କ

ଗଞ୍ଜାମ,୨୬/୧୨ (ନି.ପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଜଣେ ଛାତ୍ରୀ ହଠାତ୍ ଅସୁସ୍ଥ ହୋଇପଡିଥିବା ଜଣାପଡିଛି । ତିନି ଦିନ ହେଲା ସେ ଥଣ୍ଡା, ଜ୍ୱରରେ ପୀଡ଼ିତ ହେବା ସହ ଅସୁସ୍ଥ ଥିଲେ । ଗତକାଲି ରାତିରେ ଅଧିକ ଅସୁସ୍ଥତା ଅନୁଭବ କରିବାରୁ ବିଶ୍ୱବିଦ୍ୟାଳୟ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସିତ ହୋଇ ସାମାନ୍ୟ ସୁସ୍ଥତା ଅନୁଭବ କରିବା ପରେ ସେ ଛାତ୍ରୀନିବାସ (ହଷ୍ଟେଲ)କୁ ଫେରିଥିଲେ । ହେଲେ ଆଜି ପୁଣି ଥରେ ସମ୍ପୃକ୍ତ ଛାତ୍ରୀ ଜଣକ ଅସୁସ୍ଥ ଅନୁଭବ କରିବା ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ଯାଇ ନିଜର ରକ୍ତ ପରୀକ୍ଷା କରାଇଛନ୍ତି । ଡ଼ାକ୍ତର ପରାମର୍ଶ ସହ ଔଷଧ ଧରି ଫେରିଛନ୍ତି ।

# ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘ ଶାଖା ଆବାହକ ବୈଠକ

କେନ୍ଦ୍ରାପଡ଼ା,୨୬/୧୨ (ନି.ପ୍ର): ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘ କେନ୍ଦ୍ରାପଡା ଶାଖା ସମସ୍ତ ବ୍ଲକ ଓ ମୁନିସିପାଲିଟିର ଆବାହକ ମାନଙ୍କ ଏକ ବୈଠକ କଲେଜ ନିକଟରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଶାଖା କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମତୀ ବାହାଲି ଟୁଡୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ସାଧାରଣ ସଂପାଦକ ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆସନ୍ତା ମାସରେ ସଂଘ ଡାକରାରେ ଏକ ମହା ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ । ଏହି ସମ୍ମିଳନୀରେ ସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିବା ସହ ମହା ସମ୍ମିଳନୀ ପାଇଁ ସମସ୍ତ ବ୍ଲକର ଶାଖା ଆବାହକ ଓ ମୁନିସିପାଲିଟି ଆବାହକ ମାନେ ନିଜ ନିଜର ଦାୟିତ୍ୱ ତୁଲାଇବା ସହ ସଂଘର ବିଭିନ୍ନ ସମସ୍ୟା ଯଥା ମହିଳା ନିର୍ମାଣ ଶ୍ରମିକ ମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଉ ନାହିଁ, ଝିଅ ବିବାହର ଓ ପାଠପଢା ଖର୍ଚ୍ଚର ଅନୁଦାନ ମିଳୁନାହିଁ ଏବଂ ଚିକିତ୍ସା ସହାୟତା ଦିଆଯିବା ଆଦି ସମସ୍ୟା ବିଷୟରେ ବାରମ୍ବାର କେନ୍ଦ୍ରାପଡା ଜିଲ୍ଲାପାଳ ଓ ଶ୍ରମ କମିଶନର, ମୁଖ୍ୟମନ୍ତ୍ରୀ ଆହୁରି ବହୁ ଉଚ୍ଚ ପଦସ୍ଥ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କିଛି ଫଳପ୍ରଦ ହେଉନାହିଁ ।

# ସ୍କର୍ପିଓ ଧକ୍କାରେ ସଫେଇ କର୍ମଚାରୀଙ୍କ ମୃତ୍ୟୁ

କନ୍ଧମାଳ,୨୬/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବଜାରରେ ସ୍କର୍ପିଓ ଧକ୍କାରେ ଜଣେ ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ତାନବୁରୁ ନାୟକ (୫୫) । ସମ୍ପୃକ୍ତ ସଫେଇ କର୍ମଚାରୀ ଜଣକ ଆଜି ଭୋର୍ ପ୍ରାୟ ୫ଟା ସମୟରେ ରାସ୍ତା କଡ଼ରେ ସଫେଇ କାର୍ଯ୍ୟ କରୁଥିବା ବେଳେ ଦୃତ ଗତିରେ ଆସୁଥିବା ଏହି ସ୍କର୍ପିଓଟି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି । ଖବର ପାଇ ତୁମୁଡ଼ିବନ୍ଧ ଥାନା ପୋଲିସ ସେଠାରେ ପହଂଚି ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଦୁର୍ଘଟଣା ଘଟାଇଥିବା ସ୍କର୍ପିଓକୁ ଜବତ କରିବା ସହ ଗାଡିର ଡ୍ରାଇଭର ଓ ଯାତ୍ରୀଙ୍କୁ ଅଟକ ରଖି ପଚରା ଉଚୁରା ଚଳାଇଛି । ଏ ସଂକ୍ରାନ୍ତରେ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଛି ।

# ପୂର୍ବତନ ବିଧାୟକ ପ୍ରସନ୍ନ ପାଳଙ୍କ ୧୭ତମ ଶ୍ରାଦ୍ଧବାର୍ଷିକୀ

ଜଳେଶ୍ୱର ,୨୬/୧୨ (ନି.ପ୍ର): ପୂର୍ବତନ ବିଧାୟକ ପ୍ରସନ୍ନ ପାଳଙ୍କ ୧୭ତମ ଶ୍ରାଦ୍ଧବାର୍ଷିକୀ ଆଜି ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଡ. ଶ୍ରୀକାନ୍ତ ଚରଣ ପାତ୍ର ଅଧ୍ୟକ୍ଷତା କରି ପୂଜ୍ୟ ପୂଜାର ବ୍ୟତିକ୍ରମ କରାନଯିବା ସହିତ ସୁବର୍ଣ୍ଣରେଖାର ସେତୁ ଲାଗି ସେ ବାରମ୍ବାର ଦାବି କରି ଆସୁଥିବାରୁ ତାହା ତାଙ୍କ ନାମରେ ନାମିତ ହେଉ ବୋଲି କହିଥିଲେ । କବି କାଳିପଦା ପଣ୍ଡା ମୁଖ୍ୟ ଅତିଥି ଓ ଡ. ରମାକାନ୍ତ ଭଂଜ ମୁଖ୍ୟ ବକ୍ତଭାବେ ଯୋଗ ଦେଇ ପ୍ରସନ୍ନ ବାବୁ ତତଥକାଳୀନ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ୧୪ଟି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁବଳ ଚନ୍ଦ୍ର ପରିଡା, ରମେଶ ଚନ୍ଦ୍ର ନାୟକ, ସୁଶାନ୍ତ ମହଲା, ବିଷ୍ଣୁପ୍ରସାଦ ପାଲ, ସୀତାରାମ ଦାସ, ମହେଶ ପାଳ, ଅଶୋକ ବେହେରା, ଅମ୍ରିତ ପାଳ, ଜଳଧର ଭଂଜ ପ୍ରମୁଖ ବକ୍ତବ୍ୟ ରଖି ସେ ଜଣେ ସୁସଗଂଠକ, ଶିକ୍ଷାପ୍ରେମୀ, ଛାତ୍ରୟବତ୍ସଳ, କର୍ତ୍ତବ୍ୟ ପରାୟଣ, ଦରଦୀ ଜନନାୟକ, ମିଷ୍ଟଭାଷୀ ଭାବେ ଅବିହିତ କରିଥିଲେ । ଦୀର୍ଘ ୧୮ବର୍ଷ କାଳ ବିଧାୟକଭାବେ ସେ ଅଭିଭକ୍ତ ଜଳେଶ୍ୱର ବାଲିଆପାଳର ବହୁ କିର୍ତ୍ତୀ ଅର୍ଜନ କରିଥିବା ବକ୍ତାମାନେ କହିଥିଲେ । ରାଜପୁର-ଶିଖରପୁର ସେତୁର ନାମକରଣ ତାଙ୍କ ନାମାନୁସାରେ ହେଉବୋଲି ନିର୍ବାଚନ ମଣ୍ଡଳୀରୁ ଆୱାଜ୍ ଉଠୁଥିବା ସେଠାରେ କେତେକ ବ୍ୟକ୍ତି ଦାବି କରିଥିଲେ । ତାଙ୍କ ପୁତ୍ର ତନ୍ମୟାନନ୍ଦ ପାଳ ଏହି କାର୍ଯ୍ୟ ପରିଚାଳନା କରିଥିଲେ । ୪୦ଜଣ ଗରିବ ଲୋକଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା ।

# ସିଲ୍କ ଶାଢ଼ିରେ ଟ୍ରେଣ୍ଡି ଡ୍ରେସ୍



**ଘରେ ପୁରୁଣା ସିଲ୍କ ଶାଢ଼ି ଥିବ ଯାହା କେବଳ ୱାର୍ଡରୋବର ଗୋଟିଏ କୋଣରେ ସାଇତା ହୋଇ ରହିଥିବ । ଏହାକୁ ନୂଆ ଅନ୍ଦାଜ୍ ଏବଂ ଷ୍ଟାଇଲିଶ ଲୁକ୍ ଦେବାକୁ ଚାହୁଁଥିଲେ, ଫ୍ୟାଶନ ଦୁନିଆରେ ଆସିଛି ନୂଆ ଫଣ୍ଡା । ଏଭଳି ଶାଢ଼ିରେ ଟ୍ରେଣ୍ଡି ଷଡ୍‌ସ୍ ତିଆରି କରି ମଡର୍ଣ୍ଣ ଲୁକ୍ ବି ପାଇପାରିବେ ।**

### ସିସଲ୍କ ସ୍କର୍ଟ କିମ୍ବା ସଚାରା :

ସିଲ୍କ ଶାଢ଼ିରେ ସଚାରା ଶୁଟ କିମ୍ବା ସ୍କର୍ଟ ତିଆରି କରି ପିନ୍ଧିପାରିବେ । ଫଙ୍କସନ ପାଇଁ ଏହା ସବୁଠୁ ବେଷ୍ଟ ଅପ୍ସନ । ଏଭଳି ଉପାୟ ଅନେକ ବଲିଉଡ ଅଭିନେତ୍ରୀ ଆପଣାଇ ସାରିଛନ୍ତି । ଚାହିଁଲେ ଏହି ଡିଜାଇନ ପାଇଁ ଡ୍ରେସର ତଳ ଭାଗକୁ ସିମ୍ପଲ ରଖିପାରିବେ ନଚେତ ଶାଢ଼ି ବର୍ଡର ଲଗାଇପାରିବେ ।



### ଡ୍ରେସ୍ :

ଯଦି କୌଣସି ବିବାହ ଉତ୍ସବରେ ଯୋଗଦେବାକୁ ଯାଉଛନ୍ତି, ତେବେ ସିଲ୍କ ଶାଢ଼ିରେ ତିଆରି ଡ୍ରେସ୍ ବେଶ୍ ସୁନ୍ଦର ଦିଶିବ । ପୁରୁଣା ଶାଢ଼ିରେ ୱାନ୍ ପିସ୍ ଡ୍ରେସ୍ ତିଆରି କରନ୍ତୁ; ଏହା ଭିଡ଼ ଭିତରୁ ଆପଣଙ୍କୁ ଅଲଗା ଲୁକ୍ ଦେବ । ରହିଲେ ତା' ଉପରେ ଏମ୍ବ୍ରୋୟଡରି ଡିଜାଇନ୍ କରିପାରିବେ ।

### ସିଲ୍କ କୁର୍ତ୍ତା :

ସ୍କର୍ଟ ସହ ସିଲ୍କ କୁର୍ତ୍ତା ପିନ୍ଧିବାର ଟ୍ରେଣ୍ଡ ଏବେ ବେଶ୍ ଚାହିଦାରେ ରହିଛି । ଶାଢ଼ିର ପ୍ଲେନ୍ ଭାଗକୁ ସ୍କର୍ଟ ଏବଂ ପଣତକୁ କୁର୍ତ୍ତା ପାଇଁ ବ୍ୟବହାର କରିପାରିବେ । ଶାଢ଼ି ପଣତର ଡିଜାଇନ ଭାଗକୁ ସମ୍ମୁଖକୁ ରଖିଲେ ବେଶ୍ ସୁନ୍ଦର ଦିଶିଥାଏ ।

### ସିଲ୍କ ଟ୍ରାଉଜର :

ଚାହିଁଲେ ୱେଷ୍ଟର୍ଣ୍ଣ ଡ୍ରେସ୍ଟି ଏଥିରେ ତିଆରି କରିପାରିବେ । ସିଲ୍କ ଟ୍ରାଉଜର୍ସ ଏବଂ କ୍ୟୁଲାଟ୍ସ ମଧ୍ୟ ତିଆରି କରି ପାରିବେ ।



### ସିଲ୍କ ଦୁପଟ୍ଟା :

ପ୍ଲେନ ଶୁଟ୍ ସହ ସିଲ୍କ ଶାଢ଼ିରେ ତିଆରି ଦୁପଟ୍ଟା ବେଶ୍ ରୟାଲ ଲୁକ୍ ଦେଇଥାଏ । ପାର୍ଟିୱେର ଭାବେ ଏହାକୁ ବ୍ୟବହାର କରିପାରିବେ ।



## ମସରୁମ୍ କୋର୍ମା



### ସାମଗ୍ରୀ:

କଟାପିଆଜ- ୧କପ୍, କଟା ବଟନ ଛତୁ- ୨କପ୍, କଟା ଆଳୁ- ୧, କଟାଗାଜର-୧/୨କପ୍, ଗ୍ରୀନ ମଟର-୧/୨କପ, କଟା କଞ୍ଚାଲଙ୍କା, ଅଦାରସୁଣ ପେଷ୍ଟ- ୧ଚାମଚ, ଲଙ୍କାଗୁଣ୍ଡ-୧/୨ ଚାମଚ, ଧନିଆଗୁଣ୍ଡ-୧/୨ ଚାମଚ, ହଳଦୀ ଗୁଣ୍ଡ,୧/୨ ଚାମଚ, ଦହି-୧/୨କପ୍, କାଜୁ- ୫୦ଗ୍ରାମ, ଚାରମଗଜ-୧/୪ କପ୍, ନଡ଼ିଆ କୋରା- ୧/୨ କପ୍, ତେଜପତ୍ର-୨, ଗୁଜରାତି -୨. ଲବଙ୍ଗ-୨, ଜିରା-୧/୪ ଚାମଚ, ଡାଲଚିନି-୧ଇଞ୍ଚ, କଟା ଧନିଆ ପତ୍ର-୨ଚାମଚ, ଲୁଣ, ତେଲ, ତେଲ ଏବଂ ପାଣି ଆବଶ୍ୟକ ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ଚାରମଗଜ, କାଜୁକୁ ପାଣିରେ କିଛି ସମୟ ଭିଜାଇ ରଖନ୍ତୁ । ଗ୍ରାଇଣ୍ଡରରେ କୋରା ନଡ଼ିଆ, ଅଳ୍ପ ପିଆଜ, ଚାରମଗଜ, କାଜୁକୁ ପକାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏବେ କଡ଼େଇରେ ତେଲ ଗରମ କରି ଜିରା, ତେଜପତ୍ର, ଲବଙ୍ଗ, ଗୁଜରାତି ଏବଂ ଡାଲଚିନି ପକାନ୍ତୁ । ସାମାନ୍ୟ ଭାଜି ହେବା ପରେ ବଳକା ପିଆଜ, କଞ୍ଚାଲଙ୍କା ପକାଇ ସୁନେଲି ହେବାକୁ ଛାଡ଼ନ୍ତୁ । ଏବେ ଅଦାରସୁଣ ପେଷ୍ଟ, ଧନିଆ ଗୁଣ୍ଡ, ଜିରାଗୁଣ୍ଡ, ହଳଦୀ, ସାମାନ୍ୟ ଲୁଣ, ଲଙ୍କାଗୁଣ୍ଡ ପକାଇ ମସଲାକୁ କଷନ୍ତୁ । ମସଲା କଷି ହେବା ପରେ ସେଥିରେ ଗ୍ରୀନ ମଟର, ଛତୁ ଏବଂ ଆଳୁ ପକାଇ କିଛି ସମୟ ସିଝିବାକୁ ଛାଡ଼ନ୍ତୁ । ଏବେ ସେଥିରେ କାଜୁ ମିଶ୍ରଣ ପେଷ୍ଟକୁ ପକାଇ ଆଉ ଟିକିଏ ଗୋଳାନତୁ । ଶେଷରେ ଦହି ଓ ସାମାନ୍ୟ ପାଣି ଲୁଣ ପକାଇ ଘୋଡ଼ାଇ ଦିଅନ୍ତୁ । ଫୁଟିଆସଲେ ପ୍ଲେଟକୁ କାଢ଼ ଧନିଆ ପତ୍ରରେ ଗାର୍ଣ୍ଣିସ୍ କରି ଗରମ ପରଷନ୍ତୁ ।



## ଜାଣନ୍ତି କି ?

ଚବିଶ ବର୍ଷରୁ କମ ବୟସ୍କଙ୍କୁ କୌଣସି ପ୍ରକାରର ଅବସାଦ ବିରୋଧୀ ଔଷଧ ବା ଆଣ୍ଟି-ଡିପ୍ରେସାନଟ ଦେବା ବିପଦଜ୍ଜନକ ହୋଇପାରେ । କମ୍ ବୟସ୍କଙ୍କଠାରେ ଏ ଭଳି ଔଷଧ ଆତ୍ମହତ୍ୟା ପ୍ରବଣତା ଚଢ଼ାଉଥିବା, ଏକ ଅଧ୍ୟୟନରୁ ଜଣାପଡ଼ିଛି ।

ଯେଉଁ ଶିଶୁମାନେ ନଖ କାମୁଡ଼ନ୍ତି, ଆଙ୍ଗୁଠି ଚୂଷନ୍ତି, ସେମାନେ ଭବିଷ୍ୟତରେ ଆଲର୍ଜି ଭୋଗିବାର ଆଶଙ୍କା ଅନ୍ୟମାନଙ୍କ ତୁଳନାରେ ଢ଼େର ଅଧିକ । ଜୀବାଣୁ -ବିରୋଧୀ ସାବୁନ ମଣିଷ ଶରୀରରେ ହରମୋନ ଭାରସାମ୍ୟ ନଷ୍ଟ କରୁଥବବା ପ୍ରମାଣିତ । ତେଣୁ, ସମସ୍ତେ ଏ ବାବଦରେ ସତର୍କ ରହିବା ଉଚିତ ।

# କେଶ ଝଡ଼ା ରୋକିବ ପିଆଜ




ପ୍ରତିଦିନ ମୁଣ୍ଡ କୁଣ୍ଡାଇଲେ କିଛି କେଶ ଉପୁଡ଼ିଯାଏ ଓ କେତେକ କ୍ଷେତ୍ରରେ କେଶ ମଧ୍ୟ ବଢ଼ିନଥାଏ । ଯାହାକୁ ଭାବି ଆମେ ବହୁତ ଦୁଃଖ ଅନୁଭବ କରିଥାଉ । ଆମେ ସାଧାରଣତଃ ଭାବୁ ମାନସିକ ଦୁର୍ଶ୍ଚିନ୍ତା ଯୋଗୁଁ କେଶ ଝଡ଼ିଥାଏ । ପ୍ରକୃତରେ ଏପରି କିଛି ହୋଇ ନନଡ଼ଥାଏ । କେଶ ଝଡ଼ିବା ରୋକିବାକୁ ଓ କେଶ ବଢ଼ାଇବାକୁ ଆମେ ଅନେକ ପ୍ରକାର କେମିକାଲ ବ୍ୟବହାର କରିଥାଉ । କିନ୍ତୁ ଏଥିରେ କେଶ ଝଡ଼ିବା ବନ୍ଦ ହୋଇନଥାଏ, ବରଂ ଅଧିକ କ୍ଷତି ହୋଇଥାଏ । ଅନେକ ସମୟରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ । ତେବେ ଆମ ହାତପାହାନ୍ତାରେ ଏମିତି କିଛି ଜିନିଷ ସବୁ ରହିଛି ଯାହାକୁ ଆମେ କେଶ ଝଡ଼ିବା ରୋକିବା ପାଇଁ ବ୍ୟବହାର କରିପାରିବା । ପୁଣି ସେଗୁଡ଼ିକରେ ପାର୍ଶ୍ୱ ପ୍ରତିକ୍ରିୟାର ବି ଭୟ ନଥାଏ । ଯେପରିକି ପିଆଜ । ପିଆଜ ରସ କେଶ ଝଡ଼ା ରୋକିବାରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇତାଏ । ପିଆଜ ରସ କେଶର ମୂଳକୁ ଶକ୍ତ ରଖେ । ଫଳରେ କେଶ ଝଡ଼ିବା ରସରେ କୌଣସି କେମିକାଲ୍ ନଥାଏ । ସେଥିପାଇଁ ତାକୁ ବ୍ୟବହାର କଲେ ଆମ କେଶର ଉପରେ କିଛି ଖରାପ ପ୍ରଭାବ ପକାଇ ନଥାଏ । ଏଥିରୁ ଆଉ ଏକ ଉପକାର ବି ମିଳିଥାଏ । ଏହି ରସ ବ୍ୟବହାର କରିବା ଦ୍ୱାରା ରୁପି ସମସ୍ୟା ଦୂର ହୋଇଥାଏ ।

**ପ୍ରଥମେ ପିଆଜ ରସକୁ କେଶରେ ସବୁଅଂଶରେ ଭଲ ଭାବେ ଲଗାଇଦେବା । ଲଗାଇବାର ୩୦ ମିନିଟ୍ ପରେ କେଶକୁ ସାମ୍ପୁ ଦ୍ୱାରା ଧୋଇଦେବା । ପିଆଜ ରସକୁ ଆମେ ପ୍ରତିଦିନ ମହୁ ସହିତ ମିଶାଇ କେଶରେ ଲଗାଇପରିବା ।**

# ମହିଳାଙ୍କ ଅଣ୍ଟାବିନ୍ଧାର କାରଣ ଇଣ୍ଟରନେଟ୍



୫ ଜଣରୁ ଜଣେ ଅର୍ଥାତ୍ ୨୦ ପ୍ରତିଶତ ମହିଳା ପ୍ରତିଦିନ ଅଣ୍ଟାବିନ୍ଧା ଯନ୍ତ୍ରଣାର ଶିକାର ହେଉଥିବା କହିଥିଲେ । ୩ ଭାଗରୁ ଏକ ଭାଗ ମହିଳା ଅଳ୍ପ କେତେ ଦିନ ବ୍ୟବଧାନରେ ଅଣ୍ଟାବିନ୍ଧା ଯନ୍ତ୍ରଣା ଭୋଗ କରୁଥିବାବେଳେ ୪ ଭାଗରୁ ଏକ ଭାଗ ମହିଳା ପ୍ରତି ସପ୍ତାହରେ ଥରେ ପିଠି ଯନ୍ତ୍ରଣା ଅନୁଭବ କରିଥାନ୍ତି ବୋଲି କହିଥିଲେ । ତେବେ ଅଂଶଗ୍ରହଣ କାରୀଙ୍କ ଯନ୍ତ୍ରଣା ଯୋଗୁ ସହଜରେ ଚାଲି ପାରନ୍ତି ନାହିଁ ବୋଲି ମତ ଦେଇଥିଲେ ।



ଅଣ୍ଟାବିନ୍ଧା ଏଭଳି ଏକ ରୋଗ ଯାହା ଏଥିରେ ପୀଡିତ ବ୍ୟକ୍ତିଙ୍କୁ ମାନସିକ ସ୍ତରରେ ଅଧିକ ଆଘାତ ପହଞ୍ଚାଇ ଥାଏ । ନିୟମିତ ଔଷଧ ସେବନ କରିବା ଦ୍ୱାରା ଉପଶମ ମିଳିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ରୂପେ ଭଲ ହୋଇ ନ ଥାଏ । ମହିଳାମାନେ ଇଣ୍ଟରନେଟ୍ ବ୍ୟବହାର କରିବା ଦ୍ୱାରା ଅଣ୍ଟାବିନ୍ଧା ରୋଗରେ ପୀଡିତ ହୋଇଥାନ୍ତି ବୋଲି ଏକ ଗବେଷଣାରୁ ଜଣାପଡିଛି । ବ୍ରିଟେନ୍‌ର ଗବେଷକମାନେ କରିଥିବା ଏକ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, ଇଣ୍ଟର୍‌ନେଟ୍ ମାଧ୍ୟମରେ ଫେସ୍‌ବୁକ୍, ଟ୍ୱିଟର୍ ଭଳି ସୋସିଆଲ୍ ନେଟ୍‌ୱର୍କି ସାଇଟ୍ ବ୍ୟବହାର କରୁଥିବା ଅଧିକାଂଶ ମଧ୍ୟମ ବୟସ୍କା ମହିଳା ଅଣ୍ଟାବିନ୍ଧା ଯନ୍ତ୍ରଣା ଭୋଗ କରିଥାନ୍ତି । ଏ ସମ୍ପର୍କରେ ଜାଣିବା ନିମନ୍ତେ ଗବେଷକମାନେ ସୋସିଆଲ ନେଟ୍‌ୱର୍କି ସାଇଟ୍ ବ୍ୟବହାର କରୁଥିବା ୩୫ ରୁ ୫୦ ବର୍ଷ ବୟସ୍କା ୧୦୦୦ ମହିଳାଙ୍କ ମତ ସଂଗ୍ରହ କରିଥିଲେ । ପ୍ରତି ୪ ଜଣରୁ ୩ ଜଣ ଅର୍ଥାତ୍ ୭୫ ପ୍ରତିଶତ ମହିଳା ଦୀର୍ଘ ସମୟ ଇଣ୍ଟର୍‌ନେଟ୍ ବ୍ୟବହାର କରି ଦାରୁଣ ଅଣ୍ଟାବିନ୍ଧା ଯନ୍ତ୍ରଣା ଭୋଗୁଥିବାର କହିଥିଲେ । ପ୍ରତି

ଅଣ୍ଟାବିନ୍ଧା ଏଭଳି ଏକ ରୋଗ ଯାହା ଇଣ୍ଟନେଟ୍ ବ୍ୟବହାରକାରୀଙ୍କ ଜୀବନରେ ଅନେକ ଅସୁବିଧା ସୃଷ୍ଟି କରିଥାଏ । ଅଣ୍ଟାବିନ୍ଧାରେ ପୀଡିତ ବ୍ୟକ୍ତି ନିଜର ଦୈନନ୍ଦିନ କାର୍ଯ୍ୟକୁ ସଠିକ ଭାବରେ ସମ୍ପାଦନ କରିପାରନ୍ତି ନାହିଁ ଯାହି । ଫଳରେ ସେମାନଙ୍କ ସାମାଜିକ ଜୀବନ କ୍ଷତିଗ୍ରସ୍ତ ହୁଏ ବୋଲି ଫିଜିଓ ଥେରାପିଷ୍ଟ ସ୍ୟାମି ମାର୍ଗୋ କହିଛନ୍ତି ।

## ଘରୁ ସୁଖଶାନ୍ତି ହଜି ଯାଇଛି କି ? : ବ୍ୟବହାର କରନ୍ତୁ କର୍ପୁର

ଘରେ ସବୁବେଳେ ସୁଖଶାନ୍ତି ବିରାଜମାନ କରୁ ବୋଲି ସମସ୍ତେ କାମନା କରିଥା'ନ୍ତି । ହେଲେ ବହୁ ପ୍ରଚେଷ୍ଟା ସତ୍ତ୍ୱେ ବେଳେବେଳେ ଏପରି ସ୍ଥିତି ଉପୁଜେ, ଯାହା ଦ୍ୱାରା ଘରର ଶାନ୍ତି ଭଙ୍ଗ ହୁଏ । ଏପରି ସ୍ଥିତି ଘରର ବାସ୍ତୁ ଦୋଷ ଯୋଗୁ ମଧ ସୃଷ୍ଟି ହୋଇପାରେ । ଘରର ବାସ୍ତୁ ଦୋଷ ଦୂର କରିବାକୁ ଲୋକ ବହୁ ଚେଷ୍ଟା କରିଥା'ନ୍ତି । ଏଥିପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରନ୍ତି । ଏଥିରୁ କେତେବେଳେ ସୁଫଳ ମିଳିଥାଏ ତ କେତେବେଳେ ନିରାଶ ହେବାକୁ ପଡ଼ିଥାଏ । ହେଲେ ଜାଣିଛନ୍ତି, ଖଣ୍ଡେ କର୍ପୁର ଘରୁ ବାସ୍ତୁ ଦୋଷ ଦୂର କରିପାରେ ।

କର୍ପୁରର ବ୍ୟବହାର ଦ୍ୱାରା ଘର ସକାରାତ୍ମକ ଶକ୍ତି ଭରି ଯାଇଥାଏ । ଏଥିପାଇଁ ଆପଣ ସବୁଦିନ ସକାଳେ ଓ ସନ୍ଧ୍ୟାରେ ଘରେ ଦେଶୀ ଘିଅରେ କର୍ପୁର ରଖି ତାକୁ ଜାଳନ୍ତୁ । ଏହାକୁ ଘରର ଚାରିପଟେ ବୁଲାଇଲେ ଘରେ ସୁଖଶାନ୍ତି ବିରାଜମାନ କରିଥାଏ ।

କର୍ପୁରର ବ୍ୟବହାର ଦ୍ୱାରା ଘରେ ମା' ଲକ୍ଷ୍ମୀଙ୍କ କୃପା ବଜାୟ ରହେ ବୋଲି କୁହାଯାଏ । ଏଥିପାଇଁ



ଆପଣ କର୍ପୁର ଓ ଲବଙ୍ଗର ବ୍ୟବହାର କରିପାରିବେ । ସବୁଦିନ ରାତିରେ ରୋଷେଇ ଘର କାମ ସରିବାପରେ ଏକ ପାତ୍ରରେ କର୍ପୁର ଓ ଲବଙ୍ଗକୁ ନେଇ ସେଥିରେ ଅଗ୍ନି ସଂଯୋଗ କରନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କ ଘରର ଭଣ୍ଡାର କେବେବି ଖାଲି ରହିବ ନାହିଁ ।

## ଯୋଗ ପ୍ରୟୋଗ ସହଜ ବୀରାସନ

**ଛିଡାହେବା ଏବଂ ଚାଲିବା ଶରୀରର ପ୍ରମୁଖ କାର୍ଯ୍ୟ । ପାଦ, ଗୋଡ ଏବଂ ଜଙ୍ଘ ଏହି କାର୍ଯ୍ୟ ଲାଗି ବିଶେଷ ଭୂମିକା ଗ୍ରହଣ କରିଥାଏ । ଏଥିରେ ବଳାଗଣ୍ଠି, ଆଣ୍ଠୁ ଓ ନିତମ୍ବ ଅସ୍ଥିର ଯୋଡେଇ ସ୍ଥାନ ଉପରେ ଚାପ ପଡେ । ଏସବୁ ସ୍ଥାନକୁ ସୁସ୍ଥ ଓ ସୁଦୃଢ ରଖିବା ଲାଗି ବୀରାସନ ଖୁବ୍ ସହଜ ଏବଂ ସୁନ୍ଦର ଉପାୟ ।**

*ପ୍ରକ୍ରିୟା :*

- ଟାଣ ଫୋମ୍ ବା ସ୍ୱଞ୍ଜର ଦୁଇଟି ୮X୪X୪ ଇଞ୍ଚ ଇଟା ନିଅନ୍ତୁ ।
- ତଳେ ଏକ ଲମ୍ବା ଚଟେଇ କିମ୍ବା ଚାଦର ବିଛାଇ ଚକା ପକାଇ ସଳଖ ଭାବେ ବସିପଡନ୍ତୁ ।
- ଇଟା ଦୁଇଟିକୁ ଗୋଟିଏ ଉପରେ ଗୋଟିଏ ରଖିବେ ।
- ନିତମ୍ବ ତଳେ ଯେପରି ଇଟା ରହୁଥିବ ।
- ଆଣ୍ଠୁ ଦୁଇଟିକୁ ଆରାମରେ ପରସ୍ପର ସହ ଯୋଡି ରଖନ୍ତୁ ।
- ଧୀରେ ଶ୍ୱାସକ୍ରିୟା ସହ ପ୍ରାୟ ତିନି ମିନିଟ୍ ଏପରି ସ୍ଥିତିରେ ରହିବେ ।
- ଏବେ ଧୀରେ ଉଠିବା ସହ ଗୋଡଦୁଇଟିକୁ ଆଗକୁ ଲମ୍ବାଇ ଦିଅନ୍ତୁ ।
- ଚକା ପକାଇ ବସିବେ ଏବଂ କିଛି ସମୟ ଆରାମ କରିବା ପରେ ଏହାର ପୁନରାବୃତ୍ତି କରିପାରନ୍ତି ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୭ ଡିସେମ୍ବର ୨୦୨୨, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଜେଲେନ୍‌ସ୍କିଙ୍କ ଯାତ୍ରା ....

ଦଶମାସ ହୋଇଗଲାଣି ୟୁକ୍ରେନ୍ ବିରୁଦ୍ଧରେ ରୁଷିଆର ଯୁଦ୍ଧକୁ। ଏହା ଭିତରେ ବିଶ୍ୱର ଅନେକ ନେତା ଉଦ୍ୟମ କରିଛନ୍ତି ଯୁଦ୍ଧ ବନ୍ଦ କରିବାକୁ- କେହି ମଧ୍ୟସ୍ଥି ସାଜି ତ ଆଉ କେହି ମାନବ ସମାଜର ହିତ ଦୃଷ୍ଟିରୁ ନିନ୍ଦା କରିଛନ୍ତି ରୁଷିଆର ଏପରି କାର୍ଯ୍ୟକୁ। ଭାରତ ରୁଷିଆକୁ ସିଧାସଳଖ ସମର୍ଥନ କରିନାହିଁ କି ନିନ୍ଦା କରିନାହିଁ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରୋକ୍ଷରେ ରୁଷିଆକୁ ଯୁଦ୍ଧରୁ କ୍ଷାନ୍ତ ରହିବାକୁ ପରାମର୍ଶ ଦେଇଛନ୍ତି। କିନ୍ତୁ କିଛି ହେଲେ ପ୍ରଭାବ ପକାଇ ପାରିନାହିଁ ଭ୍ଲାଦିମିର ପୁଟିନଙ୍କ ଉପରେ। ଫେବୃଆରୀ ୨୪ ତାରିଖରେ ଏହି ଯୁଦ୍ଧ ଆରମ୍ଭ ହେବାପରେ ପ୍ରଥମଥର ପାଇଁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କି ନିକଟରେ ଗସ୍ତ କରିଥିଲେ ଆମେରିକା। ତାଙ୍କର ଏହି ଗସ୍ତକାଳରେ ଯୁଦ୍ଧରେ ନିଜ ଦେଶର ବିଜୟକୁ ନେଇ ସେ ନିଶ୍ଚିତ ଥିବା ମନେ ହୋଇଥିଲା। ୱାଶିଂଟନଠାରେ ସେ ଆମେରିକୀୟ କଂଗ୍ରେସକୁ ଉଦବୋଧନ ଦେଇ ଆପାତତଃ ତାଙ୍କ ଭାଷଣରେ ମୁଗ୍ଧ ହୋଇ ପଡ଼ିଥିବା ଭଳି ମନେ ହେଉଥିବା ଶ୍ରୋତାଙ୍କୁ କହିଥିଲେ ଯେ ୟୁକ୍ରେନ୍ ବିଶ୍ୱବାସୀଙ୍କ ମନ ଭିତରେ ଯୁଦ୍ଧକୁ ଜିତି ସାରିଛି। କହିବା ବାହୁଲ୍ୟ, ଜେଲେନ୍‌ସ୍କିଙ୍କ ଏହି ବକ୍ତବ୍ୟ ସହିତ ରୁଷିଆ ମଧ୍ୟ କ୍ୱଚିତ୍ ଅରାଜି ହୋଇପାରିବ। ସଂଘର୍ଷ ମଧ୍ୟରେ ଗତିକରି ୟୁକ୍ରେନ୍ ସମସାମୟିକ ବିଶ୍ୱରେ ନିଜ ପାଇଁ ଏକ ସ୍ଥାନ ତିଆରି କରିପାରିଛି। ଜଣେ ସୁଦକ୍ଷ ବକ୍ତାଙ୍କ ଭାଷଣ ଭଳି ଜେଲେନ୍‌ସ୍କିଙ୍କ ଶବ୍ଦଗୁଡ଼ିକ କେବଳ ଆମେରିକୀୟମାନଙ୍କୁ ଭାବାବେଗରେ ଆପ୍ଲୁତକରି ଦେଇନଥିଲା, ତାଙ୍କ ନିଜର ଦେଶବାସୀଙ୍କ କାନରେ ମଧ୍ୟ ଗୁଂଜରିତ ହେବାଭଳି ହୋଇଥିଲା ଏବଂ ତାଙ୍କ ଉପରେ ଆସ୍ଥା ରଖିଥିବା ତଥା ୟୁକ୍ରେନର ସର୍ବାଧିକ ଦୃଢ଼ ସମର୍ଥକ ଆମେରିକୀୟ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ବିଗଳିତ କରିଦେବା ପାଇଁ ଯଥେଷ୍ଟ ଥିଲା। ଶ୍ରୀଯୁକ୍ତ ଜେଲେନ୍‌ସ୍କି ଏହାପରେ ପାଟ୍ରିଅଟ୍ ବିମାନ ପ୍ରତିରକ୍ଷା ବ୍ୟବସ୍ଥା ଯାହା କ୍ରୁଇଜ୍, ସ୍ୱଳ୍ପ-ଦୂରଗାମୀ ବାଲିଷ୍ଟିକ ମିସାଇଲ ଏବଂ ବିମାନକୁ ଧ୍ୱଂସ କରିଦେବାର ସାମର୍ଥ୍ୟ ବହନ କରେ, ତାହା ସହିତ ୧.୮ ବିଲିଅନ୍ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ଏବଂ ଉପକରଣ ହାସଲ କରିବାର ପ୍ରତିଶ୍ରୁତି ନେଇ ନିଜ ଦେଶକୁ ଫେରି ଆସିଛନ୍ତି। ଯୁଦ୍ଧ ଟ୍ୟାଙ୍କ ଏବଂ ଲଢୁଆ ଜେଟ୍ ସମେତ ତାଙ୍କର ଅନ୍ୟାନ୍ୟ ସମସ୍ତ ଇଚ୍ଛା ଯଦିଓ ପୂରଣ ହୋଇନାହିଁ, ତେବେ ତାହା ମଧ୍ୟ ପୂରଣ ହେବାର ଆଶା ରହିଛି। ଏହା ହୋଇପାରିବ, ଯଦି ପ୍ରଥମ ଥର ପାଇଁ ପୁଟିନ୍ ଉଲ୍ଲେଖ କରିଥିବା 'ଯୁଦ୍ଧ' ପୂର୍ଣ୍ଣମାତ୍ରାରେ ଆରମ୍ଭ କରନ୍ତି, ତା'ହେଲେ। ଆମେରିକୀୟ ରାଷ୍ଟ୍ରପତି ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ 'ସ୍ୱାଧୀନତା ଏବଂ ଗଣତନ୍ତ୍ର ଉପରେ ଏକ ଆକ୍ରମଣ ଏବଂ ଏପରି ଏକ ଯୁଦ୍ଧ ଯାହା ଆମେରିକୀୟମାନଙ୍କ ପ୍ରତିକ୍ରିୟାକୁ ଦାବି କରୁଥିବା'ଭଳି ବୋଲି ଉଲ୍ଲେଖ କରିଛନ୍ତି। ଜେଲେନ୍‌ସ୍କି ୟୁକ୍ରେନକୁ ଆମେରିକାର ସହାୟତାକୁ ଏକ 'ନିବେଶ'ର ଆଖ୍ୟା ଦେଇଛନ୍ତି ଯାହା ବିଶ୍ୱର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି। ଏଥିରେ ସନ୍ଦେହ ନାହିଁ ଯେ ଯୁଦ୍ଧ ଫଳରେ ୟୁକ୍ରେନବାସୀ ସବୁଠୁ ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି ଏବଂ ଏଥିପାଇଁ ସେମାନଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି। କିନ୍ତୁ ସଙ୍ଗେ ସଙ୍ଗେ ଏହି ଯୁଦ୍ଧ ମଧ୍ୟ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ପାଇଁ ଦୁଃଖ ଦୁର୍ଦ୍ଦଶା ବହନ କରି ଆଣିଛି। ୟୁରୋପରେ ରହିଥିବା ଆମେରିକୀୟ ମିତ୍ର ରାଷ୍ଟ୍ରଗୁଡ଼ିକ ଅତ୍ୟଧିକ ଶକ୍ତି ମୂଲ୍ୟ ଏବଂ ତା ସହିତ ଅର୍ଥନୀତିକ ଦୁରବସ୍ଥା ଯୋଗୁଁ ସମ୍ପ୍ରତି ଏକ କଠୋର ଶୀତ ଋତୁକୁ ଭୋଗ କରୁଛନ୍ତି। ପୁଣି ଆମେରିକୀୟମାନେ ବର୍ତ୍ତମାନ ୟୁକ୍ରେନକୁ ଯେଉଁସବୁ ସହାୟତା ଆମେରିକା ଯୋଗାଇ ଦେଉଛି,ତାକୁ ସନ୍ଦେହ ଚକ୍ଷୁରେ ଦେଖିବାକୁ ଆରମ୍ଭ କରିଛନ୍ତି। ତେବେ ୟୁକ୍ରେନରେ ଆମେରିକୀୟ 'ନିବେଶ' କେବଳ ଜୋ ବାଇଡେନଙ୍କ ଦ୍ୱାରା ସ୍ଥିର କରାଯିବ ନାହିଁ, ବିଶେଷକରି ସଂସଦରେ ରିପବ୍ଲିକାନ୍‌ମାନେ ନିଜର ପ୍ରଭାବ ବିସ୍ତାର କରିବାର ସୁଯୋଗ ପାଇ ସାରିଥିବା ପରିପ୍ରେକ୍ଷୀରେ ଏହା ହେବାର ସମ୍ଭାବନା ନାହିଁ। ଏବେ ସେଇମାନେ ହିଁ ସହାୟତାର ପରିମାଣକୁ ସ୍ଥିର କରିବ। ଏହା ଅବଶ୍ୟ ୟୁକ୍ରେନ୍ ସପକ୍ଷରେ ଯିବ, କାରଣ ୟୁକ୍ରେନର ରାଷ୍ଟ୍ରପତି ସେମାନଙ୍କୁ ସମ୍ବୋଧନ କରି ନିଜ ରାଷ୍ଟ୍ରର ଦୁର୍ଦ୍ଦଶା ବୁଝାଇବାରେ ସକ୍ଷମ ହୋଇପାରିଛନ୍ତି। ଗତ ଦଶମାସ ଭିତରେ ୟୁକ୍ରେନକୁ ଆର୍ଥିକ ଏବଂ ସାମରିକ ସହାୟତା ଭାବରେ ପ୍ରାୟ ୬୭ ବିଲିଅନ୍ ଡଲାରର ସହାୟତ ପ୍ରଦାନକୁ କଂଗ୍ରେସ ଅନୁମୋଦନ କରିସାରିଛି। ୨୦୨୩ ପ୍ୟାକେଜରେ ଆମେରିକୀୟ କଂଗ୍ରେସ ୟୁକ୍ରେନକୁ ୪୫ ବିଲିଅନ୍ ଡଲାରର ଏକ ଅତିରିକ୍ତ ସହାୟତା ପ୍ରଦାନ କରିବାକୁ ଯାଉଥିବା ଜଣାପଡ଼ିଛି।

## ରାଷ୍ଟ୍ରପତିଙ୍କ ସମ୍ବେଦନଶୀଳତା ଏବଂ ବିଚାରାଧିନ କଏଦୀ


ଗୋପାଳ ମହାପାତ୍ର


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବିଧାନ ଦିବସ ଅବସରରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଆୟୋଜିତ ଏକ ଆଲୋଚନା ଚକ୍ରରେ ଅତ୍ୟଧିକ ମାର୍ମିକ ଶବ୍ଦରେ ନ୍ୟାୟପାଳିକା ଗରୀବ ଆଦିବାସୀମାନଙ୍କ ପାଇଁ କିଛି କରିବା ପାଇଁ ପରାମର୍ଶ ଦେଇଥିଲେ । ରାଷ୍ଟ୍ରପତି ଜେଲ୍‌ରେ ଅଧିକ କଏଦୀଙ୍କୁ ରଖାଯିବା ଏବଂ ଅଧିକ ଜେଲ୍ ନିର୍ମାଣ କରାଯିବା ପ୍ରସଙ୍ଗରେ ଆଲୋଚନା ବେଳେ କହିଥିଲେ ଯେ ଆମେ ବିକାଶ ଆଡକୁ ଅଗ୍ରସର ହେଉଛେ ଏଭଳି ସମୟରେ ଅଧିକ ଜେଲ୍ ନିର୍ମାଣ ଆବଶ୍ୟକତା କ'ଣ ? ଜେଲ୍‌ର ସଂଖ୍ୟା କମ୍ କରାଯିବା ଉଚିତ୍ । ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ ୨୦୨୦ ଅନୁସାରେ ଦେଶର ବିଭିନ୍ନ ଜେଲ୍ ମାନଙ୍କରେ ଥିବା ସବୁ କଏଦୀମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ କଏଦୀ ଦୋଷି ସାବ୍ୟସ୍ତ ନହୋଇ ମଧ୍ୟ ଜେଲ୍‌ରେ ଅଛନ୍ତି । ଅର୍ଥାତ୍ ସେମାନଙ୍କର ବିଚାର ମଧ୍ୟ ସରିନାହିଁ । ଏହାକୁ ଦେଶର ନ୍ୟାୟିକ ପ୍ରକ୍ରିୟାର ତ୍ରୁଟି ବୋଲି କୁହାଯାଇପାରେ କାରଣ ଦୋଷି ସାବ୍ୟସ୍ତ ନହୋଇ ମଧ୍ୟ ସେମାନେ ଦୀର୍ଘଦିନ ଧରି ଜେଲ୍‌ରେ ରହୁଛନ୍ତି । ଏମାନଙ୍କ ଜାମିନ୍ ଆବେଦନ ମଧ୍ୟ ଠିକ୍ ସମୟରେ ଶୁଣାଣୀ ହୋଇପାରୁନାହିଁ । ବିଚାରଧିନ କଏଦୀଙ୍କ ପରିବାରକୁ ମଧ୍ୟ ଏଥିପାଇଁ କଷ୍ଟରେ ରହିବାକୁ ପଡୁଛି ଏବଂ ସେମାନେ ଦୁର୍ବିସହ ଜୀବନଯାପନ କରୁଛନ୍ତି । ଏମାନଙ୍କ ପରିବାର ସାମାଜିକ ଏବଂ ଆର୍ଥିକ ବୈମନସ୍ୟର ଶୀକାର ହେଉଛନ୍ତି ।

ରାଷ୍ଟ୍ରପତିଙ୍କ ମତ ଥିଲା ଯେ ଅଧିକାଂଶ କଏଦୀ ଅଶିକ୍ଷିତ ଏବଂ ଗରୀବ ପରିବାରର । ନ୍ୟାୟିକା ପ୍ରକ୍ରିୟାରେ ବିଳମ୍ବ କାରଣରୁ ଏମାନେ ଦୋଷି ସାବ୍ୟସ୍ତ ନହୋଇ ମଧ୍ୟ ଜେଲ୍‌ରେ ଷଡୁଛନ୍ତି । ଅନେକ କଏଦୀ ମଧ୍ୟ ଜୀବନ ସାରା ଜେଲ୍‌ରେ ରହୁଛନ୍ତି। ଛୋଟ ମୋଟ୍ ଅପରାଧରେ ବର୍ଷ ବର୍ଷ ଦରି ଜେଲ୍ କାଟୁଥିବା ବିଚାରାଧିନ କଏଦୀମାନଙ୍କ ବିଷୟରେ ଚିନ୍ତା ପ୍ରକଟ କରି ରାଷ୍ଟ୍ରପତି କହିଥିଲେ ଯେ ଏମିତି ଅନେକ ଅଛନ୍ତି ସେମାନେ ସାମାନ୍ୟ କିଛି ମାରପିଟ୍ ବା ସେମିତି ଛୋଟ ଅପରାଧ କରିଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ ବିଭିନ୍ନ ଧାରା ସବୁ ଲଗାଯାଉଛି ଯାହା ଲଗାଯିବା ଉଚିତ୍ ନୁହେଁ । ବିଭିନ୍ନ ସମ୍ବେଦନଶୀଳ ଧାରା ଲଗାଯାଇଥିବା କାରଣରୁ ସେମାନଙ୍କୁ ଜେଲ୍‌ରେ ରହିବାକୁ ପଡୁଛି। ପରିବାର ଲୋକେ ଏମାନଙ୍କୁ ମଧ୍ୟ ଆର୍ଥିକ ଅନାଟନ କାରଣରୁ ମୁକୁଳେଇ ପାରୁନାହାଁନ୍ତି । ଏମାନଙ୍କ ପାଇଁ କିଛି କରାଯିବା ଉଚିତ୍। ସେମାନେ ଦୋଷି କିନୁହେଁ ସେ ବାବଦରେ କୋର୍ଟରେ ବିଚାର ଲମ୍ବିତ ହୋଇ ରହୁଛି । ରାଷ୍ଟ୍ରପତି କହିଥଲେ ଯେ ଜେଲ୍‌ରେ ଥିବା ଅଧିକାଂଶ କଏଦୀଙ୍କୁ ମୌଳିକ ଅଧିକାର ଏବଂ କର୍ତ୍ତବ୍ୟ ବାବଦରେ ଜଣାନାହିଁ । ଏପରିକି ସେମାନଙ୍କୁ ସମ୍ବିଧାନର ପ୍ରସ୍ତାବନା ବାବଦରେ ଜଣାନାହିଁ । ଏଭଳି ଲୋକଙ୍କ ବାବଦରେ ଚିନ୍ତା କରାଯିବା ଉଚିତ୍ । ରାଷ୍ଟ୍ରପତି ଦେଶର ନ୍ୟାୟିକ ପ୍ରଣାଳି ଏବଂ ନ୍ୟାୟିକ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆଡକୁ ଇଶାରା କରିଥିଲେ । ୨୦୨୨ର ଜୁଲାଇ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଅଖିଳ ଭାରତୀୟ ଜିଲ୍ଲା ନ୍ୟାୟିକ ସେବା ପ୍ରାଧିକରଣର ବୈଠକର ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ବିଚାରାଧିନ କଏଦୀମାନଙ୍କ ପ୍ରସଙ୍ଗରେ କହିଥିଲେ ଯେ ଦେଶର ବିଭିନ୍ନ ଜେଲ୍ ମାନଙ୍କରେ ଅନେକ କଏଦୀ ଅଛନ୍ତି ଯେଉଁମାନେ ବର୍ଷ ବର୍ଷ ଧରି ଜେଲ୍ କାଟୁଛନ୍ତି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଏସବୁ କଏଦୀଙ୍କୁ ଆଇନ୍‌ଗତ ସହାୟତା ଦେବା ଉଚିତ୍ । ପ୍ରଧାନମନ୍ତ୍ରୀ ୨୦୨୨ ଅପ୍ରେଲ୍‌ରେ ରାଜ୍ୟମାନଙ୍କର ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟ ମୁଖ୍ୟ ବିଚାରପତି ମାନଙ୍କର ମିଳିତ ସମ୍ମିଳନୀର ଉଦ୍‌ଘାଟନ କରି ବିଚାରାଧିନ କଏଦୀ ମାନଙ୍କ କଥା ଉଠାଇଥିଲେ । ସୁପ୍ରିମକୋର୍ଟ ମଧ୍ୟ ଅନେକ ସମୟରେ ଏହି ପ୍ରସଙ୍ଗ ଉପରେ ମନ୍ତବ୍ୟ ଦେଇଛନ୍ତି । କିନ୍ତୁ ଏ ସବୁ ପରେ ମଧ୍ୟ ଏ ପ୍ରସଙ୍ଗରେ କୌଣସି ଉନ୍ନତି ଦେଖାଯାଇନାହିଁ ।

ନ୍ୟାସ୍‌ନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋର ୨୦୨୦ର ରିପୋର୍ଟ ଅନୁସାରେ ଦେଶର ଜେଲ୍‌ମାନଙ୍କରେ ସମୁଦାୟ ୪୮୮୫୧୧ କଏଦୀ ଥିଲେ ଓ ଏମାନଙ୍କ ମଧ୍ୟରୁ ୭୬ ପ୍ରତିଶତ ଅର୍ଥାତ୍ ୩୨୧୮୪୮ ହେଉଛନ୍ତି ବିଚାରାଧିନ କଏଦୀ । ଅର୍ଥାତ୍ ଏଇ ୩୭୧୮୪୪ କଏଦୀମାନଙ୍କ ମାମଲା ଏବେ ବିଚାରାଧିନ ଓ ଏମାନେ ପ୍ରକୃତରେ ଦୋଷି ନା ନାହିଁ ତାହା ସ୍ଥିର ହୋଇନାହିଁ । ଏମାନଙ୍କ ମଧ୍ୟରୁ ଅନେକ ୧୦ ରୁ ୧୫ ବର୍ଷ ଜେଲ୍‌ରେ କଟାଇ ସାରିଲେଣି । ଏହି ବିଚାରାଧିନ କଏଦୀମାନଙ୍କ ମଧ୍ୟରୁ ଅଧିକ ଭାଗ ହେଉଛନ୍ତି ଦଳିତ, ଓବିସି ଏବଂ ଆଦିବାସୀ । ଏମାନଙ୍କ ମଧ୍ୟରୁ ଅନେକ ଆର୍ଥିକ ଭାବେ ଏତେ ଦୁର୍ବଳ ଯେ ଏମାନେ ଓକିଲଙ୍କୁ ତାଙ୍କ ଫିସ୍ ଦେବାପାଇଁ ମଧ୍ୟ ଅକ୍ଷମ । ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଏନ୍‌ବି ରମଣ ୨୦୨୨ ଜୁଲାଇ ମାସରେ ରାଜସ୍ଥାନର ଜୟପୁରଠାରେ ଆୟୋଜିତ ୧୮ତମ ଅଖିଳ ଭାରତୀୟ ଆଇନ୍ ସେବା ପ୍ରାଧିକରଣର ଉଦ୍‌ଘାଟନ ଅବସରରେ ବିଚାରାଧିନ କଏଦୀଙ୍କ ପ୍ରସଙ୍ଗ ଉଠାଇଥିଲେ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ରିପୋର୍ଟ ପ୍ରିଜିନ ଷ୍ଟାଟିଷ୍ଟିକ୍ସ ଇଣ୍ଡିଆ ୨୦୨୧ ଅନୁସାରେ ୨୦୧୬ ରୁ ୨୦୨୧ ମଧ୍ୟରେ ଜେଲ୍‌ରେ ଥିବା ବନ୍ଦୀମାନଙ୍କ ସଂଖ୍ୟା ୯ ପ୍ରତିଶତରୁ ଅଧିକ କମିଛି କିନ୍ତୁ ବିଚାରାଧିନ କଏଦୀଙ୍କ ସଂଖ୍ୟା ୪୫ ପ୍ରତିଶତ ବଢିଛି । ରିପୋର୍ଟ ଅନୁସାରେ ଜେଲ୍‌ରେ ରହୁଥିବା ୪ଜଣଙ୍କ ମଧ୍ୟରୁ ୩ଜଣ ହେଉଛନ୍ତି ବିଚାରାଧିନ କଏଦୀ । ରିପୋର୍ଟ ଅନୁସାରେ କେବଳ ୧.୬ ପ୍ରତିଶତ ବିଚାରାଧିନ କଏଦୀଙ୍କ ମାମଲା ବିଚାର ହୋଇଛି ଓ ଏମାନେ ଜେଲ୍‌ରୁ ମୁକ୍ତି ପାଇଛନ୍ତି । କିନ୍ତୁ ଅନେକ ବିଚାରାଧିନ କଏଦୀ ଜାମିନରେ ଆସିଛନ୍ତି।

ସୁପ୍ରିମକୋର୍ଟଙ୍କ ପକ୍ଷରୁ ଆୟୋଜିତ ଆଲୋଚନା ଚକ୍ରରେ ରାଷ୍ଟ୍ରପତି ଉପସ୍ଥିତ ଥିବା ଆଇନ୍‌ମନ୍ତ୍ରୀ ଓ ବିଚାରପତିମାନେ ଏ ବାବଦରେ ଚିନ୍ତା କରିବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କର ୩ଟି ଅଙ୍ଗ ବିଧାୟିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକାଙ୍କର ମାନସିକତା ଦେଶରେ ଜନସାଧାରଣଙ୍କ ପାଇଁ ସମାନ ହେବା ଉଚିତ୍ ବୋଲି ପରାମର୍ଶ ଦେଇଥିଲେ ।


+ରାମଚନ୍ଦ୍ରପୁର, ରଣପୁର

ମୋ-୯୪୩୮୪୮୫୦୯୪


## ଛାଡ଼ପତ୍ର ପାଇଁ ଅଲଗା ରହିବା ସର୍ତ୍ତ ଅସାମ୍ବିଧାନିକ


ଗଙ୍ଗାଧର ସାମଲ


ପରସ୍ପର ସହମତିରେ ଛାଡ଼ପତ୍ର ପାଇଁ ଆବେଦନ କରିବା ପରେ ବର୍ଷେ କିମ୍ବା ତା ଠାରୁ ଅଧିକ ସମୟ ଅଲଗା ରହିବା ସର୍ତ୍ତ ଅସାମ୍ବିଧାନିକ। ଛାଡ଼ପତ୍ର ଆଇନରେ ଥିବା ଏହି ନିୟମ ଦ୍ୱାରା ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଛି ବୋଲି କେରଳ ହାଇକୋର୍ଟ କହିଛନ୍ତି। ଜଷ୍ଟିସ ସୋଭା ଅନ୍ନମା ଇପେନଙ୍କ ଡିଭିଜନ ଖଣ୍ଡପୀଠ କହିଛନ୍ତି ଯେ କେନ୍ଦ୍ର ସରକାର ଦେଶରେ ଏକକ ବିବାହ ଆଇନ କାର୍ଯ୍ୟକାରୀ କରିବା ଉଚିତ। ଏହାଦ୍ୱାରା ବିବାହରେ ବିବାଦ ସୃଷ୍ଟି ହେଲେ ପତି ପତ୍ନୀ ଉଭୟଙ୍କ ସ୍ୱାର୍ଥ ରକ୍ଷା କରିହେବ। କୋର୍ଟ ମାନିଛନ୍ତି ଯେ ଆଇନ ଧର୍ମ ଆଧାରରେ ପତି-ପତ୍ନୀଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରୁଛି। ଏହାକୁ ନେଇ ଖଣ୍ଡପୀଠ କହିଛନ୍ତି ଯେ ଭାରତ ଭଳି ଧର୍ମ ନିରପେକ୍ଷ ରାଷ୍ଟ୍ରର ଆଇନ ପ୍ରକ୍ରିୟାରେ ଲୋକ କଲ୍ୟାଣକୁ ଅଧିକ ଧ୍ୟାନ ଦିଆଯିବା ଉଚିତ। ଧର୍ମ ଆଧାରରେ ଆଇନ ପ୍ରଣୟନ ହେବା ଅନୁଚିତ। ଲୋକଙ୍କ କଲ୍ୟାଣ ତଥା ଉନ୍ନତି ପାଇଁ କାର୍ଯ୍ୟ କରିବା ସରକାରଙ୍କ କାମ। ଏଥିରେ ଧର୍ମର କୌଣସି ସ୍ଥାନ ନାହିଁ। ଏକ ଖ୍ରୀଷ୍ଟିଆନ ଦମ୍ପତିଙ୍କ ଆବେଦନର ଶୁଣାଣି କରି କୋର୍ଟ ଏହା କହିଛନ୍ତି। ଏହି ଦମ୍ପତି ଛାଡ଼ପତ୍ର ଆଇନ ୧୮୬୯ର ଧାରା ୧୦ ଏ ଅନୁଯାୟୀ ଛାଡ଼ପତ୍ର ପାଇଁ ଅତିକମରେ ବର୍ଷେ ଅଲଗା ରହିବା ନିୟମକୁ ମୌଳିକ ଅଧିକାର ବିରୋଧୀ କହିଥିଲେ। କୋର୍ଟ ମଧ୍ୟ ଏହି ଆଇନକୁ ହଟାଇବା ଉଚିତ ବୋଲି କହିଛନ୍ତି। ଏହା ସହିତ ଦମ୍ପତିଙ୍କ ଛାଡ଼ପତ୍ର ଆବେଦନ ଶୁଣାଣି ଦୁଇ ସପ୍ତାହ ମଧ୍ୟରେ ଶେଷ କରିବାକୁ ନିମ୍ନ ଅଦାଲତକୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ପକ୍ଷଙ୍କୁ ଡାକି ଛାଡ଼ପତ୍ରକୁ ମଞ୍ଜୁରି ଦେବାକୁ କହିଛନ୍ତି। ଛାଡ଼ପତ୍ର ନେବାର ପ୍ରକ୍ରିୟା ନିୟନ୍ତ୍ରଣ କରିବାରେ ନ୍ୟାୟପାଳିକାର ଉଦ୍ଦେଶ୍ୟ ଉପରେ କୌଣସି ସନ୍ଦେହ ପ୍ରକାଶ କରିବା ଅନୁଚିତ। କାରଣ ଜନ କଲ୍ୟାଣ ଏବଂ ସମାଜର ଉନ୍ନତି ନ୍ୟାୟପାଳିକାର ଉଦ୍ଦେଶ୍ୟ। ଦମ୍ପତି ଏବଂ ସମାଜ ପାଇଁ କ'ଣ ଭଲ ହେବ ତାହା ଆଇନ ପ୍ରଣେତା ଜାଣିଛନ୍ତି। କିନ୍ତୁ ଏହି ଆଇନ ଯୋଗୁଁ ଅଧିକ ସମସ୍ୟା ସୃଷ୍ଟି ହେଉଛି । ବର୍ତ୍ତମାନ ସମୟରେ ପାରିବାରିକ କୋର୍ଟ ଏକ ଯୁଦ୍ଧ କ୍ଷେତ୍ର ବନିଯାଇଛି। ଏଠାରେ ଛାଡ଼ପତ୍ର ନେବାକୁ ଚାହୁଁଥିବା ଉଭୟ ପକ୍ଷଙ୍କ ସମସ୍ୟା ବୃଦ୍ଧି ପାଇଥାଏ। ଏବେ ଏହି ଆଇନକୁ ପରିବର୍ତ୍ତନ କରିବାର ସମୟ ଆସିଯାଇଛି।

ବର୍ତ୍ତମାନ ଦିନକୁ ଦିନ ସାମାଜିକ ବିଧି ବ୍ୟବସ୍ଥାର ଯେଉଁପରି ଅନେକ କ୍ଷେତ୍ରରେ ବ୍ୟତିକ୍ରମ ହେଉଛି ତାହାର ପରିଣତି ସ୍ୱରୂପ ବିଶେଷକରି ଦମ୍ପତି ମାନଙ୍କ ଭିତରେ ଅନେକ ଭୁଲବୁଝାମଣା ସୃଷ୍ଟି ହେଉଛି। ଛାଡ଼ପତ୍ର ବା ପାରିବାରିକ ଅଶାନ୍ତି ମାମଲା ଜୀବନର ଏକ ସମ୍ପୂର୍ଣ୍ଣ ତିକ୍ତ ଘଟଣା ଓ ଅନୁଭବ। ଏ କ୍ଷେତ୍ରରେ ବିଚାରବନ୍ତ ଭାବେ ସବୁଦିଗକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେବା ଜରୁରୀ। କାରଣ ବିବାହ ଏକ ଜୀବନର ବିଧାନ। ଏହା ପିଲାଖେଳ ନୁହେଁ। ଦୁଇଟି ଜୀବନ ତିଆରି ହେଉଥିବା ଏହି ଜୀବନ ଆଦର୍ଶର ଆଗରେ ଅନେକ ଆହ୍ୱାନ, ପ୍ରତୀକ୍ଷା ଓ ଗୁରୁଦାୟିତ୍ୱ ରହିଛି। କାରଣ ସ୍ୱାମୀ-ସ୍ତ୍ରୀ ଦୁଇଜଣଙ୍କ ଭଲପାଇବାର ପରିଣତି ସ୍ୱରୂପ ଯେଉଁ ସନ୍ତାନମାନେ ସୃଷ୍ଟିକୁ ଆସିଥାନ୍ତି ସେମାନଙ୍କ ଆଗତ ଜୀବନ ଯେପରି ବାପା ମାଆଙ୍କ ଭୁଲ ବୁଝାମଣାର ପରିଣତି ସ୍ୱରୂପ କଷ୍ଟକର ନ ହେଉ। ଛାଡ଼ପତ୍ର ମାମଲା ନେଇ ଏବେ ନ୍ୟାୟପାଳିକା ଉପରେ ଦିନକୁ ଦିନ ଚାପ ଜଟିଳ ହେଉଛି। ନ୍ୟାୟ କ୍ଷେତ୍ର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଇଁ ଅପେକ୍ଷାରେ ରହିଥିବାବେଳେ ଏହିପରି ଛାଡ଼ପତ୍ର ମାମଲାର ଗଦା ଗଦା କେସ ସଂଖ୍ୟା ଭାରତର ବିଚାର ବ୍ୟବସ୍ଥାକୁ ଜଟିଳ ଓ ଭାରାକ୍ରାନ୍ତ କରିଦେଉଛି। ଏ କ୍ଷେତ୍ରରେ କାହା ଉପରେ ଦୋଷ ଲଦି ନିଜକୁ ମୁକ୍ତ କରିବା ଠିକ ନୁହେଁ। ଆମ ସମସ୍ତଙ୍କର ଏକ ସଚେତନଧର୍ମୀ ଗୁରୁଦାୟିତ୍ୱ ରହିଛି। ଏକ ଦାୟିତ୍ୱ ସମ୍ପନ୍ନ ନାଗରିକ ଭାବେ ସମାଜରେ ନ୍ୟାୟର ପ୍ରତିଷ୍ଠା ଓ ନ୍ୟାୟର ବିଚାର ପାଇଁ ଯେଉଁ ଭୂମିକା ରହିଛି ଆମେ ସେଥିରେ ଜଣେ ଜଣେ ଅଂଶୀଦାର ଏହାକୁ ମନେରଖିବା ଉଚିତ। ସାମାଜିକ ନ୍ୟାୟ ପ୍ରତିଷ୍ଠା କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ରହିଛି।


ଆଇନଜୀବୀ, ଓଡ଼ିଶା

ହାଇକୋର୍ଟ, କଟକ,

ମୋ : ୯୪୩୭୨୨୬୬୪୭


## ଦବିଲା ଅର୍ଚ୍ଚନା, ଉଠିଲା ମମିତା




ସୁବ୍ରତ କର


ବେଶ୍ କିଛିଦିନ ଖବରକାଗଜ, ଟି.ଭି ପରଦାରେ ଛାଇ ରହିଥିଲେ ଅର୍ଚ୍ଚନା ନାଗ ଏବଂ ତାଙ୍କ ସହିତ ଜଡ଼ିତ ପ୍ରାୟ ୧୫-୨୦ ଜଣ ଲୋକ। ବେଶ୍ କିଛିଦିନ ଡ୍ରାମାବାଜି ଚାଲିଲା ଏବଂ ମାନିବାକୁ ପଡ଼ିବ ଅର୍ଚ୍ଚନାକୁ। ରାଜ୍ୟ ପୋଲିସ, ଇ.ଡି, ସାମ୍ବାଦିକ ଏବଂ ଓଡ଼ିଶାର ଜନତାଙ୍କୁ ଜଣେଇଦେଲେ ଯେ ତାଙ୍କୁ ସମ୍ଭାଳିବା କାଠିକର ପାଠ ଏବଂ ସେ ତାଙ୍କର ବୁଦ୍ଧିମତା ଦେଇ ପ୍ରମାଣ କରିଦେଇଛନ୍ତି ଯେ ଯେ କୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ। ଏବେ ତାଙ୍କର ବରକୁ ୩ଦିନ ରିମାଣ୍ଡରେ ଆଣି ଜେରା କରିବ। ୧୩ଦିନ ଜେରା କରି ଅର୍ଚ୍ଚନା ପାଟିରୁ ସେମିତି କିଛି ଓଗାଳି ପାରିଛନ୍ତି ବୋଲି ମନେ ହୁଏନି। ଏ ପର୍ଯ୍ୟନ୍ତ ସବୁ ଆନୁମାନିକ ଚାଲିଛି। ଆଉ ବିଶେଷ କିଛି ହେଲା ଭଳି ମନେ ହେଉନାହିଁ। ଏବେ ଏବେ ମୃତ ମମିତା ହଠାତତ୍ ଜିଇ ଉଠିଲେ କାରଣ ଗୋବିନ୍ଦ ନିଜେ ମରିଯାଇ ମମିତାକୁ ପୁଣି ମନେ ପକେଇ ଦେଇଛନ୍ତି। ଗୋବିନ୍ଦ ନିଜେ ମରିଛି ବା ତାଙ୍କୁ ମାରି ଦିଆଯାଇଛି ଏ ରହସ୍ୟ ଖୋଲିବା ଏତେ ସହଜ ନୁହଁ। ଏବେ ଓଡ଼ିଶାର ଜନ ସାଧାରଣ ଆଉ ଅର୍ଚ୍ଚନା କେଶକୁ ନେଇ ସମୟ ବିତେଇବେ ନାହିଁ। ଏବେ ଗୋବିନ୍ଦ କେଶକୁ ବେଶ୍ କିଛି ସମୟ କଟାଇବା ପାଇଁ ସୁଯୋଗ ମିଳିଗଲା। ସବୁଠୁ ମଜା କଥା ହେଲା ସାଧାରଣ ଜନତା ଯେତେ ଏହି ସବୁକୁ ଘାଣ୍ଟି ଚକଟି ହେବେ ଏଥିରେ ସବୁଠୁ ସରକାର ଲାଭବାନ ହେବେ। କାରଣ ସରକାରୀ ସ୍ତରରେ ଭ୍ରଷ୍ଟାଚାର, ଚୋରି ଡକାୟତିଆଡୁ ଦୃଷ୍ଟିବାଧିତ ହୋଇ ରହିବେ। କାଗଜ ଖୋଲିଲେ ବଡ଼ ବଡ଼ ଦୁଇ ଚାରିଟା ମଗରମାଛ ଭିଜିଲେନସ ଜାଲରେ ଧରା ପଡୁଛନ୍ତି ଏବଂ ଭିଜିଲେନସ ଅଫିସରଙ୍କୁ ପୁରସ୍କୃତ ମିଳୁନି ତାଙ୍କ ବାପ ଜନ୍ମରେ ନଦେଖିଥିବା ଟଙ୍କା ଏବଂ ସୁନାର ସଠିକ୍ ମୂଲ୍ୟାୟନ କରିବା। ଏଥିରେ ଆପଣମାନେ ଜାଣନ୍ତୁ ଗତ ଦୁଇ ବର୍ଷ ହେବ ଆମ ରାଜ୍ୟ ଏକ ନମ୍ବର ଟଙ୍କା ସିଜ୍ କରିବାରେ ଏବଂ ଅଫିସରଙ୍କ ସଂଖ୍ୟାରେ ମଧ୍ୟ। ଏଇଥିପାଇଁ ଆମ ସରକାର ଧନ୍ୟବାଦର ପାତ୍ର। ଏଇଠି ପ୍ରଶ୍ନ ହେଲା ଯେ ପ୍ରକାରର ମୃତ୍ୟୁକୁ ଏଡ଼ାଇବାପାଇଁ ଆମ ମୁଖ୍ୟମନ୍ତ୍ରୀଙ୍କ ଫରମୁଲା ହେଲା ଜିରୋ ଟଲରେନ୍ସ। ଭ୍ରଷ୍ଟାଚାର ପାଇଁ ଏପରି ପଦକ୍ଷେପ ନେଉ ନାହାନ୍ତି କାହିଁକି ?

ଏବେ ଆସିବା ଉପରୋକ୍ତ ସମସ୍ୟାର ସମାଧାନ ହେବ କେମିତି ? ମୋର ଗୋଟାଏ ସରକାରଙ୍କୁ ଅନୁରୋଧ ଅଛି ଯେ ଗୃହ ବିଭାଗ ଛାତ ତଳେ ଏବଂ ବିଶେଷକରି ପୁଲିସ ବିଭାଗର ଡି.ଜିଙ୍କ ଅନୁରାୟ ତଳେ ଏକ ଛୋଟ ବିଭାଗ ଖୋଲାପାଇଁ ଏବଂ ଯେଉଁଥିରେ କିଛି ବିଚକ୍ଷଣ ପାରଙ୍ଗମ ଏବଂ ସରକାରଙ୍କୁ ସୁହାଇଲା ଭଳି ଅଫିସର ରହନ୍ତୁ। ଏମାନଙ୍କ କାମ ହେବ ବିପଦ ସମୟରେ ସରକାରଙ୍କୁ ବଂଚାଇବା। ଅର୍ଚ୍ଚନା ନାଗ, ମମିତା ମେହେର ଏବଂ ଭ୍ରଷ୍ଟାଚାରକୁ କେମିତି କମେଇ ହେବ ଏଭଳି କେସ ଗୁଡ଼ିକୁ ମୁକାବିଲା କରିବେ ଏବଂ ପ୍ରତି ପଦକ୍ଷେପରେ ବଦନାମରୁ ସରକାରଙ୍କ ବଂଚେଇବେ।




### ମୁହୂର୍ତ୍ତଟିଏ...


ରତ୍ନକାନ୍ତି ମିଶ୍ର


ପାଣି ଫୋଟକାମାନ
ସ୍ଥିର ପାଣିକୁ ଆଘାତ ଦେଇ
ଏଇ ଦିଶୁଥିଲେ
ଏବେ ନାହିଁ କାଇଁ !
ସାଉଁଟିଥିବା
କିଛି ରଙ୍ଗୀନ ମୁହୂର୍ତ୍ତ
ମିଳେଇଯିବାର ଜୀବନ ପରି
ଏଇ ଅଛି ଏଇ ନାହିଁ
ମୋବାଇଲରେ କଥା ହେଉଥିବା
ଉଦଭ୍ରାନ୍ତଟିଏ
ମୋ ବାଁ ପଟ ଦେଇ
ବତାସ ଭଳି ଚାଲିଯାଇଥିଲା
ମୋ ଧୀରଗତିକୁ ବେଖାତିର କରି
ବିତିଥିଲା କେଇ ଅବା ମୁହୂର୍ତ୍ତ,
ଛିଟିକି ପଡିଥିଲେ
ମୋବାଇଲ ଆଉ ବାଇକ୍
ଛାତିରେ ମୋର ସତରେ
ବିଜୁଳିର ଅନାହୂତ ଆଘାତ !
ରକ୍ତସ୍ନାତ ସ୍ୱପ୍ନ ସବୁ
ନିର୍ବାକ ନିଶ୍ଚଳ
ବିଛେଇ ପଡିଥିଲେ
ରାସ୍ତା ଗୋଟାଯାକ
ଘୁଞ୍ଚି ହେଲେ ଯାଇଥାନ୍ତା
ସେ କ୍ଷଣିର ଦାରୁଣ ମୁହୂର୍ତ୍ତ ,
ମୋତେ ଶୁଭୁଥିଲା
ଆମ୍ବୁଲାନ୍ସର ବିକଟ ସାଇରନ
ଶୁଭି ବି ଯାଉଥିଲା
ପରିଚିତ ନଥିବା ଆତ୍ମୀୟମାନଙ୍କ
ବୁକୁଫଟା କ୍ରନ୍ଦନ
ସତେ ମୁଁ ଖୁବ୍ ମର୍ମାହତ...!!!


+ଆଳି, କେନ୍ଦ୍ରାପଡା


### ଅଧୁରା ସପନ


ନିରଞ୍ଜନ ସାହୁ


ରାତି ପାହିଯାଏ ସପନ ସରେନା
ଜୀବନରେ ଆସେ ଝଡ଼
ଉଜୁଡି ଯାଆଇ କେବେ ସୁଖ ସୌଧ
ଛାରଖାର ହୁଏ ଗଡ଼ ।

ଆଶା ପାଲଟଇ ମରୁ ମରୀଚିକା
ସମ୍ଭାବନା ଯାଏ ହଜି
ଜୀବନ ଲାଗଇ ବଡ଼ ଅସହଣୀ
ନିରାଶା ଭଜନ ଭଜି
ପ୍ରାଣ ଥିବା ପିଣ୍ଡ ଲାଗୁଥାଏ ସତେ
ପାଲଟି ଗଲାଣି ଜଡ ।

ସଂକଳ୍ପ ଖୋଜଇ ବିକଳ୍ପ ତାହାର
ଭାଙ୍ଗି ଯାଉଥାଏ ମନ
ଯେତେକ କଳ୍ପନା ସବୁ ହୁଏ ଚୁନା
ମଳିନ ଦିଶଇ ଜହ୍ନ
ନିଜକୁ ଲାଗଇ ଅତି ଛୋଟ ବୋଲି
କେମିତି ହେବ ସେ ବଡ଼ ?


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ : ୯୯୩୮୭୪୧୫୮୩


### ଘର ବାହୁଡ଼ା ଶବ


ବିବୁଲ ମହାକୁର


ଅର୍ଦ୍ଧଦଶନ୍ଧିର ସମ୍ପର୍କଟିଏ
ଲୁହର ଚାରି କାନ୍ଧରେ
ମଶାଣିକୁ ବାହୁଡ଼ି ଗଲାପରେ
ପୁଣି ଘର ବାହୁଡ଼ା କାହିଁକି ?
ଆଜି ବି ମୁଁ ସ୍ୱୀକାର କରେ
ଭୁଲ୍ କେବଳ ମୋର୍ ଥିଲା,
ସେ ତ ମୋ କଥାରେ
କେବଳ ହଁ ଭରିଥିଲା।
ପ୍ରଗତି ପ୍ରଚେଷ୍ଟାରେ ସେ କେବେ
କମ୍ କରି ନଥିଲା,
ବୋଧେ ମୋ ଆଖିରେ
ତା ସ୍ୱପ୍ନ ଥିଲା।
ତାର ପ୍ରତିଟି ସିଦ୍ଧାନ୍ତ
ପରିସ୍ଥିତିର ହଉ ଅବା ସ୍ୱଇଚ୍ଛାର,
ଅନେଶତ ଖୁସି ଦିଏ
ଗୋଟେ ଦୁଃଖ ସହ।
ସେ ଜନ୍ମର ତା ପିତୃମାତୃ ଅଶ୍ରୁ
ଏ ଯାଏଁ ନଇ ପରି ବହିଛି,
ସେ ପ୍ରତିଟି ବୁନ୍ଦା ଏ ହୃଦୟେ
ରୁଧିର ବନ୍ୟା ଆଣିଛି।
ଅବଶୋଷ କେବଳ
ପଶ୍ଚାତାପର ସୁଯୋଗ ନ ମିଳିବା,
କ୍ଷମାର ପାତ୍ର ସେଦିନ ବି ନଥିଲି
ଆଜି ବି ଚାହେଁନି।
ସୁଯୋଗଟିଏ ଚାହିଁଥିଲି କହିବାର
ମନର କିଛି ଆବେଗକୁ,
ତାକୁ ନୁହଁ
ତା ସୃଷ୍ଟିକର୍ତ୍ତାଙ୍କୁ।
ମାତ୍ର ସେ ପ୍ରଚେଷ୍ଟା
ଅପଚେଷ୍ଟା ମଧ୍ୟେ ଲୀନ ହୋଇଗଲା,
ବ୍ୟସ୍ତବହୁଳ ଏ ଜୀବନ ମଧ୍ୟେ
ସମୁଦ୍ରରେ ହଜିଗଲା।
ଖୁସିରେ ମୁଁ ପ୍ରଚେଷ୍ଟାର
ତଣ୍ଟି ଚିପିଦେଲି,
ହୁଏତ ମୋ ଅଶ୍ରୁ ତା ଜୀବନରେ
ବନ୍ୟା ଆଣିପାରେ ବୋଲି।
ଏ ଜନ୍ମରେ ପୁଣି ଭିନ୍ନ ରୂପେ
ତା ସହ ଦେଖାହେବା,
ବାଃ ବିଧାତା ତୁ ଧନ୍ୟ
ଏ ପୁନର୍ଜନ୍ମକୁ କଣ କହିବି ?
ସେ ଜନ୍ମରେ ବି ସେ କାହାର
ଆଉ ଏ ଜନ୍ମରେ ବି,
ବାଃ ବିଧାତା ତୁ ଧନ୍ୟ
ଏ ତୋର କଉ ଚମତ୍କାର ଥିଲା।


+ବୁର୍ଢ଼ା, ଲୋଇସିଂହା, ବଲାଙ୍ଗୀର
ମୋ: ୮୨୪୯୭୦୨୨୫୨


### ଶୀତ ଆସିଲା


ଜଗଦୀଶ ସାହୁ


ଶୀତ ଆସିଲା ମିତ ବସିଲା
ଧାନ ପାଚିଲା କ୍ଷେତ ହସିଲା
ନାଚେ ଚାଷୀର ମନ
ଶଗଡ଼ ଗାଡି ଧାଡ଼ିକି ଧାଡି
ଗାଆଁ ଦାଣ୍ଡରେ ଯାଉଛି ଗଡ଼ି
ବୋହି ନେଉଛି ଧାନ !
ଫୁଲ ଫୁଟିଲା ବାସ ଛୁଟିଲା
ଫଳ ଫଳିଲା ଶୋଭା ବଢିଲା
ହସେ ବଗିଚା ବାଡ଼ି
ପରଜାପତି ତରକା ଅତି
ନକରି ଭୀତି କଲା ପୀରତି
ଫୁଲରୁ ଫୁଲେ ଉଡି !
ଗଛ ପତର ଦେହେ କାକର
ପଡ଼ି ଦିଶଇ କେଡେ ସୁନ୍ଦର
ମୁକୁତାବିନ୍ଦୁ ପରି
ସୁରୁଜ କର ନୁହେଁ ପ୍ରଖର
ପାଣି ଦେଖିଲେ ମାଡୁଛି ଡର
ଦେହ ଉଠୁଛି ଥରି !
ଶୀତ ଆମର ଅତି ନିଜର
ନରଖି ଡର ନଭାବି ପର
କରିବା ଉପଭୋଗ
ପାଠ ପଢିବା ଖେଳ ଖେଳିବା
ସବୁ ଋତୁକୁ ସଂମ୍ମାନ ଦେବା
ମନେ ନଧରି ରାଗ !


+ ସଞ୍ଚାପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬


### ଶୀତ ଆସିଲା


ଜୟଶ୍ରୀ ଦାସ


ଯମୁନାକୁ ଜଳ ଆଣିଗଲେ ସହୀ
ଯମୁନାକୁ ଜଳ ଆଣିଗଲେ ସହୀ
ଜଗେ ମୋତେ କେତେ ଆଖି
କାହିଁକି ହେଉଛି ଏତେ ଦହଗଞ୍ଜ
ଉଡ଼ି ଯା'ରେ ପ୍ରାଣ ପକ୍ଷୀ ।
ଯାହା ହାତ ଧରି ସଂସାର ବାନ୍ଧିଲି
କେଉଁ ପୁରୁଷ ରେ ଗଣା
ଅମୁହାଁ ଜଂଗଲେ ବାଟ ପାଉନାହିଁ
ହେଉଛି ମୁଁ ବାଟ ବଣା
ଆଗରେ ତ ଖାଲି ସୀମାହୀନ ମରୁ
କେତେ ଲୁହ ଅଛି ବାକି ।
ଯାହା ଠାରେ ମୁହିଁ ମନକୁ ବିକିଲି
ସେତ ବଡ଼ ଦଗାଦିଆ
ବଇଁଶୀର ଡାକେ ମୋ ନାଆଁ ଧରିଣ
ଜଳେଇ ପ୍ରାଣରେ ନିଆଁ
କିଏ ଅବା ଜାଣୁ ନ ଜାଣୁ ଲୋ ସହୀ
କଦମ୍ବ ଯମୁନା ସାକ୍ଷୀ ।


+ଜଗାଇ,ବାଲିଆପାଳ, ବାଲେଶ୍ୱର
ମୋ: ୯୩୩୭୪୩୦୯୦୩

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୨୭ ଡିସେମ୍ବର, ମଙ୍ଗଳବାର, ୨୦୨୨

# କବିତାମାଳା

## ତୁମେ ଆସିବ ବୋଲି
### ପ୍ର. ଗିରିଜା ଶଂକର ଶର୍ମା



ତୁମେ ଆସିବ ବୋଲି ସିନା
ଆଶାର ଦେହରେ ଖଞ୍ଜି ଦେଲି ହଳେ
ଡେଣା,
ତାକୁ ଛାଡ଼ିଦେଲି ମାପିବା ପାଇଁ
ଦିଗବଳର ପରିସୀମା ।
ତୁମେ ଆସିବ ବୋଲି ସିନା ଖୋଲି ଦେଲି
ସବୁ ଦ୍ୱାର ଝର୍କା
ଯାହା ଯାହା ବନ୍ଦ ପଡ଼ିଥିଲଶ ସମସ୍ତଙ୍କୁ ।
ତୁମେ ଆସିବ ବୋଲି ବଗିଚାରେ ଫୁଟାଇଲି
ରଂଗୀନ ଫୁଲ
ପାଦପର ପତ୍ରମାନଙ୍କୁ ଧୋଇ ଦେଲି ସବୁଜ
ରଂଗରେ ।
ତୁମେ ଆସିବ ବୋଲି ।

ତୁମେ ଆସିଲେ
ପଲ୍ଲବି ଉଠିବ ଦୁର୍ବାଦଳ,
ପକ୍ଷୀଙ୍କ କାକଳୀରେ ଭରିଯିବ
ମନ ମତାଣିଆ ସଂଗୀତ,
ଫୁଲରେ ଫୁଲ ଭରିଯିବ ସୁରଭି ।

ଏପର ମାଟି ପାଣି ପବନ ଗଛବୃଛ ଯେତେ
ଅନେଇଥାନ୍ତି ତୁମ ଆସିବା ବାଟକୁ ।
ତୁମେ ଆସିଲେ ବଦଳି ଯିବ ଦୃଶ୍ୟ ।
ପକ୍ଷୀଙ୍କ କାକଳୀରେ ଶିହରିତ ହେବ ଏ
ଅଂଚଳ ।

ତୁମେ ଏକ ରେଖା ଚିତ୍ର, ହୁଏତ କଳ୍ପନା
ପ୍ରସୂତ ।
ତୁମକୁ କେବେ ଦେଖିଥାଇ ପାରେ
ଷ୍ଟେସନରେ, ବଜାରରେ ଅବା ସପିଂ
ମଲରେ ।
ସବୁକିଛି ଧୂଆଁ ଧୂଆଁ ଅସ୍ପଷ୍ଟ ଚେହେରା
ତଥାପି ତୁମ ଆକର୍ଷଣରେ
ମୁଁ ଟାଣି ହୁଏ
ରେଲ ଗାଡ଼ିର ୱାଗନ ପରି,
କୁଆଡ଼େ ଯାଏ ଜାଣେନି,
କେଉଁଠି ରହିବାକୁ ହେବ ଜାଣେନି ।
ଏବେ ଇଚ୍ଛା ମାରିବାକୁ ଇଚ୍ଛା
ତୁମ ସାଂଗରେ
କିଛି ସମୟ କାଟିବାକୁ ଇଚ୍ଛା ।

ଧନକଉଡ଼ା, ସଂବଲପୁର-୭୬୮୦୦୬
ମୋ: ୯୪୩୭୦୮୮୬୦୨

## ବଉଳଲୋ ବଉଳ
### ବାବାଜୀ ଚରଣ ଜେନା



ଆମ୍ବ ବଉଳର ମିଠା ମହକରେ
ମହକି ଉଠିଲା ଧରା
ତାଙ୍କ କଥା କାହିଁ ମନେପଡି ସଖି
ଶୋଇନିମୁଁ ରାତି ସାରା
ସଜନୀ ମାଡି ପଡେ ଆଖି ପରା,
ରାତି ବିତିଗଲା ଯେମିତି ସେମିତି
ଦିନତ ସରିଲା ନାହିଁ
ଘର ଅଗଣାରୁ ଦାଣ୍ଡ ଦୁଆରଲୋ

ବେଳ ଗଲା ଚାହିଁଚାହିଁ
ଥଟ୍ଟା କରି କେତେ ଆଇ ଶାଶୁ ମୋର
ହସି ଦେଇ ଚାଲିଗଲା

ସଜନୀ ଗୁମର ଫିଟେଇ ଦେଲା,
ଆସିବାକୁ କହି କଣ୍ଟ ଗଡିଲାଣି
କଲିଜା ଯାଏମୋ ଚିରି
ଶାଶୁ କରିଛନ୍ତି ଗଇଁଣ୍ଠା ପିଠାଲୋ
ପୁଷ ଅମେଇସା ବୋଲି
ମୁହଁ ସଞ୍ଜବେଳେ ତାଙ୍କ ଡାକ ଶୁଣି
ମନମୋ ଲାଜେଇ ଗଲା
ସଜନୀ ନଣନ୍ଦମୋ ଦେଖି ନେଲା ।

ଅହଲ୍ୟା ନିବାସ
ପୋପରଡା, ନୂଆବଜାର,କଟକ୪
ମୋ: ୯୪୩୭୮୩୪୭୧୯

## ବଉଳଲୋ ବଉଳ
### ଜୟକୃଷ୍ଣ ସାହୁ



ଶୀତ ଆସିଲାଣି ଗୋଡ଼କାଢ଼ି
ହଜିଲାଣି ମେଘ ଘଡ଼ଘଡ଼ି
ଫୁଲ ଫସଲରେ ହସିଉଠିଲାଣି
ଚାଷୀର ବଗିଚା ବିଲବାଡ଼ି ।

ମଗୁଶୁର ମାସେ ଶୀତ ଆସେ
ଆସି ଚାଲିଯାଏ ମାଘ ଶେଷେ
ଦେଇଯାଏ କିଛି ସୁଖଅନୁଭବ
ସେଥିପାଇଁ ତାକୁ ଝୁରି ବସେ ।

ସକାଳ ସୂରୁଜ ଉଇଁ ଆସେ
କଅଁଳ ଖରାରେ ନିତି ବସେ
ସକାଳ ଖରାଟା ହିତ ଦେହ ପାଇଁ
ଭିଟାମିନି 'ଘ' ଦେହେ ପଶେ ।

ଅଜାଙ୍କଠାରୁ ମୁଁ ଶୁଣିଥିଲି
ଶୀତରେ କାକର ପଡ଼େ ବୋଲି

ସୂରୁଜ କିରଣ ପରଶରେ ସିଏ
କରିଦିଏ ଆଖି ଝିଲିମିଲି ।
ଆଇ କହେ ଆରେ ନାତି ଟୋକା
ସାର୍ଟ ସୁଟର ପିନ୍ଧିପକା
ମଥାରେ ରେଶମୀ ଟୋପି ପିନ୍ଧିଦେଲେ
ଜାଡ଼କୁ ନଥିବ ତୋର ଦକା ।

ମାଆ କହିନ୍ତି ମୋ ସୁନା ଧନ !
ଦୃଢ଼ କର ତୋର ଦେହ ମନ
ଶୀତ ସକାଳରେ ବ୍ୟାୟାମ କରିକି
ପାଠପଢ଼ାରେ ତୁ ଦେଏ ମନ ।

କପିଳ ପ୍ରସାଦ,ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭

## ବିଦାୟ କାଳୀନ...
### ରଶ୍ମିରଂଜନ ପୃଷ୍ଟି

ସ୍ନେହ ଭରା ଡାକ ତୁମ ପ୍ରେମ ଭରା କଥା ତୁମ
ଝୁରି ଝୁରି ଝୁରି ଝୁରି ଆମେ ଝୁରି ।

ଏବେ ସେଇ ହୀନ ଦିଶିବ ଆମ ଅନୁଷ୍ଠାନ
ଖୋଜିବ ତୁମର ପାଦ ଚିହ୍ନ
ଆଉ ସାଥେ ବିତି ଥିବା ଜୀବନ
ଏବେ ସେଇ ହୀନ ଦିଶିବ ଆମ ଅନୁଷ୍ଠାନ
ଖୋଜିବ ତୁମର ପାଦ ଚିହ୍ନ
ଆଉ ସାଥେ ବିତି ଥିବା ଜୀବନ ।

ମଜା ମଜା କଥା ତୁମ ମିଠା ମିଠା ରାଗ ତୁମ
ଝୁରି ଝୁରି ଝୁରି ଝୁରି ଆମେ ଝୁରି ।

ମନ ଫୁଲ ହସିନା ନାହିଁ ପରସ ତୁମର

ସ୍ନେହର ମଧୁପ ଯାଉଛି ଉଡି ଲଗାଇ ମମତା
ଡୋର ।
ସ୍ନେହ ଭରା ଗେଲା ତୁମ ଆକଟର କଥା ତୁମ
ଝୁରି ଝୁରି ଝୁରି ଝୁରି ଆମେ ଝୁରି ।

ଆମେ ତୁମ ପରିବାର ଗଢି ତୋଳିଛ ହୃଦର
ରହିଛି ରହିବ ଲିଭିବନୀ ଏ ମନୁ ଏ ଭାବ
ସମ୍ପର୍କ ଗାର ।
ତୁମେ ଦେଖିଥିବା ସପନ ପଥେ ଚାଲୁ ଏ
ଜୀବନ ।
ସ୍ୱପ୍ନ ତୁମ ସତ କରିବୁ କରିବୁ କରିବୁ କରିବୁ ।
ସ୍ନେହ ଭରା ଡାକ ତୁମ ପ୍ରେମ ଭରା କଥା ତୁମ
ଝୁରି ଝୁରି ଝୁରି ଝୁରି ଆମେ ଝୁରି ।

ସହାୟକ ପ୍ରାଧ୍ୟାପକ
ସ୍ୱତନ୍ତ୍ର ବି.ଇଡ଼ି କଲେଜ,କୋଦଳା
ମୋ: ୯୯୩୭୪୪୨୩୦୬

## ଆତ୍ମଘାତୀ
### ଗଜାନନ ମିଶ୍ର

କଣ୍ଟା ହେବାକୁ ଇଚ୍ଛା ନାଇଁ କେତେବେଳେ
ଆଉ କାହା ତଣ୍ଟିରେ ଏମିତିରେ ।
ମାପିବି ନାଇଁ କାହା ଧୈର୍ଯ୍ୟ ଜବରଦସ୍ତ ପଶି
ଆଉ କାହା ବାଡିରେ ।
ନା, ଦେଖିବି ନାଇଁ ଶୂନ୍ୟର ଖେଳ
ନ ଥିବା ସତ୍ୟ ନାମରେ ।
ବହି ଆସୁଥିବା ପାଣିରେ ରଖିବି ନାଇଁ
ଠିକଣା
କରି ଆବିଷ୍କାର ନିଜର ନିଜ ଆଗରେ ।
ଦ୍ୱାର ମୁହଁରେ ଖୋଳିବି ନାଇଁ ନାଳ
ରଖିବାକୁ ସାଇତି ଭାଷା ସଉତୁଣୀ
ଦୟାରେ ।
ଲକ୍ଷ୍ୟ ଭେଦିବାକୁ ହେବି ନି ଠିଆ
ରଙ୍ଗ ବଦଳାଉଥିବା ପାହାଡ ଉପରେ ।
ଅଣାନିଆ ଅଗ୍ନିରେ ପରଷିବି ନାଇଁ
ଆଉ କାହା କଲିଜା ଆତ୍ମଘାତୀ ସମୟରେ ।

ତପୋବନ, ଟିଟିଲାଗଡ, ବଲାଙ୍ଗିର

## ଶୁଖିଲା ମନ
### ଡୁଇଟ ଡେଭିଡ ଫିଲିପ୍



ଶୁଖିଲା ଗଛ,
ଶୁଖିଲା ମୁଁହ,
ଶୁଖିଲା କଲମ,
ଶୁଖିଲା ହ୍ରଦ,
ଶୁଖିଲା ନଦୀ,
ଶୁଖିଲା ପୋଖରୀ,
ଶୁଖିଲା ଲୁହ,

ଶେଷ ନୁହେଁ,
ସମୟ ଚକ୍ରର ସେସବୁ ଖାଡ଼ି,
ପରିଚୟ ଓ ସତ୍ତା ପାଇ ଦୁଃଖିତ ଆଜି,
ସ୍ରୋତରୁ ବିୟୋଗ ହୋଇ ଯାଇଛି,
ବ୍ରହ୍ମାଣ୍ଡରେ ଏ କି ନୂଆଁ କଥା ହୋଇଛି !

ଘରେ ପଶିଲେ, ତିନି ବର୍ଷର ଛୁଆ ଦଉଡ଼ି
ଆସିବ,
କଅଁଳ ହାତରେ ମୋତେ ଧରିବ,
ମୁଁ ଦାଦନ, ତାକୁ ଦେବୀ କଣ,

ତା ମାଁ କୁ ପୁଣି,
ପୁଣି ମୋ ମାଁ ବୁଢ଼ୀ,
ଆଉଥରେ କହିବ, 'ଗତ ଥର ବିତ କହିଥିଲି
ଯାଆନି'
ମାଲିକ କହିଲା, ଯା ଆଉ ଥରେ ଆସିଲେ
ଦେବି ।

+ ଚାଇବସା, ଝାଡ଼ଖଣ୍ଡ
୧୩/୧୧/୨୦୨୨
(ମୋ) ୯୪୩୭୧୦୪୩୦୩

## ମୋ ବେଦନା ବଢ଼େ
### ଆନନ୍ଦ କୁମାର ମାଇତି



ଠିକ୍ ଯୌବନ ଆରମ୍ଭରେ ହିଁ
ସେମୋତେ ହତ୍ୟା କରିଛି
ମୋର ସ୍ଥିର ପ୍ରାଣକୁ ଅସ୍ଥିର କରେଇ
କୁମାର ସୁଲଭ ଅଗଣାକୁ ଚୁମିଛି
ଏକ ଅକଥନୀୟ ନିର୍ଯାତନା ପରି
ସେଇଠି ମୋତେ ବନେଇ ଥିଲା କିଶୋରରୁ
ଯୁବକ ।
ତା ପରେ ମୋର ଅଜଣାନ୍ତରେ
ସେ ହତ୍ୟା କରିଛି ମୋର ସୁଲୋଭତାକୁ ।

ଏକଥା ମୋର ଯେବେ ଜଣାପଡ଼େ
ମୁଁ ହୋଇ ଯାଏ ଜଳନ୍ତା ନକ୍ଷତ୍ର
ହାତରେ ସଶସ୍ତ୍ର ତରବାରୀ ଗ୍ରଜି ଉଠେ

ଆଉ ଉଦ୍ଗିରଣ କରିବସେ
ପୁଳାପୁଳା କାବ୍ୟ ଲାଭା ।
ସବୁ ଶବ୍ଦରେ ପ୍ରକମ୍ପିତ କରି ପକାଏ
ବେଦନାର ବ୍ୟଥା ।
ତାକୁ ତା ଠିକଣାରେ ପଠାଇ ଦିଏ
ଗୋଟେ ମୃତ୍ରୁ ପରୋୟାନା ।
ପରୋୟାନା ପଢି ତାର ଆୟୁଷ ବଢ଼େ
ମୋର ବି ବିରହ ବଢ଼େ ।

+ ଏରସମା, ଜଗତସିଂହପୁର

## ତମେତ ଆସୁଛ
### ଡ.ହରିଶ୍ଚନ୍ଦ୍ର ବେହେରା

ତମେତ ଆସୁଛ ଆମ ଆବେଗର
ବଂଶୀ ବାଦକଟେ ହୋଇ
ପତ୍ର ଝଡା ବୃକ୍ଷ କଅଁଳି ଉଠିବ
କେତେ ସମ୍ଭାବନା ନେଇ ।

ମାଟି ର ବୀଣାରୁ ଝଙ୍କାରି ଉଠିବ
ନୂଆ ସୃଜନର ସ୍ୱର
ଆପେ ଖୋଲିଯିବ ନବାଗତ ଲାଗି
ମଥୁରାର କାରା ଦ୍ୱାର
ବାଟ ଛାଡ଼ିଦ୍ୱେ କୂଳ ଲଂଘୁଥିବା
ଉଜାଣି ଯମୁନା ନଈ ।

ଗୀତରେ ଗୀତରେ କରିବୁ ତୁମକୁ
ପ୍ରାଣଭରା ଆବାହନ
କପାଳରେ ଟିପା ଟିପା ଆଙ୍କି ଦେବୁ
ଅଗୁରୁ ବାସ ଚନ୍ଦନ

ଗାଁଆରୁ ସହର ସବୁଠି ଶୁଭିବ
ଶୁଭ ଶଙ୍ଖ ସାହାନାଇ ।

ଭୁଲି ଯିବୁ ଆମେ ତୁମ ଆଗମନେ
ପୁରୁଣା ଦୁଃଖ କଷଣ
ଆଖି ଲୁହ ପୋଛି ତମେ ଦେଖେଇବ
ଜୀଇଁବାର ନୂଆ ସ୍ୱପ୍ନ
ଜୀବନ ଘାତକ ରାକ୍ଷାସ ଙ୍କୁ ମାରି
ଆଣିବ ଶାନ୍ତି ଫେରାଇ ।

ତମ ବଇଁଶୀ ର ମଧୁ ମୂର୍ଚ୍ଛନାରେ
ସବୁଠି ଝରିବ ମହୁ
ମଳୟ ବହିବ ତୋଟା ଆଡୁଆଲୁ
ଶୁଭିବ କୋଇଲି କୁହୁ
ବିଶ୍ୱ ମୈତ୍ରୀ ର ମନ୍ଦାକିନୀ ଧାରା
କୁଳୁକୁଳୁ ଯିବ ବୋହି ।

କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮

## ବାପା
### କବି ବିପ୍ଳବ



ମୋର ସବୁ ରାଗ ରୁଷା
ଅଳି ଅର୍ଦ୍ଦଳୀ
କୁହାଟ କାରୁଣ୍ୟ
ସେଇ ପାଦ ତଳେ ।

ମୋ ସମଗ୍ର ନିଦାଘର ଛାଇ
ମୋ ସମଗ୍ର ଉତ୍ତାପର ଶୀତଳପଣ
ଆଉ ଯେତେ ସବୁ ମାନ ଅଭିମାନ
ସେଇ ପାଦ ତଳେ ।

ସେଇ ଧୂଳି ଧୂସରିତ ହଳେ ଫଟା ପାଦ
ମୋ ପାଇଁ ପଦ୍ମପାଦ
ସେଇ ଶିରାଳ ହାତ ଯୋଡ଼ିକ
ମୋ ପାଇଁ ବଡ଼ ଦେଉଳର ନେତ
ସେଇ ନାଲି ଆଖି ପାଖରେ
ମୋ ସମସ୍ତ ପାପର ଅନ୍ତ ।

ଈ ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

## ନିଶବ୍ଦ
### କମଳ ଲୋଚନ ପଣ୍ଡା



ଭାବନାର ଅର୍ଥକୁ ବୁଝେଇ ଦିଏ ଶବ୍ଦ ସିନା,
ନିଶବ୍ଦତାର ପରିଭାଷା କେବେ ବୁଝିହୁଏନା

ଅନେକ କଥା ଅନେକ ଭାବନାର ସ୍ୱର
ମନରେ ଲହଡ଼ି ଖେଳେ,
ହେଲେ ଶବ୍ଦର କୂଳକୁ କେବେ ଛୁଇଁ ପାରେନା

ମୋ ଶବ୍ଦ ଯେବେ କରେ ନିଶବ୍ଦ ତୁମକୁ
ନିଶବ୍ଦ ଭିତରେ ଅନେକ କଥା ମୁଁ ଖୋଜି ପାଏନା

ଯେବେ ମୋ କଲମର କାଳି ଶବ୍ଦକୁ ହଜେଇ ଦିଏ,
ନିଶବ୍ଦ ରେ କେବେ ମୁଁ କବିତାଟିଏ ଲେଖିଦିଏ ଜାଣିପାରେନା ।

+ ନୀଳଗିରି, ବାଲେଶ୍ୱର , ମୋ: ୭୩୨୭୦୨୮୯୭୮

## ଈଶ୍ୱର
### ଡ. ପ୍ରମୋଦ କୁମାର ମଲ୍ଲିକ

ଈଶ୍ୱର ଅଦୃଶ୍ୟ ଅନନ୍ତ୍ ଅବ୍ୟକ୍ତ
ଅସୀମ ଅବର୍ଣ୍ଣନୀୟ,
ନା ଅଛି ଚିହ୍ନ ନା ଅଛି ବର୍ଣ୍ଣ
ବିଶ୍ୱ ପଥେ ବନ୍ଦନୀୟ ।
ଈଶ୍ୱର ଈଶ୍ୱର ମୁଣ୍ଡ ପି ଟେ ନର
ଅଦୃଶ୍ୟ ସେ ସଦା କାଳେ
ମରେ ଡାକି ନର ନାରାୟଣ ତାର
ଝୁରେ ଖାଲି ଅବେଳରେ ।
ହୁଏ କେବେ ଦୃଶ୍ୟ କେବେ ସେ ଅଦୃଶ୍ୟ
କେବେ କେବେ ମିଳେ ସ୍ୱର୍ଶ
ବେଳ ଅବେଳରେ ଭୋକ ବିକଳରେ
ଦେଲେ ଶୁଣେ ଖାଇଲାଞ୍ଜ ।
ସୁଖ କେବେ ଆସି ଖସିଯାଏ ହାତୁ
ଦେଇଯାଏ ଖାଲି ଜଞ୍ଜାଳ

ତଥାପି ଈଶ୍ୱର କରିଥାଏ ଘର
ନିଃଶ୍ୱାସ ବିଶ୍ୱାସେ ଖର ।
କାଳର କରାଳ ମଣିଷ କଙ୍କାଳ
କଳା କଳା ଆଖି ମାରେ
କୋହ ଆଉ ମୋହ ଫାଟି ପଡୁଥାଏ
ଲୁହ ଲହୁ ଚକ୍ଷୁ ଝାଡେ ।
ଦୁଃଖକୁ ପାକୁଳି ଛାଡଇ ବୋବାଳୀ
ହେ ଈଶ୍ୱର ରକ୍ଷା କର
ହେ ଈଶ୍ୱର ତୁମେ କାଠ କି ପଥର
ଦରଶନ ଦିଅ ଏଥର ।
କେବେ କରାଗାରେ କେବେ ମେଣ୍ଢାଶାଳେ
କେବେ ଦାରୁ ବ୍ରହ୍ମ ରୂପେ
କେବେ ପଥ ଚାରୀ କେବେ ଗିରିଧାରୀ
କେବେ ଦେଖା ଦିଅ ଧୂପେ ।
କାକଳୀ ର ସୁର ଅନ୍ଧାରେ ଅନ୍ଧାର
ଜହ୍ନ ରେ ଦେଇଛ ଜ୍ୟୋସ୍ନା
ଫୁଲ ଚନ୍ଦନ ବେଶ କିଛି ଅବଶୋଷ
ଈଶ୍ୱର ବଢାଏ ତୃଷ୍ଣା ।

## ଅନ୍ତର୍ଦାହ
### ସ୍ମିତା ପଣ୍ଡା



କେତେ କଷ୍ଟ ନହୁଏ
ଭାଙ୍ଗିଗଲେ
ଘର, ହୃଦୟ ।

ପକ୍ଷୀ କୁହ
କି' ମଣିଷ
କିଏ ଲହୁ ଲୁହାଣ ନହୁଏ
ଘରଟିଏ ଗଢ଼ିବା ବେଳେ !
ତୀକ୍ଷ୍ଣ ଶର ହେଉ କି
ତୀକ୍ଷ୍ଣ କଥା
ଚୋଟ ତ ସେଇଠାରେ ପହଞ୍ଚେ
ଆହତ ତ ହୃଦୟ ହୁଏନା ।

ନା ନା..
ତମେ ଆଉ ଯାହା କିଛି
ଶୁଣାଅ ପଛେ
କେବେ ଶୁଣାଅନି
କାହାର ଭାଙ୍ଗିଯିବା କଥା
ଘର, ହୃଦୟ ।

ନରସିଂହପୁର,କଟକ
ମୋ: ୭୦୦୮୨୪୩୬୭୨

## ପା'ପୋଛ
### ବାଦଲ କୁମାର ଭୂୟାଁ



ପା'ପୋଛ କେତେ ଯାତନା ସହେ
ତଥାପି ତା ବାଗରେ ସିଏ ହସୁଥାଏ
ମୁର୍କି ହସୁଥାଏ ସଦାବେଳେ
ତା' ଭାଗ୍ୟ ଯୋତା ଓ ପାଦର
ସାନିଧ୍ୟ ଲଭିବା
ଲକ୍ଷ ଲକ୍ଷ ଧୂଳିକଣା ସବୁକୁ
ଆଶ୍ରୟ ଦବା
ଆକଟରେ ସେ ସବୁକୁ
ଚନ୍ଦନ ପରିକା
ନିଜ ଦେହ ଦେହଳିରେ
ସାଇତି ରଖିବା

ଏଇ ପାଦୁକା ସେବାରେ
ପା'ପୋଛ ସ୍ୱର୍ଗ ଲଭେ
ମନର ଗୁମର କଥାକୁ ଶୁଣାଏ
କିନ୍ତୁ କାହା ମନରେ
କଷ୍ଟ ହବ କାଳେ
ମନର ଲକ୍ଷ ଲକ୍ଷ ଦୁଃଖର ପସରା

ଖୋଲିବା ପରିବର୍ତ୍ତେ
ସେ ସବୁକୁ ନିଜ ଦେହରେ ମାଖେ
ନିଜକୁ ସଂସାର ଆଗରେ ରଖି
ସବୁ ଅର୍ଦ୍ଦଳି ସହେ
ହାରିଯାଉଥିବା ମଣିଷକୁ
ବଞ୍ଚିବାର ବାଟ ଦେଖାଏ ।।
ଠିକ ବୋଉ ପରିକା
ଦିଗବଳୟ ପରିକା,
ସଭିଙ୍କୁ କୋଳକୁ ଆ
କୋଳକୁ ଆ' ଠାଣିରେ ଡାକେ
ସଭିଙ୍କୁ ଆପଣାର କରେ
ନମିଷେ ଭିତରେ
ସୁଜନ ହେଉ କି କୁଜନ
ସଭିଙ୍କ ସାନିଧ ଲଭିଲେ
ତା' ବାଉନୁ ଭଣ୍ଡାର ପୁରିଲା

ମନର ମନାସୁଥିବା
ଇଚ୍ଛା ପୁରିଗଲା ଯେ !!
ଏଇ ଧୂଳିକଣା
ଗୋଟେ ଗୋଟେ ବ୍ରହ୍ମାଣ୍ଡ
ଏଇ ଧୂଳିକଣା
ଗୋଟେ ଗୋଟେ
ନୂଆ ଇତିହାସ
ଏଇ ପା'ପୋଛ ଯେପରି
ଧନ ଜୀବନ ଗାଥାର ଗୋଟେ
ସୁଦୀର୍ଘ ସୋପାନ ।

+ ୪-ଜି, ପ୍ରତାପ ଆପାର୍ଟମେଣ୍ଟ,
୭ଏକ୍ସଟେନସନ, ଜାମସେଦପୁର,
ଝାରଖଣ୍ଡ,
ମୋ : ୦୯୨୦୪୬୫୨୦୬୫

## ଭରକେନ୍ଦ୍ର
### ପ୍ରଦୀପ୍ତ କୁମାର ମିଶ୍ର

ମୋମନ ବୃତ୍ତରପରିଧି ମଧ୍ୟରେ
ତମେ ପ୍ରଭୁ ଏକା ଅନନ୍ୟ କେନ୍ଦ୍ରବିନ୍ଦୁ
ଯେତେ ଦୂରତାବି ଧାଇଁଗଲେମୁଁ
ସିନ୍ଧୁପାଖେ ମୁଁ ମାତ୍ର ନିମିତ୍ତ ଜଳବିନ୍ଦୁ ।

ମୋର ଭାବନା ତ୍ରିଭୁଜ ମଧ୍ୟରେ
ପ୍ରଭୁତମେ ଧାରଣ କରିଛ ଭରକେନ୍ଦ୍ର
କ୍ୱେଳ ଶୀର୍ଷର ନାମକରଣରେ
ଭକ୍ତି ବିଚାରରେ ହୋଇଯାଏମୁଁ ଅନ୍ଧ ।

ମୋ ବହୁଭୁଜର ଅନ୍ତର୍ଦେଶର ହିଁ
ଆପଣ ସମସ୍ତକର୍ଣ୍ଣମାନଙ୍କ ଛେଦବିନ୍ଦୁ
ମୁଁସାରା ଅନ୍ଧାର ଆକାଶ ହେଲେ

ଆପଣଯେ ଆଲୋକମୟ ପୂର୍ଣ୍ଣଇନ୍ଦୁ ।

ଯାହାମୁଁ କେବେ ଆବିଷ୍କାର କରେ
ତାଉସ ଖୋଜି ଦେଖେ ତମେହିଁ ଥାଅ
ମୁଁକେବଳ ଭାବନାରଖିଏ ହେଲେ
ତମେ ପ୍ରଭୁଏକା ପୁରା ବିଜ୍ଞାନ ମୟ ।

ପଥରେ ଖୋଜିଛି ମୂର୍ତ୍ତିରେ ଖୋଜିଛି
ମନ୍ତ୍ରତନ୍ତ୍ରରେ ଖୋଜିଛି ତମର ଠାବ
ଅନ୍ଧାର ଆଲୋକ ମେଳରେ ଦେଖିଛି
ଅନ୍ତରୁ ଦେଖିଛି ତମର ଅନନ୍ୟରୂପ ।

ଏଠି ନାହିଁ ତୁମେ ସେଠି ନାହିଁ ତୁମେ
ଶରୀରରେଖୋଜେ କେବେମନରେ
ଶୟନବା ସ୍ୱପ୍ନରେ ଆବିର୍ଭାବ ହୁଅ
ଥାଅତୁମେ ଭଜନଓ ସଂକୀର୍ତ୍ତନରେ ।

ଅରେଇ, ଯାଜପୁର
ମୋ: ୯୬୫୮୬୧୪୭୨୮

## ତମେ ତ ଉଛୁଳା ନଈ
### ଶରତ କୁମାର ଦାସ

କଳି ପାରୁନାହିଁ ତମକୁ ମୁଁ ଜମା
ତମେ ତ ଉଛୁଳା ନଈ,
ତମ ରୂପ ଗୁଣ ସଦା କଳ କଳ
ମୋ' ଦେହରେ ଯାଏ ବହି ।

ତମରି ଛୁଆଁରେ ଜୀବନ୍ୟାସ ପାଏ
ମୋ ମନର ମଧୁ ବନ,
ହାତ ପାଆନ୍ତାରେ ଖେଳୁଥାଏ ସତେ

ପୁନେଇର ରୂପାଜହ୍ନ
ଏମିତି ନିବିଡ ପରଶ ତମରି
କେତେ କଥା ଦିଏ କହି
କଳି ପାରୁନାହିଁ ତମକୁ ମୁଁ ଜମା
ତମେ ତ ଉଛୁଳା ନଈ ।

ଦୂବ ପତରରେ ଶିଶିରର ବିନ୍ଦୁ
ପରି ଢଳୁଥାଅ ସଦା,
ତମ ସ୍ମୃତିରାଜି ଶୟନେ ସପନେ
କରୁଥାଏ ମୋତେ ଓଦା
ଏମିତି ଫୁଲର ପାଖୁଡାଟି ତମେ

ବାସ ଯା'ର ଛୁଟୁଥାଇ
କଳି ପାରୁନାହିଁ ତମକୁ ମୁଁ ଜମା
ତମେ ତ ଉଛୁଳା ନଈ ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ: ୮୨୪୯୧୩୭୦୯୧

# 'ବନ୍ଧୁ' ସାମାଜିକ ଅନୁଷ୍ଠାନର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର,୨୬/୧୨ (ନି.ପ୍ର): ସାମାଜିକ ଅନୁଷ୍ଠାନର ତୃତୀୟ ବାର୍ଷିକ ଉତ୍ସବ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ଅନୁଷ୍ଠାନ "ବନ୍ଧୁ ୱେଲଫେୟାର ଟ୍ରଷ୍ଟ" ଭାବେ ପଞ୍ଜୀକୃତ ହେବା ସହ ସଭ୍ୟସଭ୍ୟାମାନେ ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟ ସମେତପଥପ୍ରାନ୍ତ ବୃକ୍ଷରୋପଣ, ଅନାଥାଶ୍ରମ ଏବଂ ବୃଦ୍ଧାଶ୍ରମରେ ରନ୍ଧାଖାଦ୍ୟ ବଂଟନ, ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ ଓ ଗୁରୁ ଦିବସ ଆର୍ଦ୍ଦ ପାଳନ, ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ଭଳି ବିଭିନ୍ନ ସାମାଜିକ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ କରିଆସୁଛନ୍ତି ।ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ତଥା ପ୍ରାକ୍ତନ ଶିକ୍ଷକ ଶ୍ରୀ ବିରଞ୍ଚି ନାରାୟଣ ମଣ୍ଡଳ ଯୋଗଦେଇ 'ବନ୍ଧୁ' ଅନୁଷ୍ଠାନର ଏଭଳି ପ୍ରୟାସ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ପ୍ରକାଶ କରିବା ସହିତ ଆଗାମୀ ଦିନରେ ସମାଜର ହିତ ପାଇଁ ସଭ୍ୟସଭ୍ୟାମାନେ ଆହୁରି ଅଧିକ ଭଲ କାମ କରିବେ ବୋଲି ଆଶା ପ୍ରକାଶ କରି ଉତ୍ସାହିତ କରିଥିଲେ । ସ୍ଥାନୀୟ ରଙ୍ଗ ବଜାର ନିକଟସ୍ଥ ଅଲାରପୁରର, ମା' ଜାଗୁଲାଇ ସରସ୍ୱତୀ ଶିଶୁମନ୍ଦିରଠାରେ ଏହି ଅନୁଷ୍ଠାନର ବାର୍ଷିକ ଉତ୍ସବ, ବାର୍ଷିକ ଅଧିବେଶନ ତଥା ସ୍ଥାନୀୟ ସତ୍ୟଭାମାପୁର ଉଚ୍ଚ ବିଦ୍ୟାଳୟର ୧୯୮୬ମସିହା ମାଟ୍ରିକ୍ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ମଣ୍ଡଳ ଏହା ପ୍ରକାଶ କରିଛନ୍ତି ।ପ୍ରକାଶ ଥାଉକି, ସ୍ଥାନୀୟ ସତ୍ୟଭାମାପୁର ଉଚ୍ଚ ବିଦ୍ୟାଳୟର ୧୯୮୬ ମସିହା ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କୁ ନେଇ 'ବନ୍ଧୁ' ସାମାଜିକ ଅନୁଷ୍ଠାନ ଗଠନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମା' ଜାଗୁଲାଇ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଶ୍ରୀକାନ୍ତ ଶେଖର ସାମନ୍ତରାୟ ଯୋଗଦେଇ ଅନୁଷ୍ଠାନର ଉଦ୍ୟମକୁ ପ୍ରଶଂସା କରିବା ସହିତ ଏହାର ଅଧିକ ଉନ୍ନତି ପାଇଁ ଗଠନମୂଳକ ପରାମର୍ଶ ଦେଇଥିଲେ ।

'ବନ୍ଧୁ' ଅନୁଷ୍ଠାନର ସଭାପତି ଶ୍ରୀକାନ୍ତ ଦାଶଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଆଗାମୀ ଦିନରେ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟସେବା ଶିବିର, ଯୋଗ ଶିବିର ଆଦି ଆୟୋଜନ ସାଙ୍ଗକୁ ସମ୍ଭାବ୍ୟ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଜନସଚେତନତା କାର୍ଯ୍ୟକ୍ରମ କରାଯିବା ସମ୍ପର୍କରେ ଅନୁଷ୍ଠାନର ସଭାପତି ଶ୍ରୀ ଦାଶ ପ୍ରକାଶ କରିଥିଲେ ।କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଫଗୁ ସାମଲ ଯୋଗଦେଇ ବାର୍ଷିକ ବିବରଣୀ ପାଠ କରି ଅନୁଷ୍ଠାନ ତରଫରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବାକଦେବୀ ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା ।ଏହି ଅବସରରେ ମା'ଜାଗୁଲାଇ ସରସ୍ୱତୀ ଶିଶୁମନ୍ଦିରର ପ୍ରତିଷ୍ଠାତା ସ୍ୱର୍ଗତ ଇଂ.ଚିତ୍ରସେନ ପରିଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଓ ପରେ ପରେ ବିଦ୍ୟାଳୟ ପରିସରରେ ବୃକ୍ଷଚାରା ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନର କୋଷାଧ୍ୟକ୍ଷ ଶ୍ରୀ ସରୋଜ କୁମାର ସାହୁ ବାର୍ଷିକ ଖର୍ଚ୍ଚ ବିବରଣୀ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ'ବନ୍ଧୁ' ଅନୁଷ୍ଠାନର ଅନ୍ୟତମ ଉପଦେଷ୍ଟା ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ,ଭୁବନେଶ୍ୱରଶ୍ରୀ ପଠାଣି ରାଉତ, ଅନୁଷ୍ଠାନର ଉପ ସଭାପତି ଶ୍ରୀମତୀ ସୁଚିସ୍ମିତା ଦାସ, ଉପଦେଷ୍ଟା ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ର, ସହ ସମ୍ପାଦକ ଶ୍ରୀ ସନାତନ ଦାସଙ୍କ ସମେତ ଅନ୍ୟ ସମସ୍ତ ସଭ୍ୟସଭ୍ୟା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ୪୦ ଜଣ ବନ୍ଧୁ ଏକତ୍ରିତ ହୋଇ ପୁର୍ବସ୍ମୃତି ମନେ ପକାଇବା ସହ ନିଜ ନିଜର ଖୁସି ବାଂଟିଥିଲେ । 'ବନ୍ଧୁ' ଅନୁଷ୍ଠାନର ଅନ୍ୟତମ ଉପଦେଷ୍ଟା ତଥା ପୁରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ଶ୍ରୀ ପ୍ରଦ୍ୟୁମ୍ନ କୁମାର ମାହାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଭୁଶୁଡ଼ିଲାଣି ଲାଲଗଡ଼: ୮ ବର୍ଷରେ ଆତ୍ମସମର୍ପଣ କଲେଣି ୨୧୦ ହାର୍ଡକୋର ମାଓବାଦୀ

ଭୁବନେଶ୍ୱର,୨୬/୧୨ (ନି.ପ୍ର): ଭୁଶୁଡୁଛି ଲାଲଗଡ଼ । ଦିନ ଥିଲା ସେମାନେ ମାଓବାଦୀମାନଙ୍କୁ ସହଯୋଗର ହାତ ବଢ଼ାଇ ଦେଉଥିଲେ । କେବଳ ସହଯୋଗର ହାତ ନୁହେଁ, ଶରୀର ଅସୁସ୍ଥ ହେଲେ ଔଷଧ ଆଣି ଦେଉଥିଲେ । ରାସନ କିଣି ଦେଉଥିଲେ । ଆଉ ଆବଶ୍ୟକ ହେଲେ ରାତି ବେଳା ରୋଷେଇ କରି ଖୁଆଇ ଗାଁରେ ଆଶ୍ରୟ ଦେଉଥିଲେ । କିନ୍ତୁ ଏବେ ସେହିମାନଙ୍କ ସ୍ଲୋଗାନ୍ ହେଉଛି 'ମାଓବାଦୀ ମୁର୍ଦାବାଦ' । ଲାଲଗଡ଼ର ଅଣ୍ଟା ଏବେ ଭାଙ୍ଗିବା ଆରମ୍ଭ କଲାଣି । ଧୀରେ ଧୀରେ ମାଓବାଦୀମାନଙ୍କଠାରୁ ସେମାନେ ଦୂରେଇ ଗଲେଣି । ଗତ ୬ ମାସ ମଧ୍ୟରେ ୨୫୫୪ ଜଣ ମିଲିସିଆ ପୁଲିସ ନିକଟରେ ଆତ୍ମସମର୍ପଣ କରିବା ହେଉଛି ଏହାର ଜ୍ୱଳନ୍ତ ଉଦାହରଣ । କେବଳ ମିଲିସିଆ କାହିଁକି, ଗତ ୮ ବର୍ଷରେ ରାଜ୍ୟରେ ୨୧୦ ଜଣ ହାର୍ଡକୋର ମାଓବାଦୀମାନେ ମଧ୍ୟ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଯେଉଁମାନଙ୍କ ନାଁରେ ଥିଲା ଅପହରଣ, ହତ୍ୟା ଭଳି ସଂଘାତିକ ଅଭିଯୋଗ । ଆଉ ମୁଣ୍ଡରେ ଥିଲା ୫ରୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର । ରାଜ୍ୟ ସରକାରଙ୍କ ଆତ୍ମ-ସମର୍ପଣ ଓ ପୁର୍ନର୍ବାସ ଯୋଜନା ଏବଂ ତା ସାଙ୍ଗକୁ ମାଓ ଅଞ୍ଚଳରେ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ଶିକ୍ଷା, ଗମନାଗମନରେ ଆଦିରେ ଦ୍ରୁତ ବିକାଶ ହିଁ ମାଓବାଦୀ ଓ ମିଲିସିଆମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।ଯାହା ଫଳରେ ରାଜ୍ୟରେ ୨୧ଟି ମାଓପ୍ରବଣ ଜିଲ୍ଲାରୁ ଏବେ ହ୍ରାସ ପାଇ ମାତ୍ର ୧୦ ?ରେ ପହଞ୍ଚିଛି । ଖୁବ୍ ଏହି ଶୀଘ୍ର ଏହି ତାଲିକାରେ ଏକ ବଡ଼ ଧରଣର ପରିବର୍ତ୍ତନ ହେବ ବୋଲି ଗୁଇନ୍ଦା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ।

ଗୁଇନ୍ଦା ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି, ମାଓବାଦୀମାନଙ୍କ ବଳ ହେଉଛନ୍ତି ମିଲିସିଆ । ମିଲିସିଆମାନେ ମାଓବାଦୀମାନଙ୍କ ଭଳି ଆର୍ମସ୍ ଟ୍ରେନିଂ ନେଇଥାନ୍ତି । ସେମାନଙ୍କୁ ଭଲ ଭାବେ ଜଣା କେମିତି ଟିଫିନ୍ ବୋମା ଖଞ୍ଜା ଯାଇଥାଏ, ଗ୍ରେନେଡ ଫିଙ୍ଗା ଯାଇଥାଏ । ସେହିପରି ସେମାନେ ପଲିଟିକାଲ୍ ଟ୍ରେନିଂ ମଧ୍ୟ ନେଇଥାନ୍ତି । ଏପରିକି ମାଓବାଦୀମାନେ ଗାଁକୁ ଆସିଲେ ସେମାନେ ଶିବିର ନିକଟରେ ସେଣ୍ଟ୍ରି ଡ୍ୟୁଟି କରିଥାନ୍ତି । ନୟାଗଡ଼ ଓ କୋରାପୁଟ ଆକ୍ରମଣବେଳେ ମିଲିସିଆମାନେ ହିଁ ମୁଖ୍ୟ ଭୂମିକା ନେଇଥିଲେ । ତେଣୁ ସେମାନେ ଆତ୍ମସମର୍ପଣ କରିବା ଶୁଭ ଖବର ବୋଲି ଉକ୍ତ ଅଧିକାରୀ ଜଣକ କହିଛନ୍ତି ।

ଯାହା ସୂଚନା ମିଳିଛି ଓଡ଼ିଶାର ମାଲକାନାଗିରି ଓ କୋରାପୁଟ ଭଳି ଦୁଇଟି ଜିଲ୍ଲା ହେଉଛି ଦେଶରେ ଚିହ୍ନଟ ହୋଇଥିବା ୨୫ ଟି ମାଓବାଦୀ ପ୍ରବଣ ଅଞ୍ଚଳ ଜିଲ୍ଲାଗୁଡ଼ିକ ମଧ୍ୟରେ ଅନ୍ୟତମ । ଏହି ଦୁଇଟି ଜିଲ୍ଲାରେ ମାଓବାଦୀମାନଙ୍କ ଗତିବିଧି ସର୍ବାଧିକ । କୋରାପୁଟର ଆଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକର ଅଧିକାଂଶ ବିକାଶ ହୋଇ ସାରିଛି । କିନ୍ତୁ ମାଲକାନାଗିରି ବିଚ୍ଛିନ୍ନାଞ୍ଚଳର ୯ ଜିଲ୍ଲାରେ ଶାସନ କଳର ପ୍ରବେଶ ନ ଥିଲା । ମାଓବାଦୀମାନଙ୍କ ଗଡ଼ ଥିଲା ଚିତ୍ରକୁଣ୍ଡା ଓ ବାଲିମେଳା ଭଳି ଅଞ୍ଚଳ । ବିଶେଷକରି ମାଛକୁଣ୍ଡ ଅଞ୍ଚଳର ୯ଟି ଗ୍ରାମପଞ୍ଚାୟତ । ଯାହା ଆନ୍ଧ୍ର ସୀମାକୁ ଲାଗିଛି । କିନ୍ତୁ ଏବେ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ସେସବୁ ଅଞ୍ଚଳରେ କରାଇଥିବା ବିକାଶ ବିଶେଷକରି ଗୁରୁପ୍ରିୟା ସେତୁ ହେବା ପରେ ଏହି ଅଞ୍ଚଳରେ ଦ୍ରୁତ ଉନ୍ନତି ହୋଇଛି । ଏବେ ବସ ଚଳାଚଳଠାରୁ ଆରମ୍ଭ କରି ଆମ୍ବୁଲାନ୍ସ, ସ୍କୁଲ, ଅଙ୍ଗନବାଡ଼ି, ମୋବାଇଲ ଟାୱର ନିର୍ମାଣ, ଘର ଦୁଆର ମୁହଁ ପର୍ଯ୍ୟନ୍ତ ପାଣି, ପ୍ରତ୍ୟେକ ଘରକୁ ବିଜୁଳି, ରାସ୍ତାଘାଟରେ ବିଜୁଳି, ଜଳପ୍ରପାତରେ ମାଛ ଯାଁଳ ଛାଡ଼ିବା , ମାଛ ଧରିବା ପାଇଁ ବୋଟ ପ୍ରଦାନ ଭଳି କାର୍ଯ୍ୟ ପାଇଁ ମାଓବାଦୀ ଓ ମିଲିସିଆମାନେ ହିଂସା ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେଉଛନ୍ତି । କୋରାପୁଟ, ମାଲକାନାଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, କନ୍ଧମାଳ ଭଳି ମାଓ ପ୍ରଭାବିତ ଜିଲ୍ଲାରେ ଏବେ ମାଓବାଦୀମାନେ ହିଂସା ଛାଡ଼ିବାରେ ଲାଗିଛନ୍ତି ।

ରାଜ୍ୟ ସରକାରଙ୍କ ଆତ୍ମସମର୍ପଣ ଓ ପୁର୍ନର୍ବାସ ଯୋଜନାରେ ଆତ୍ମସମର୍ପଣ କରୁଥିବା ସମସ୍ତ ମାଓବାଦୀଙ୍କ ଆତ୍ମସମର୍ପଣ ବାବଦକୁ ୩୫ ହଜାର ଟଙ୍କା, ୪ ଡିସିମିଲ୍ ଜାଗା କିଣିବାକୁ ୨୫ ହଜାର, ଜାଗା ଉପରେ ଘର ତିଆରି କରିବାକୁ ୪୫ ହଜାର ଟଙ୍କା, ପାଠ ପଢ଼ା ବାବଦକୁ ୩ ହଜାର ଟଙ୍କା ପ୍ରଦାନ କରୁଛନ୍ତି । ବିଗତ ବର୍ଷରେ ଯୋଗ୍ୟ ବିବେଚିତ ହୋଇଥିବା ୨୨୪ ଜଣ ମାଓବାଦୀଙ୍କୁ ଥଇଥାନ କରିବାରେ ରାଜ୍ୟ ସରକାର ୬ କୋଟି ୭୩ ଲକ୍ଷ ୬ ହଜାର ଟଙ୍କା ଖର୍ଚ୍ଚ କରି ସାରିଲେଣି ବୋଲି ଗୁଇନ୍ଦା ବିଭାଗ ସୂତ୍ରରୁ ସୂଚନା ମିଳିଛି ।

ଆତ୍ମସମର୍ପଣ କରିଥିବା ହାର୍ଡକୋର ମାଓବାଦୀମାନଙ୍କ ମଧ୍ୟରେ ଅଛନ୍ତି: ଡିଭିଜନାଲ କମିଟି ସଦସ୍ୟ କୁନୁ ଦେହୁରୀ, ସୁଧୀର ବଙ୍ଗାଳୀ, ଜୟା, ସୂର୍ଯ୍ୟ ପ୍ରମୁଖ ।

# ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍‌ରେ ଶେଷ ବଲରେ ଜିତିଲେ କାଉନସିଲର ଏକାଦଶ

କେନ୍ଦ୍ରାପଡ଼ା,୨୬/୧୨ (ନି.ପ୍ର): କେନ୍ଦ୍ରାପଡା ପୌର ପରିଷଦ ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଏକ ଦିନିକିଆ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପୌର ପରିଷଦ ଏକାଦଶ ୧ ରନ୍‌ରେ ବିଜୟୀ ହୋଇ ଚମ୍ପିୟନ କପ୍ ହାସଲ କରିଥିବା ଜଣାପଡିଛି । କେନ୍ଦ୍ରାପଡା ହାଇସ୍କୁଲ ପଡିଆରେ ରବିବାର ୧୧ଟା ସମୟରେ ଏହି ୧୫ ଓଭର ବିଶିଷ୍ଟ ଦିନିକିଆ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ମିଡିଆ ଏକାଦଶ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାର ସୁଯୋଗ ପାଇଥିଲେ । ମିଡିଆ ଏକାଦଶର ବ୍ୟାଟ୍ସମ୍ୟାନ ୧୫ ଓଭରରେ ୨୪୬ ରନ କରିଥିବା ବେଳେ କାଉନସିଲର ଏକାଦଶ ୨୪୭ ରନ କରି ବିଜୟୀ ହୋଇଥିଲେ । କାଉନସିଲର ଏକାଦଶ ଟିମରୁ ପ୍ରଭାଶିଷ ପଣ୍ଡା ୫୫ ବଲରେ ୧୩୦ ରନ କରି ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ । ସେହିପରି ମିଡିଆ ଏକାଦଶର ଖୁରସିଦ ଆଲମ ଖାନ ୩୪ ବଲରୁ ୧୦୧ ରନ କରି ବେଷ୍ଟ ବ୍ୟାଟ୍ସମ୍ୟାନ । ବେଷ୍ଟ ଫିଲଡର ଭାବେ ସେକ ଆସଲମ ଓ ସୁବ୍ରତ କୁମାର ସାମଲ ବେଷ୍ଟ ବୋଲର ମନୋନିତ୍ୱ ହୋଇଥିଲେ । ପୌରାଧକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ । ମିଡିଆ ଟିମ୍‌ର କ୍ୟାପଟେନ ସନ୍ତୋଷ ପଣ୍ଡା ଓ କାଉନସିଲର ଟିମ୍‌ର କ୍ୟାପଟେନ ପ୍ରଦିପ୍ତ କୁମାର ଜେନା ନିଜ ନିଜ ଦଳର ନେତୃତ୍ୱ ନେଇଥିଲେ । ଜ୍ୟୋତିର୍ମୟ ଦାସ କମେଣ୍ଟେଟର ଭାବେ ଧାରା ବିବରଣୀ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ରଞ୍ଜିତ କୁମାର ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ ।

# ଶାନ୍ତି ଶୃଙ୍ଖଳାରେ ପାଳିତ ହେଲା ବଡ଼ ଦିନ ପର୍ବ

କନ୍ଧମାଳ,୨୬/୧୨ (ନି.ପ୍ର): ଖଜୁରୀପଡା ବ୍ଲକର କାଣ୍ଡିଆନାଳ, ଖଜୁରୀପଡ଼ା, ଆର ନୂଆଁଗାଁ , ଝାଡ଼ ବଲସକୁମ୍ପା ଠାରେ ଥିବା ଉପାସନା ଘରେ ରବିବାର ଦିନ ଖ୍ରୀଷ୍ଟଧର୍ମାବଲମ୍ବି ମାନେ ବହୁ ଯାକଜମକରେ ପ୍ରଭୁ ଯୀଶୁ ଙ୍କ ଜନ୍ମ ଦିନ ବଡ଼ ଦିନ ପର୍ବ ପାଳନ କରିଛନ୍ତି । । ୨୪ ତାରିଖ ମଧରାତ୍ରିରୁ ଧରାପୃଷ୍ଠରେ ପ୍ରଭୁ ଯୀଶୁ ଜନ୍ମ ଗ୍ରହଣ କରିଛନ୍ତି ତେଣୁ ପ୍ରତ୍ୟେକ ବାପ୍ତିଷ୍ଟ ଏବଂ କ୍ୟାଥଲିକ୍ ଚର୍ଚ୍ଚ ଗୁଡିକ ବିଭିନ୍ନ ରଙ୍ଗ ବେରଙ୍ଗ ରେ ସଜା ଯାଇଛି ।ଚର୍ଚ୍ଚ ଚତୁପାର୍ଶ୍ୱର ରଙ୍ଗବେରଙ୍ଗ ଏବଂ ଆଲୋକ ମାଳାରେ ଝଲସୁଥିବା ଦେଖିବାକୁ ମିଳୁଛି ।ସମସ୍ତଙ୍କ ମଧ୍ୟରେ ସ୍ନେହ ମମତାରେ ସମସ୍ତେ ବାନ୍ଧି ହୋଇ ଭାଇଚାରା ସୃଷ୍ଟି କରି ସ୍ନେହ ପ୍ରେମର ବାର୍ତ୍ତା ପ୍ରଦାନ କରୁଛନ୍ତି ।ଆଜି ଖ୍ରୀଷ୍ଟ ଧର୍ମାବଲମ୍ବି ଭାଇ ଭଉଣୀ ମାନେ ଆନନ୍ଦ ଉଲ୍ଲାସର ସହିତ ସାମୁହିକ ପ୍ରାର୍ଥନା ,ଉପାସନା, ନୃତ୍ୟ ଗୀତ ସଂଗୀତ ମାଧ୍ୟମରେ ପ୍ରଭୁ ପରମେଶ୍ୱରଙ୍କୁ ଧନ୍ୟବାଦ୍ ଗୌରବ ପ୍ରାର୍ଥନା ଜଣେଇଛନ୍ତି । ବଡ଼ ଦିନ ଯେପରି ଭାବେ ଶାନ୍ତି ଶୃଙ୍ଖଳାରେ ପାଳିତ ହେବ ସେନେଇ ପ୍ରସାଶନିକ ସ୍ତରେ ପୂର୍ବରୁ ଶାନ୍ତି କମିଟି ଗଠନ କରାଯାଇ ଆଲୋଚନା କରିଥିବା ବେଳେ ଆଇନଶୃଙ୍ଖଳା ଦୃଷ୍ଟିକୁ ଆଖିରେ ରଖି ଖଜୁରୀପଡ଼ା ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା । ସମସ୍ତ ଅଂଚଳରେ ଥାନା ଅଧିକାରୀ ଗେଳି କୁମାରୀ ସାହୁ ସମେତ ପୋଲିସ ବାହୀନି ଘନ ଘନ ପଟ୍ରୋଲିଙ୍ଗ କରୁଥିବା ଦେଖିବାକୁ ମିଳିଛି ।

# ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୪ବର୍ଷ ଜେଲ ସହ ଏକ ଲକ୍ଷ ଟଙ୍କା ଜୋରିମାନା

କନ୍ଧମାଳ ,୨୬/୧୨ (ନି.ପ୍ର): ଫୁଲବାଣୀ ଫାଷ୍ଟ ଟ୍ରାକ ପୋକ୍ସୋ କୋର୍ଟର ବିଚାରପତି ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ସାହୁ ୧୩ ବର୍ଷିୟା ନାବାଳିକାର ଦୁଷ୍କର୍ମ ମାମଲାର ବିଚାର କରି ସାକ୍ଷୀ,ଡାକ୍ତରୀ ରିପୋର୍ଟ୍ କୁ ଭିତି କରି ମନୁ ପାଟଗୁରୁ,୨୯ବର୍ଷ ମୁଣ୍ଡାସାହି, କୋଟଗଡ଼କୁ ଦୋଷୀ ସାବ୍ୟସ୍ତ କରି ୪ବର୍ଷ ସଶ୍ରମ କାରାଦଣ୍ଡ ସହ ଏକ ଲକ୍ଷ ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଆଉ ଅଧିକ ତିନି ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ସରକାରଙ୍କ ତରଫରୁ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପି.ପି . ବନମାଳୀ ବେହେରା ମାମଲାକୁ ପରିଚାଳନା କରୁଥିଲେ । ସୁଚନା ଅନୁସାରେ ପିଡିତା ଅଷ୍ଟମ ଶ୍ରେଣୀରେ ପଢୁଥିଲେ ।୨୧.୯.୨୦୧୮ ତାରିଖ ରେ ରାତ୍ର ପ୍ରାୟ ୧୦ ଘଂଟା ସମୟରେ ପରିସ୍ରା କରିବାକୁ ଯାଇ ଫେରି ନ ଥିଲା । ଅଭିଯୁକ୍ତ ପିଡିତାର ମୁହଁ ବନ୍ଦ କରି ଅପହରଣ କରି ଭେଟେନାରୀ ପଛ ପଟେ ନାଳ ପାଖରେ ଥିବା ଲଟାବୁଦା ଉପରେ ଦୁଷ୍କର୍ମ କରିଥିଲା ।ପିଡିତା ର ପିତା ଙ୍କ ଲିଖିତ ରିପୋର୍ଟରେ କୋଟଗଡ଼ ଥାନାଧିକାରୀ ପି.ଏସ୍. କେସ୍ ନ ୪୪/୨୪.୦୯.୨୦୧୮ ରେ ଏକ ମାମଲା ରୁଜୁ କରି ଥାନାଧିକାରୀ ଅଭିଯୁକ୍ତକୁ ଗିରଫ କରି ଅଦାଲତରେ ହାଜର କରାଇ ଥିଲେ । ଆଜି ଉପରୋକ୍ତ ମାମଲାର ବିଚାରଣା କରି ରାୟ ଶୁଣାଇଛନ୍ତି ।

# ଚମ୍ପୁଆରେ ଅଟଳଜୀଙ୍କ ଜନ୍ମ ବାର୍ଷିକୀ ପାଳନ କଲା ବିଜେପି

ଚମ୍ପୁଆ,୨୬/୧୨ (ନି.ପ୍ର): ଉପାନ୍ତ ଚମ୍ପୁଆ ଏନଏସି ଅନ୍ତର୍ଗତ ପାଂଚପୋଖରିଆ ଗ୍ରାମ (୦୨ ନଂ ୱାର୍ଡ)ର ଶିବମନ୍ଦିର ପ୍ରାଙ୍ଗଣରେ ଚମ୍ପୁଆ ବିଜେପି ପକ୍ଷରୁ ୯୮ ଟି ଦୀପ ପ୍ରଜ୍ୱଳନ କରି ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ସ୍ୱର୍ଗତ ଶ୍ରୀ ଅଟଳ ବିହାରୀ ବାଜପେୟୀଜୀଙ୍କ ଜନ୍ମ ବାର୍ଷିକ ପାଳିତ ହୋଇ ଯାଇଛି । ସ୍ଥାନୀୟ ଶତାଧିକ କାର୍ଯ୍ୟକର୍ତ୍ତା ବୁଦ୍ଧିଜୀବୀ ତଥା ଅଟଳ ପ୍ରେମୀଙ୍କ ଉପସ୍ଥିତିରେ ପାଳିତ ଏହି ଜନ୍ମ ଜୟନ୍ତୀ ଅବସରରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଜେପି କୃଷକମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ, କରଞ୍ଜିଆ ମଣ୍ଡଳ ସଭାପତି ସରୋଜ ପ୍ରଧାନ, ବରିଷ୍ଠ ଆଇନଜୀବୀ ତଥା ବରିଷ୍ଠ ବିଜେପି ସଙ୍ଗଠକ ଶ୍ରୀ ରମେଶ ଚନ୍ଦ୍ର ପ୍ରଧାନ,ମଣ୍ଡଳ ପ୍ରଭାରୀ ସନ୍ତୋଷ କୁମାର ସାହୁ, କରଞ୍ଜିଆ ମଣ୍ଡଳ ବରିଷ୍ଠ ସଙ୍ଗଠକ ରଘୁନାଥ ପାତ୍ର, ଉଜ୍ୱଳା ଯୋଜନା ଜିଲ୍ଲା ସମ୍ପାଦକ ଅମ୍ବିକା ମହାନ୍ତ, ବୁଥ ସଭାପତି ଚମ୍ପେଶ୍ୱରୀ ମହାନ୍ତ ପ୍ରମୁଖ ଯୋଗ ଦେଇ ବାଜପେୟୀଜୀ କିପରି ଭାରତ ବର୍ଷ ଏବଂ ବିଶେଷ ଭାବେ ଓଡିଶା ପ୍ରତି ଭଗବାନଙ୍କ ବରଦାନ ଥିଲେ ସେ ସମ୍ବନ୍ଧରେ ଗୋଟି ଗୋଟି କରି ତାଙ୍କର କୃତିତ୍ୱ କୁ ଆଲୋକପାତ କରିଥିଲେ । ତାଙ୍କର ବାର୍ତ୍ତା ମଧ୍ୟରେ ଆମେରିକା ଏବଂ ଜାତି ସଂଘର ବାରଣ ସତ୍ୱେ ପୋଖରଣ ପରମାଣୁ ବୋମା ପରୀକ୍ଷଣ ଯାହା ସାରା ବିଶ୍ୱକୁ ଚକିତ କରିଥିଲା ଏବଂ ଭାରତ ପରମାଣୁ ସମ୍ପନ୍ନ ହେବାକୁ ଅଗ୍ରସର ହେଲା । ପାକିସ୍ତାନକୁ ଯାଇ ନିଜ ଭାତୃତ୍ୱ ଭାବନା ଦେଖାଇ ପାକିସ୍ତାନର ମୁଖା ଦୁନିଆଁ ସମ୍ମୁଖରେ ଖୋଲିବା ସହିତ ଦୁଇ ଦୁଇଟି ସାମୁଦ୍ରିକ ମହାବାତ୍ୟା, ୨୦୦୧ ର ଭୂମିକମ୍ପ, ତୈଳଦର ବୃଦ୍ଧି, କାରଗିଲ ଯୁଦ୍ଧ ସତ୍ୱେ ଭାରତର ଅର୍ଥ ବ୍ୟବସ୍ଥା କିପରି ଉର୍ଦ୍ଧ୍ୱରେ ଥିଲା, ଦୂର ସଂଚାର ତଥା ଇଣ୍ଟରନେଟ ବ୍ୟବସ୍ଥାର ପ୍ରକୃତ କାୟାକଳ୍ପ, ୦୬ ରୁ ୧୪ ବର୍ଷ ପର୍ଯ୍ୟନ୍ତ ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା, ଭାରତର ଅନ୍ତରାଷ୍ଟ୍ରୀୟ ସମ୍ବନ୍ଧରେ ସୁଧାର,ଚନ୍ଦ୍ର ଯାନ -୧ ମିଶନ, ଲାଗାତାର ୫ ଟି ନୁକୀଲୀୟର ଟେଷ୍ଟ କରି ଭାରତକୁ ନ୍ୟୁକ୍ଲିୟର ପାୱାର କରିବା, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ଚେନ୍ନାଇ କଲକତା ମୁମ୍ବାଇ ଦିଲ୍ଲୀକୁ ଜାତୀୟ ରାଜପଥ ଦ୍ୱାରା ସଂଯୋଗ କରି ସ୍ୱର୍ଣ୍ଣ ଚତୁର୍ଭୁଜ ନିର୍ମାଣ ଏବଂ ଓଡିଶା ପ୍ରତି ଯୋଗଦାନ ଯଥା- ୧୯୯୯ ମହାବାତ୍ୟା ରେ ତୁରନ୍ତ ଓଡିଶା ଆସି ୨୫୦ କୋଟି ସହାୟତା ପ୍ରଦାନ, ଭୁବନେଶ୍ୱରର ଶିଳାନ୍ୟାସ, ରେଳପଥର ବିକାଶ, କଇକ ଯୋଜନାକୁ ପ୍ରସ୍ତାବ ଦେଇ ପଶ୍ଚିମ ଓଡିଶାର ବିକାଶ ପାଇଁ ହାତ ବଢ଼େଇବା,ବାଜପେୟୀ ଏବଂ ବିଜୁ ପଟ୍ଟନାୟକଙ୍କ ସହିତ ଅନ୍ତରଙ୍ଗ ବନ୍ଧୁତା,ବିଜୁ ଜନତା ଦଳ ତିଆରିର ଉପଦେଷ୍ଟା,ଓଡିଶାରୁ କଂଗ୍ରେସ ସରକାରକୁ ବିତାଡିତ କରିବା, ନୂତନ ଭାବେ ଆଦିବାସୀ ମନ୍ତ୍ରାଳୟ ନିର୍ମାଣ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜୁଏଲ ଓରାମ, ଦେବେନ୍ଦ୍ର ପ୍ରଧାନ, ଅରୁଣ ସେଠି, ବ୍ରଜ କିଶୋର ତ୍ରିପାଠୀ, ଦିଲିପ ରାୟ ପରି ନେତୃତ୍ୱକୁ ଓଡ଼ିଶାରେ ସୃଷ୍ଟି କରିବାରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ମତ ରଖିଥିଲେ ।ଏହି ପରିପ୍ରେକ୍ଷୀରେ ସମସ୍ତେ ଅଟଳ ବିହାରୀ ବାଜେପାୟୀଙ୍କ ଫୋଟଚିତ୍ର ଉପରେ ପୁଷ୍ପ ମାଲ୍ୟ ଅର୍ପଣ ସହିତ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ ।

# ଆମ ପ୍ରୟାସର ୧୪ ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୨୬/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କୋର ପଂଚାୟତ ଅନ୍ତର୍ଗତ ପାଳକଣା (ଶ୍ରୀବନ୍ତପୁର)ର ନିମ୍ବଦାରୁ ମନ୍ଦିର ପରିସରରେ ସୁନାମଧନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମ ପ୍ରୟାସର ୧୪ ତମ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇ ଯାଇଛି । ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ଅୟୋଜିତ ଏହି ଉତ୍ସବରେ ଓଡିଶା ପ୍ରଶାସନିକ ସେବାର ଦେବୀ ପ୍ରସନ୍ନ ମହାନ୍ତି ମୁଖ୍ୟ ଅତିଥି ଭାବେ, ରେଭେନ୍ସା ବିଶ୍ୱ ବିଦ୍ୟାଳୟର ପ୍ରଫେସର ଶିବ ଶଙ୍କର ସାହୁ ସମ୍ମାନିତ ଅତିଥି ଭାବେ, ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରଫେସର ପ୍ରଫୁଲ୍ଲ କୁମାର ସ୍ୱାଇଁ ଓ ମୁଖ୍ୟ ବକ୍ତା ଭାବେ ଇଶ୍ୱର ଚନ୍ଦ୍ର ପୃଷ୍ଟି ଉକ୍ତ ଅଂଚଳର ବରିଷ୍ଠ ନାଗରିକ ତଥା ସମାଜସେବୀ ତଥା ସଭାପତି ସୁନାକର ରାଉତ, ସଂପାଦକ ଅସୋକ କୁମାର ଦାସ, ଉପ ସଭାପତି ଭାବଗ୍ରାହୀ ପରିଡା ପ୍ରମୁଖ ଯୋଗଦେଇ ପ୍ରୟାସ ଦ୍ୱାରା ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଆମ ପ୍ରୟାସ ମେଧାବୃତୀ ପ୍ରଦାନ, ଗୁରୁଶ୍ରୀ ସମ୍ମାନ, ଯୁବ ପ୍ରତିଭା ସମ୍ମାନ, ମୀନକେତନ ସ୍ମୃତି ସମ୍ମାନ ରେ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ମାନିତ କରାଯାଇଛି । ଏଥି ସହିତ ଏହି ଉତ୍ସବରେ ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିବା ସହ କଳା, ସଂସ୍କୃତି, ଶିକ୍ଷା ଏବଂ କମ୍ୟୁନିଟି ସର୍ଭିସର ପ୍ରଚାର ପ୍ରସାର, ଗ୍ରାମାଂଚଳରେ ଶିଶୁ, ଛାତ୍ରଛାତ୍ରୀ ଏବଂ ଯୁବବର୍ଗଙ୍କୁ ସବୁବେଳେ ଆମ ପ୍ରୟାସ ପ୍ରାଥମିକତା ଦେଇ ଆସୁଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ବୈଲୋଚନ ବେହେରା, ଆଇନଜୀବି ନୈବେଦ୍ୟ ସାମଲ, ଡିଏସପି ମାନସ ରଞ୍ଜନ ବାରିକ, ଓଡିଶା ପ୍ରଶାସନ ସେବା ମାନସ ରାୟ, ପ୍ରାଧ୍ୟାପକ କୈବଲ୍ୟ କିଶୋର, ଭାରତୀୟ ଅର୍ଥନୈତିକ ସେବା ବିକାଶ ଚନ୍ଦ୍ର ମଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଭୋଗବର୍ଦ୍ଧନ ମଠକୁ ମହାପ୍ରଭୁ ସାହା: ପୁନରୁଦ୍ଧାର ପାଇଁ ଲୋଡ଼ା ୫କୋଟି, ଆସିଲା ୫ଲକ୍ଷ

ପୁରୀ,୨୬/୧୨ (ନି.ପ୍ର): ଭୋଗବର୍ଦ୍ଧନ ମଠର ଭବିଷ୍ୟତ ଏବେ ବି ଅନ୍ଧାରରେ । ଶ୍ରୀକ୍ଷେତ୍ରର ଏହି ସର୍ବପ୍ରାଚୀନ ମଠ ଅଧୀନରେ ଦିନେ ୨୬ ହଜାର ଏକର ଜମିର ମାଲିକାନା ଥିଲେ ବି ଅସ୍ତିତ୍ୱ ପାଇଁ ଏବେ ଯେମିତି ସଂଘର୍ଷ କରୁଛି । କିଛି ମାସ ତଳେ ଜିଲ୍ଲାପାଳ ଏହି ମଠ ପରିଦର୍ଶନ କରି ତହସିଲଦାରଙ୍କୁ ରିପୋର୍ଟ ମାଗୁଥିଲେ । ଶ୍ରୀଶଙ୍କରାନନ୍ଦ ମଠ ଦେବୋତ୍ତର ଟ୍ରଷ୍ଟବୋର୍ଡ ପକ୍ଷରୁ ସଂସ୍କୃତି ବିଭାଗକୁ ଚିଠି ଲେଖି ମଠର ପୁନରୁଦ୍ଧାର ପାଇଁ ପ୍ରସ୍ତାବ ଦିଆଯାଇଥିଲା । ମଠର ସ୍ଥିତି ଏତେ ଦୟନୀୟ ଯେ ଏହାର ପୁନରୁଦ୍ଧାର ପାଇଁ କୋଟିକୋଟି ଟଙ୍କାର ଆବଶ୍ୟକତା ରହିଛି । ମାତ୍ର ସଂସ୍କୃତି ବିଭାଗ ପକ୍ଷରୁ ମଞ୍ଜୁର ହୋଇଛି ମାତ୍ର ୪ଲକ୍ଷ ୯୯ ହଜାର ୯୭୮ ଟଙ୍କା । ଏଥିରେ ମଠର କେଉଁ ଗୋଟିଏ ମନ୍ଦିର ବି ସମ୍ପୂର୍ଣ୍ଣ ପୁନରୁଦ୍ଧାର ହେବା ସମ୍ଭବ ନୁହେଁ ବୋଲି ଟ୍ରଷ୍ଟବୋର୍ଡର ସଦସ୍ୟମାନେ କହିଛନ୍ତି । ରାଜା ଅନଙ୍ଗଭୀମ ଦେବ ଦେବ କାର୍ଯ୍ୟ ପରିଚାଳନା ପାଇଁ ତତ୍କାଳୀନ ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀଙ୍କୁ ୧୧ ଏକର ଜମି ?ପ୍ରଦାନ କରିଥିଲେ । ରାଜା ଅନଙ୍ଗଭୀମ ଦେବ ତୃତୀୟଙ୍କ କାର୍ଯ୍ୟକାଳ ୧୨୧୧ରୁ ୧୨୩୫ ଖ୍ରୀଷ୍ଟାବ୍ଦ ହୋଇଥିବାରୁ ଏହି ମଠର କାଳଖଣ୍ଡ ମଧ୍ୟ ଏହି ସମୟର ବୋଲି ବିବେଚନା କରାଯାଉଛି । ମଠ ମଧ୍ୟରେ ଜଗମୋହନ, ମୁଖ୍ୟମନ୍ଦିର ସହ ୧୫ଟି କୋଠରି ରହିଛି । ମାତ୍ର କୋଠରିଗୁଡ଼ିକ ଅର୍ଦ୍ଧଭଗ୍ନ ଅବସ୍ଥାରେ ପଡ଼ିରହିଛି । ମଠ ମଧ୍ୟରେ ଥିବା ୩୦ ଫୁଟ ଉଚ୍ଚର ମୁଖ୍ୟ ମନ୍ଦିର ମଧ୍ୟରେ ଏବେ ବି ୫୫ ବିଗ୍ରହ ପୂଜା ପାଉଛନ୍ତି । ନୃସିଂହଙ୍କ ସମେତ ହନୁମାନ, ମହାଦେବଙ୍କ ସମେତ ଅନ୍ୟ ବିଗ୍ରହ ପୂଜା ପାଉଛନ୍ତି । କାନ୍ଥରେ କାଞ୍ଚି ଅଭିଯାନ ସମେତ ବହୁ ଐତିହ୍ୟ କିର୍ତ୍ତିରାଜି ଶୋଭାପାଉଛି । ମାତ୍ର ମୁଖ୍ୟମନ୍ଦିରର ଛାତରେ ଗଛ ଉଠି କାନ୍ଥରେ ଚେର ପ୍ରବେଶ କରି ଫଟାଇ ଦେଇଛି । ଫଳରେ ଏହା ଭଗ୍ନ ଅବସ୍ଥାରେ ଥିବାରୁ ଗଳିପଡ଼ିବାର ଆଶଙ୍କା ସୃଷ୍ଟିହୋଇଛି । ଏନେଇ ଟ୍ରଷ୍ଟବୋର୍ଡର ଅନ୍ତରୀଣ ପରିଚାଳନା ଟ୍ରଷ୍ଟି ଡ.ଦୁର୍ଗାପ୍ରସାଦ ମିଶ୍ର କହିଛନ୍ତି, ମଠ ଦିନେ ୧୧ ହଜାର ଏକର ଜମିରେ ପ୍ରତିଷ୍ଠିତ ଥିଲା । ମାତ୍ର ଏବେ ଏହା ଜବରଦଖଲ ହୋଇ ୧ ଏକରରେ ସୀମିତ ରହିଛି । ଏହା ମଧ୍ୟରେ ଟେଣ୍ଟ୍ ? ଜିନିଷ ରଖାଯାଇଛି । ମଠ ମଧ୍ୟରେ ଆଚାର୍ଯ୍ୟ କୋଠରିର ପ୍ରାଚୀନ ପଲଙ୍କ ଓ ଅଭିଷେକ ପାତ୍ର ସବୁ ନାରଖାର ହୋଇ ପଡ଼ିରହିଛି । ମଠର ପୁନରୁଦ୍ଧାର ପାଇଁ ଅନ୍ୟୁନ ୫କୋଟି ଟଙ୍କାର ଆବଶ୍ୟକତା ରହିଛି । କିନ୍ତୁ ମିଳିଛି ୫ଲକ୍ଷ ଟଙ୍କାରୁ କମ୍ । ବିଶେଷକରି ମୁଖ୍ୟ ମନ୍ଦିରରେ ୫୫ ବିଗ୍ରହ ଏବେ ବି ପୂଜା ପାଉଥିବାରୁ ପ୍ରଥମେ ଛାତ ଫାଟିଯାଇଥିବା ଅଂଶର ମରାମତି ପାଇଁ ପ୍ରକ୍ରିୟାର ଆରମ୍ଭ ହୋଇଛି । ଶ୍ରୀମନ୍ଦିର, ଶ୍ରୀଲୋକନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, କପିଳାସ ଚନ୍ଦ୍ରଶେଖର ମହାଦେବ ମନ୍ଦିର ଭଳି ଓଡ଼ିଶାର କେତେକ ଶିବ ମନ୍ଦିରର ପରିଚାଳନା ଭାର ଏହି ମଠ ଉପରେ ନ୍ୟସ୍ତ ଥିଲା । ଦିନେ ଏହି ମଠ ଅତିଥି ସତ୍କାର ପାଇଁ ଖ୍ୟାତି ଅର୍ଜନ କରିଥିଲା । ଏହି ମଠ ସୃଷ୍ଟି ହେବା ପଛରେ ମଧ୍ୟ ସେଇ ଉଦ୍ଦେଶ୍ୟ ନିହିତ ଥିଲା । ଶିକ୍ଷା, ଧର୍ମ ଓ ମୋକ୍ଷର ପୀଠ ଭାବେ ଏହି ମଠ ପ୍ରସିଦ୍ଧି ଅର୍ଜନ କରିଥିଲା । ମଠରେ ସମସ୍ତ ସାଧୁ ସନ୍ନ୍ୟାସୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ଭକ୍ତଙ୍କ ରହିବାର ବ୍ୟବସ୍ଥା ହୋଇଥିଲା । ସେମାନଙ୍କ ପାଇଁ ଖାଦ୍ୟପେୟର ବନ୍ଦୋବସ୍ତ ମଧ୍ୟ ମଠ ପକ୍ଷରୁ କରାଯାଉଥିଲା । ମଠର ପରିଚାଳନା ପାଇଁ ୨୬ ହଜାର ଏକର ଜମି ସହ ସେଠାରେ ନଡ଼ିଆ, ଫଳ, ଫୁଲ ବଗିଚା, ପୁଷ୍କରିଣୀ ରହିଥିଲା ।

# ଅନୁଗୋଳ ଜିଲ୍ଲା କ୍ରିକେଟ୍ ସଂଘର ରୌପ୍ୟ ଜୟନ୍ତୀ ସମାରୋହରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

ଅନୁଗୋଳ,୨୬/୧୨ (ନି.ପ୍ର): ଶିଳ୍ପ ସମୃଦ୍ଧ ଅଂଚଳ ଅନୁଗୋଳରେ ଏକ ଅନ୍ତର୍ଜାତୀୟ ସ୍ତରର କ୍ରିକେଟ୍ ଷ୍ଟାଡିୟମ ନିର୍ମାଣ କରିବା ସହ ଅନ୍ୟାନ୍ୟ କ୍ରୀଡାଭିତ୍ତିକ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ଜିଲ୍ଲାର ଲୋକମାନେ ସଂକଳ୍ପ କରିବା ଉଚିତ୍ । ସଂକଳ୍ପ କଲେ ହିଁ ଏହି ଲକ୍ଷ୍ୟ ଆଗକୁ ଯିବାର ବାଟ ଦେଖାଇବ ବୋଲି ରବିବାର କଦମ ପଡିଆ ଠାରେ ଅନୁଗୋଳ କ୍ରିକେଟ୍ କପର ଉଦଯାପନୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଅନୁଗୋଳ ଜିଲ୍ଲା କ୍ରିକେଟ୍ ସଂଘର ରୌପ୍ୟ ଜୟନ୍ତୀ ସମାରୋହ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନୁଗୋଳ ଜିଲ୍ଲାରେ ଖେଳ ପ୍ରତି ଯୁବବର୍ଗଙ୍କ ମଧ୍ୟରେ ବହୁତ ଆଶକ୍ତି ଅଛି । ଅନୁଗୋଳ ଗୋଟିଏ ସମ୍ପନ୍ନ ଜିଲ୍ଲା ହେବା ପରେ ମଧ୍ୟରେ ଅନୁଗୋଳର ମୁଖ୍ୟ ଷ୍ଟାଡିୟମ ଠିକ୍ ସେ ହୋଇପାରିନାହିଁ । ତେଣୁ ଏଠାରେ ଖୁବ ଶୀଘ୍ର ଅନୁଗୋଳର ମୁଖ୍ୟ ଷ୍ଟାଡିୟମ, କଦମ ପଡିଆ ବ୍ୟତିତ ଅନ୍ୟ ଏକ ଅତ୍ୟାଧୁନିକ ଆନ୍ତର୍ଜାତିକ ସ୍ତରର ଷ୍ଟାଡିୟମ ନିର୍ମାଣ କରିବା ପାଇଁ ସମସ୍ତେ ସଂକଳ୍ପ କରିବା ଦରକାର । ଷ୍ଟାଡିୟମ ନିର୍ମାଣ ହେବା ଦ୍ୱାରା ସ୍ଥାନୀୟ ଅଂଚଳର ପିଲାମାନଙ୍କ ମଧ୍ୟରେ ଖେଳ ପ୍ରତି ଆଗ୍ରହ ବଢ଼ିବ ବୋଲି ସେ କହିଛନ୍ତି । ସେହିପରି ଆଗାମୀ ଦିନରେ ଅନୁଗୋଳ ଜିଲ୍ଲା ରଣଜୀ ଟ୍ରଫିର ବ୍ୟବସ୍ଥା କରିବା ପାଇଁ ରାଜ୍ୟ କ୍ରିକେଟ୍ ସଂଘ(ଓସିଏ)କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ।

# ସମୀର ମୋଟର୍ସର ୨୬ ତମ ବାର୍ଷିକ ଉତ୍ସବରେ ସଡକ ସୁରକ୍ଷା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୨୬/୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର କେଶପୁର ବଜାରରେ ଥିବା ଜଣାଶୁଣା ଟିଭିଏସ୍ କମ୍ପାନୀର ଅଧିକୃତ ସୋରୁମ୍ ସମୀର ମୋଟର୍ସର ୨୬ ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି । ଏହି ଅବସରରେ ଏକ ସଡକ ସୁରକ୍ଷା ସଚେତନତା ର୍‍ୟାଲି ବାହାର କରାଯାଇ ଥିଲା । ଟାଉନ ଥାନାର ଏ.ଏସ୍.ଆଇ ପ୍ରକାଶ ନାୟକ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପରେ ପରେ ଆୟୋଜିତ ସଚେତନତା ସଭାରେ ସମୀର ମୋଟର୍ସର ମାଲିକ ସମୀର କୁମାର ଚାନ୍ଦ ଉପସ୍ଥିତ ଯାନ ଚାଳକ ମାନଙ୍କୁ ହେଲମେଟ୍ ପିନ୍ଧିବା, ଟ୍ରାଫିକ ନିୟମ ପାଳନ କରିବା ଆଦି ବିଷୟରେ ଅବଗତ କରାଇଥିଲେ । ଦୀର୍ଘ ୨୬ ବର୍ଷ ହେଲା ପ୍ରତିବର୍ଷ ସଡକ ସୁରକ୍ଷା କାର୍ଯ୍ୟକ୍ରମରେ ସହଯୋଗ କରୁଥିବାରୁ ଉପସ୍ଥିତ ଜନ ସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ । ସମୀର ମୋଟର ପକ୍ଷରୁ ଲକ୍ଷ୍ମୀକାନ୍ତ ବେହେରା, ନାରାୟଣ ପଣ୍ଡା, ଅନୀତା ଜେନା, ସମାପ୍ତି ବେହେରା, ଗୀତାଞ୍ଜଳୀ ସ୍ୱାଇଁ, ଲକ୍ଷ୍ମଣ ବେହେରା, କ୍ଷିତିଶ କୁମାର କର, ରଶ୍ମିତା ସ୍ୱାଇଁ ଓ ସୋନାଲୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ଭଦ୍ରକ ମହିଳା ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ଭଦ୍ରକ,୨୬/୧୨ (ନି.ପ୍ର): ସ୍ଥାନୀୟ ଭଦ୍ରକ ମହିଳା ମହାବିଦ୍ୟାଳୟ ପରିସରରେ +୩ ପ୍ରଥମ ବର୍ଷର ନବାଗତ ଉଦ୍ଭିଦ ବିଜ୍ଞାନ ବିଭାଗର ଛାତ୍ରୀମାନଙ୍କ ପାଇଁ ସ୍ୱାଗତ ଉତ୍ସବ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଚିତ୍ରା ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମଞ୍ଜିଟିଏ ଗଛରୁ ଦ୍ରୁମ ହେବା ନିମନ୍ତେ ଉପଯୁକ୍ତ ଆଲୋକ, ଉତ୍ତାପ ଓ ପବନର ସହାୟତା ଲୋଡିଲା ପରି ନବାଗତ ଛାତ୍ରୀମାନଙ୍କର ଆଶା, ସ୍ୱପ୍ନ ଓ ସଂଭାବନାକୁ ସାକାର କରିବାପାଇଁ ବିଭାଗର ସମସ୍ତ ଅଧ୍ୟାପିକା, ଅଧ୍ୟାପକମାନେ ସଦା ସହାୟକ ହୋଇଥାନ୍ତି ବୋଲି ମତ ପ୍ରକାଶ କରିଥିଲେ । ବିଭାଗ ମୁଖ୍ୟା ଆରତୀ ଜେନା ଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ ଜୀବନର ଲକ୍ଷ୍ୟ ସାଧାନରେ ବ୍ରତୀ ହୁଅ ବୋଲି କହିଥିଲେ । ଅନ୍ୟତମ ବକ୍ତା ଅଧ୍ୟାପକ ଅଭୟ କୁମାର ଦାସ ଛାତ୍ରୀ ଜୀବନରେ ସଂସ୍କାରୀ ହୋଇ ଭବିଷ୍ୟତକୁ ଉଜ୍ଜ୍ୱଳ କରିବାର ଆଶା ପୋଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ପ୍ରିୟ ଦର୍ଶନୀ ସାହୁ, ଅଧ୍ୟାପକ ଜଗନ ଟୁଡୁ, ଭବେଶ ସ୍ୱାଇଁ, ପ୍ରଦ୍ୟୁତ ପଣ୍ଡା, ସଂଘମିତ୍ରା ଦାସ ପ୍ରମୁଖ ନବାଗତା ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ନୂତନ ଛାତ୍ରୀମାନେ ଅଭିନନ୍ଦନର ପ୍ରତ୍ୟୁତ୍ତରରେ ସ୍ୱପରିଚୟ ଦେବା ସହିତ ନିଜନିଜର ସ୍ୱତନ୍ତ୍ର ଦକ୍ଷତା ଓ କଳା ପ୍ରଦର୍ଶନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ +୩ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ରୀ ହର୍ଷିଣ, କିର୍ତ୍ତୀ କଲ୍ଲୋଳ, ଓସିମା ଖାତୁନ ପ୍ରମୁଖ ପରିଚାଳନା କରିଥିଲେ । ଛାତ୍ରୀ ପ୍ରଗତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗର ସମସ୍ତ କର୍ମଚାରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ଆୟୋଜିତ ହୋଇଥିଲା ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଆମେରିକା ଦେଖୁଛି ପ୍ରକୃତିର କରାଳ ରୂପ...

ବରଫ ଝଡ଼ ଯୋଗୁ ସମସ୍ତ ୫୦ଟି ରାଜ୍ୟ ପ୍ରଭାବିତ ହୋଇଛି । କଲୋରାଡୋ, କାନସାସ, ଓକଲାହୋମା, ନେବ୍ରାସ୍କା, ନ୍ୟୁୟର୍କ ଏବଂ ଓହିଓରେ ମୃତ୍ୟୁ ମାମଲା ସାମ୍ନାକୁ ଆସିଛି । ଘଂଟା ପ୍ରତି ୭୦ ମାଇଲ ବେଗରେ ବରଫ ଝଡ ଦେଖାଦେଇଛି । ବରଫ ଝଡ଼ ସହ ବର୍ଷା ଓ ବନ୍ୟା ଲୋକଙ୍କ ଜୀବନ ଦୁର୍ବିସହ କରିଦେଇଛି । ରାସ୍ତାଘାଟ ଓ ଘର ଉପରେ ପ୍ରାୟ ୬ ଫୁଟ ଉଚ୍ଚର ବରଫ ଜମା ହୋଇଯାଇଛି । ଲୋକମାନେ ବାହାରକୁ ବାହାରି ପାରୁନାହାନ୍ତି । କିଛି ସ୍ଥାନରେ ବିଜୁଳ ସେବା ବାଧାପ୍ରାପ୍ତ ହେବାରୁ ଲୋକମାନଙ୍କୁ ଅନ୍ଧାର ଭିତରେ ରହିବାକୁ ପଡୁଛି । ଘରେ ରହିବାକୁ ଲୋକଙ୍କୁ ପରାମର୍ଶ ଦେଇଛି ସ୍ଥାନୀୟ ପ୍ରଶାସନ । କାରରେ ଯାଉଥିବା ଲୋକ ମଝି ରାସ୍ତାରେ ଫସି ରହିଛନ୍ତି । ପ୍ରାୟ ୨୦ କୋଟି ଲୋକ ଭୟଙ୍କର ଥଣ୍ଡାରେ ପ୍ରଭାବିତ ହୋଇଛନ୍ତି । ଅନେକ ସହରରେ ବିଦ୍ୟୁତ ଯୋଗାଣ ପ୍ରଭାବିତ ହୋଇଛି । ୨୦ ଲକ୍ଷରୁ ଅଧିକ ଲୋକଙ୍କ ଘରେ ବିଜୁଳି ନାହିଁ । ପୂର୍ବ ଓ ମଧ୍ୟ ଆମେରିକାରେ ୧୯୮୦ ମସିହା ପରେ ପ୍ରବଳ ତୁଷାରପାତରେ ଦୁର୍ବିସହ ହୋଇପଡିଛି ।

### ଉତର ଭାରତରେ ବଢୁଛି ...

କୁହୁଡ଼ିର ପରିମାଣ ଏତେ ଅଧିକ ରହିଛି ଯେ ଦିନ ବି ସଂଧ୍ୟା ପରି ମନେ ହେଉଛି । ପାଣିପାଗ ବିଭାଗ ଅନୁଯାୟୀ ଆସନ୍ତା ପାଂଚ ଦିନ ଯାଏଁ ହରିୟାଣା, ପଂଜାବ, ଉତରପ୍ରଦେଶ ଏବଂ ରାଜସ୍ଥାନରେ ଶୀତ ଲହର ସହ କୁହୁଡ଼ି ପାଇଁ ଅଲର୍ଟ ଜାରି ହୋଇଛି । ଅନ୍ୟପଟେ ଚାରିଆଡ଼େ କୁହୁଡ଼ି ଯୋଗୁଁ ରାସ୍ତାଘାଟରେ ଗମନାଗମନ ବାଧାପ୍ରାପ୍ତ ହେଉଛି । ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣା ଘଟିବାର ସମ୍ଭାବନା ଅଧିକ ରହୁଛି ।

### ଚୀନରେ କରୋନା ପ୍ରଳୟ...

୩୭ ଲକ୍ଷ ଓ ଫେବୃଆରୀ ମାସରେ ୪୭ଲକ୍ଷ ଛୁଇଁପାରେ । ଚାଇନିଜ୍ ସେଂଟର ଫର ଡିଜିଜ୍ ଆଣ୍ଡ ପ୍ରିଭେନସନ୍ ସୂଚନା ଦେଇଛି ଯେ ଦେଶରେ କରୋନା ସଂକ୍ରମଣ ମାମଲା ନୂଆ ରେକର୍ଡ ଛୁଇଁ ସାରିଛି । ଗୋଟେ ପଟେ ଚୀନରେ ସଂକ୍ରମଣ ହୁ ହୁ ହୋଇ ବୃଦ୍ଧି ପାଉଛି । ଅନ୍ୟପଟେ ସେଠାକାର ସ୍ୱାସ୍ଥ୍ୟ ସେବା ବ୍ୟାହତ ହୋଇପଡିଛି । ହସପିଟାଲରେ ମିଳୁନି ବେଡ, ଔଷଧଠୁ ନେଇ ଅତ୍ୟାବଶକୀୟ ଚିକିତ୍ସା ସାମଗ୍ରୀ । ଅକ୍ସିଜେନର ଘୋର ଅଭାବ ରହିଛି । ମୃତ୍ୟୁ ଓ ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଚୀନ ସରକାର କିନ୍ତୁ ସତ ଲୁଚାଇ ଭୁଲ ତଥ୍ୟ ଦେଉଥିବା କୁହାଯାଉଛି । ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଚୀନ ସରକାର କରୋନାକୁ ସାମାନ୍ୟ ଫ୍ଲୁ କହିବା ସହ ଥଣ୍ଡାଜର ଔଷଧ ଖାଇବାକୁ ପରାମର୍ଶ ଦେଉଛନ୍ତି ।

### ବିନୋଦ କୁମାରଙ୍କ ...

କୋର୍ଟ । ଜାଲ କାଗଜପତ୍ର ମାଧ୍ୟମରେ ଋଣ ଦେବା ଘଟଣାରେ ଏହି ଜେଲଦଣ୍ଡାଦେଶ ହୋଇଛି । ବିନୋଦ କୁମାରଙ୍କ ସମେତ ସ୍ୱସ୍ତି ରଞ୍ଜନ ମହାପାତ୍ର, ପ୍ରଦୀପ ରାଉତ, ସତ୍ୟ ପ୍ରକାଶ ବେହେରା, ଜ୍ଞାନେନ୍ଦ୍ର ସ୍ୱାଇଁ ଓ ମନୋରଞ୍ଜନ ନାୟକଙ୍କୁ ଜେଲଦଣ୍ଡାଦେଶ ହୋଇଛି । ପୂର୍ବରୁ ଅନ୍ୟ ୫ଟି ମାମଲାରେ ବିନୋଦ କୁମାରଙ୍କ ବିରୋଧରେ ଦଣ୍ଡାଦେଶ ହୋଇସାରିଛି । ବିନୋଦ କୁମାର ଓଆରଏଚଡିସିର ପରିଚାଳନା ନିର୍ଦ୍ଦେଶକ ଥିବା ସମୟରେ ମେସର୍ସ ରଶ୍ମୀ ମାସ୍ କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡକୁ ୨୧ ଲକ୍ଷ ୩୫ ହଜାର ଟଙ୍କାର ଗୃହ ଋଣ ଯୋଗାଇଥିଲେ । ତେବେ ଏହି ଋଣ ମଞ୍ଜୁର ପ୍ରକ୍ରିୟାରେ ଜାଲିଆତି ହୋଇଥିବା ଧରା ପଡିଥିଲା ।

# କୁବେରପୁରୀରେ ମୌଳିକ ଅଧିକାରରୁ ବଂଚିତ ସତୀଆ ବାରିକ

ଚମ୍ପୁଆ,୨୬/୧୨ (ନି.ପ୍ର): ଅଲ ଇଣ୍ଡିଆ ପୋଲିଙ୍ଗ ବୁଥ କଂଗ୍ରେସ ର ରାଷ୍ଟ୍ରୀୟ ମୁଖ୍ୟ ମହାସଚିବ ଶ୍ରୀ ଗୁରୁବକ୍ସ ସିଂ ଅକ୍ଷହଲୁୱାଲୀଆ, ନିଜେ ରତ୍ନଗର୍ଭକ୍ଷ ଖଣି ଅଂଚଳର ବଡ଼ କାଳିମାଟି ପଂଚାୟତରେ ବିଭିନ୍ନ ମୌଳିକ ସମସ୍ୟା ଉପରେ ଅନୁଧ୍ୟାନ କରିବା ପାଇଁ ଯାଇଥିବା ବେଳେ ନଜରକୁ ଆସିଥିଲେ ସତୀଆ ବାରିକ ନାମକ ଜଣେ କାଠ ବିକାଳୀ । ରତ୍ନ ଭଣ୍ଡାର ଉପରେ ଘର କରି ପେଟ ଚାଖଣ୍ଡକ ପାଇଁ ସଂଗ୍ରାମ କରୁଥିବା ସତୀଆ କାଠ ବିକିଲେ ସ୍ତ୍ରୀ, ଛୁଆ, ପିଲାଙ୍କ ପେଟକୁ ଦାନା ଯିବ, ନ ହେଲେ ଓପାସ । ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଓଡିଶାର ଧନୀ ଜିଲ୍ଲା କେନ୍ଦୁଝରର କୁବେର ପୁରୀ କୁହାଯାଉଥିବା ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ବ୍ଲକରେ । ଯୋଡ଼ା ବ୍ଲକ ଅନ୍ତର୍ଗତ ବଡ଼ କାଳିମାଟି ପଂଚାୟତ ଦବୁନା ଗ୍ରାମର ସତୀଆ ବାରିକ । ସ୍ତ୍ରୀ, ଛୁଆ ପିଲା ସଂସାର ଚଳିବା ପାଇଁ କାଠ ବିକ୍ରି ଏକ ମାତ୍ର ମାଧ୍ୟମ କ୍ଷ ତଥାପି ତାଙ୍କୁ ନା ମିଳୁଛି ରେସନ କାର୍ଡ ନା ମିଳୁଛି ପ୍ରଧାନମନ୍ତ୍ରୀ ଆବାସ । ରାସନ କାର୍ଡ ଟିଏ ପାଇଁ ପଂଚାୟତ ଠାରୁ ବ୍ଲକ, ବାବୁ ଠାରୁ ବଡ଼ବାବୁ ସବୁଠି ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ପ୍ରଶାସନ ଉପରୁ ଭରଷା ଉଠି ଯାଇଛି । ଘର ସାମ୍ନାରେ ବିଭିନ୍ନ ବଡ଼ ବଡ଼ କମ୍ପାନୀ ମାନଙ୍କର କୋଟି କୋଟି ଟଙ୍କାର କାମ ଚାଲିଥିବାବେଳେ କାମ ନ ପାଇ କାଠ ବିକ୍ରି କରି ପରିବାର ପ୍ରତି ପୋଷଣ କରୁଛନ୍ତି ସତୀଆ । ଏ କ୍ଷେତ୍ରରେ ସତୀଆଙ୍କ ବାସ୍ତବତା ବୋଦ୍ଧ ହେବା ପରେ ଆମ୍ଭେ ତାଙ୍କୁ କଣ ବୋଲି କହିବା । କାରଣ ଗତ ନଭେମ୍ବର ମାସରେ ମୁଖ୍ୟମନ୍ତ୍ରୀ ଓଡିଶା କନକ୍ଲେଭ ର ସମ୍ପାପନ ରେ ୧୦.୧୧ ଟ୍ରିଲିୟନ ର ପୁଞ୍ଜି ନିବେଶ ହେବ ବୋଲି ଘୋଷଣା କଲେ ଓ ତଦ ମଧ୍ୟରୁ ଅଧାରୁ ଅଧିକ ଆମରି ଖଣି ଅଂଚଳରେ ନିବେଶ କରିବେ ବଡ଼ ବଡ଼ ଧଳା ହସ୍ତୀ ଭାବେ ଥିବା ଏମଏନସି ଗୁଡିକ, ଆଉ ସେଇ ପରିପ୍ରେକ୍ଷୀରେ ଯୋଡ଼ା ବ୍ଲକ ଅନ୍ତର୍ଗତ ବଡ଼ କାଳିମାଟି ଗ୍ରାମ ପଂଚାୟତ ଦବୁନା ଗ୍ରାମର ଏହି ସତୀଆ ଭାଇ ମାନେ ଆଜି ନିଜର ପରିବାର ଲୋକଙ୍କୁ ଆଶ୍ରୟ ଦେବା ହଉ ବା ବଂଚିବା ନିମନ୍ତେ ଚତୁର୍ପାଶ୍ୱରେ । ଏଏମ / ଏନଏସ ର ବେନିଫିକେସନ ପ୍ଲାଂଟ , ଓ ଏମ ସି, ସିରାଜୁଦିନ, କାସଭି ଇଂଟରନେସନାଲ ଭଳି ସଂସ୍ଥାର ଖଣି ଥିବା ସ୍ୱତ୍ୱେ ବାରଦ୍ୱାର ଶୁଣ୍ଢୀ ପିଣ୍ଡା ହେବା ଶ୍ରେଷ୍ଠ ପ୍ରଶାସକଙ୍କ ଶ୍ରେଷ୍ଠତା ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଥିବାବେଳେ ପୁଣି ଲୋକପ୍ରିୟ ସରକାରଙ୍କ କୋଟିପତି ବିଧାୟିକା କେବଳ ନିଜର ବେପାରରେ ବ୍ୟସ୍ତ ରହି ନିଜ ନାକ ତଳିଆ ଅଂଚଳର ବି ମୌଳିକ ସମସ୍ୟା ଉପରେ ଚିନ୍ତା କରିବାକୁ ସମୟ ନ ଥିବାରୁ ଅଂଚଳ ବାସୀଙ୍କ ଭିତରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏଠି ନେତା, ମନ୍ତ୍ରୀ, ପ୍ରଶାସନ ସମସ୍ତେ ଅନ୍ଧ, ମୁକ, ଆଉ ବଧିର । ତେଣୁ ଏଠାରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଖଣି ଅଂଚଳର ସତୀଆ ମାନଙ୍କୁ ତାଙ୍କର ମୌଳିକ ଅଧିକାର ଟିକକ ଯୋଗାଇ ଦେବାରେ ସହାୟକ ହେବାପାଇଁ ସାଧାରଣରେ ଦାବୀ ହେଉଛି ।

## କୁଅରୁ ଏକ ବାରହାକୁ ସଫଳତା ସହିତ ଉଦ୍ଧାର

ବଲାଙ୍ଗିର,୨୬/୧୨ (ନି.ପ୍ର): ଶ୍ରୀ ନବକେଶୀ ଭୋଇଙ୍କ କୁଅରୁ ଏକ ବାରହାକୁ ବର୍ତିୟା ଭିଏସଏସ ସଦସ୍ୟଙ୍କ ସହାୟତାରେ ହରିଶଙ୍କର ରେଞ୍ଜ କର୍ମଚାରୀଙ୍କ ଦ୍ୱାରା ସଫଳତାର ସହିତ ଉଦ୍ଧାର କରାଯାଇଥିଲା । ଏହି ଉଦ୍ଧାର କାର୍ଯ୍ୟରେ ମିସ ସନ୍ଧ୍ୟାରାଣୀ ସେଠ, ଫରେଷ୍ଟର ସୁଧୀର କୁମାର ଜେନା, ଫରେଷ୍ଟର ପିତାମ୍ବର ମାଝୀ, ଫୋରେଷ୍ଟ ଗାର୍ଡ଼ ସଞ୍ଜୀବ ପ୍ରଧାନ, ଫୋରେଷ୍ଟ ଗାର୍ଡ଼ଏବଂ ବର୍ତିୟା ଗାଁର ବନ ସୁରକ୍ଷା ସମିତି ସଦସ୍ୟମାନେ ସାମିଲ ଥିଲେ ।

## ସିପିଆଇର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱରଭୁବନେଶ୍ୱର, ୨୬/୧୨ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୯୭ତମ ପ୍ରତିଷ୍ଠା ଦିବସ ସମାରୋହ ଆଜି ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସୋମବାର ପୂର୍ବାହ୍ନରେ ଭଗବତୀ ଭବନ ପ୍ରାଙ୍ଗଣରେ ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ପାର୍ଟିର ଲାଲ୍ ପତାକାକୁ ଉତୋଳନ କରି ୧୯୨୫ ଡିସେମ୍ବର ୨୬ ତାରିଖରେ କାନପୁରଠାରେ କିଭଳି କମ୍ୟୁନିଷ୍ଟ ପାର୍ଟି ଗଠିତ ହୋଇଥିଲା ତାହା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ବର୍ତମାନ ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମ ନିରପେକ୍ଷତାକୁ ରକ୍ଷା କରିବା ପାଇଁ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ । ରାଜ୍ୟ କାର୍ଯ୍ୟକାରୀ କମିଟିର ସଭ୍ୟ ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସିପିଆଇର ବରିଷ୍ଠ ନେତା ଦିବାକର ନାୟକ ଉଦ୍‌ବୋଧନ ଦେଇ ପାର୍ଟିର ୯୭ବର୍ଷର ତ୍ୟାଗ ଓ ସଂଗ୍ରାମର ଗୌରବୋଜ୍ଜ୍ୱଳ ଇତିହାସ ସମ୍ପର୍କରେ ଆଲୋଚନା କରିବା ସହିତ ସ୍ୱାଧୀନତା ସଂଗ୍ରାମର ଅଗ୍ନିଗର୍ଭରୁ ଜାତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଦେଶର ଖଟିଖିଆ ଓ ମଧ୍ୟବିତ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ କିଭଳି ଅହରହ ସାଲିସ୍‌ବିହୀନ ସଂଗ୍ରାମ ଚଳାଇଆସିଛି, ସେ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ ।

## ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ସମ୍ମିଳନୀ

ପୁରୀ,୨୬/୧୨ (ନି.ପ୍ର): ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ୩୦ତମ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ ୟୁଥ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀକୁ ବିଶିଷ୍ଟ ଭାଷାବିତ୍ ଡ଼. କୈଳାସଚନ୍ଦ୍ର ଟିକାୟତରାୟ ଉଦଘାଟନ କରିଥିଲେ । ସଂସଦର ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ପୂର୍ବତନ ଜିଏସଟି ମୁଖ୍ୟ କମିଶନର ପିୟୁଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନେ ପଠନ ପକ୍ରିୟାରେ ସାମିଲ ହୋଇ ଜୀବନର ଭିତଭୁମି ଗଢିବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ଼. ଗୋବିନ୍ଦଚନ୍ଦ୍ର ଚାନ୍ଦ, ସମ୍ମାନିତ ଅତିଥି ଭାବେ ଗାଳ୍ପିକ ପରେଶ ପଟ୍ଟନାୟକ ଯୋଗଦେଇ ଶିଶୁମାନେ ଯାନ୍ତ୍ରୀକ ପଠନ କ୍ରିୟାରେ ଅତ୍ୟଧିକ ସାମିଲ ନହୋଇ ବହି ପଢିବା ପାଇଁ ପରାମର୍ଶ ଦେଇଥିଲେ । ଡ଼.ହେମନ୍ତ କୁମାର ଛୋଟରାୟ, ପ୍ରଭାତ ଚନ୍ଦ୍ର ରଥ,ବିରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଶିଶୁଙ୍କ ବୌଧିକ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ । ଦିବଂଗତ ଶିଶୁ ସାହିତ୍ୟିକ ପୁରୀର ପଦ୍ମଚରଣ ଖୁଂଟିଆ, କେନ୍ଦୁଝରର ଚିତରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱରର କୁମଦଲତା ମହାନ୍ତିଙ୍କ ସ୍ମୃତିରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ସମ୍ବର୍ଦ୍ଧନା ପର୍ବରେ ଶିଶୁ ସାହିତ୍ୟକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରମେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ମାଝି, କବିତା ମିଶ୍ର, ମିନତି ପଟ୍ଟନାୟକ, ଦୁର୍ଗାବତୀ ପ୍ରଧାନ, ଶ୍ୟାମପ୍ରକାଶ ସେନାପତି, ସତ୍ୟନାରାୟଣ ମିଶ୍ର, ରାଇକିଶୋର ମହାନ୍ତି,ଜଳନ୍ଧର ବିଶୋଇ, ଜ୍ୟୋତିପ୍ରକାଶ ମହାରଣା, ସୁଶ୍ରୀ କ୍ରିଷ୍ଣା ମହାପାତ୍ର ପ୍ରମୁଖ ପରିଚଳନାରେ ସହଯୋଗ କରିଥିଲେ । ସମ୍ପାଦକ ମହେନ୍ଦ୍ର ବିଶୋଇ ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିଥିଲେ ।

# କୋରାଇ ମହୋତ୍ସବ ଉଦ୍‌ଘାଟିତ

କୋରାଇ,୨୬/୧୨ (ନି.ପ୍ର): କୋରାଇ ହେଉଛି ସର୍ବଧର୍ମର ମାଟି । ଏଠାରେ ସବୁଜାତିର ଲୋକ ରହୁଥିବା ବେଳେ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରହିଛି ବୋଲି କୋରେଇ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । କୋରେଇ ମଣ୍ଡଳ ସାହିତ୍ୟ ସଂସଦର ଆନୁକୂଲ୍ୟରେ ଅନୁଷ୍ଠିତ ୪୦ତମ କୋରାଇ ମହୋତ୍ସବ-୨୦୨୨ର ଉଦ୍‌ଘାଟକ ତଥା ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ତଥା ପ୍ରଶାସନିକ ଅଧିକାରୀ ପ୍ରଦୀପ କୁମାର ବିଶ୍ୱାଳ ଯୋଗ ଦେଇଥିଲେ । ଶିଶୁ ସାହିତ୍ୟିକମାନେ 'ବିଜ୍ଞାନ ଭିତିକ ଲେଖା ଲେଖିବା ସହ ରାଜାରାଣି ଠାରୁ ଅସୁର ଅସୁରୁଣି ଓ ପଶୁପକ୍ଷୀଙ୍କ ଉପରେ ଅଧାରିତ କାହାଣୀ ଲେଖିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଉଦ୍‌ଘାଟନୀ ପର୍ବ 'କୃଷ୍ଣପ୍ରସାଦ ବସୁ ମଂଚ' ଅନୁଷ୍ଠାନର ସଭାପତି ନନ୍ଦକିଶୋର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ବେଳେ ମୁଖ୍ୟବକ୍ତା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡକ୍ଟର କୁମରବର ଦାସ ଯୋଗଦେଇ ଓଡିଆ ସାହିତ୍ୟ ତଥା କୋରାଇ ସାହିତ୍ୟର ଉତରରୋତର ଉନ୍ନତି କାମନା କରିଥିଲେ । ସମ୍ମାନିତ ଅତିଥିଭାବେ ନୂଆଦିଲ୍ଲୀ ଭିଭି ଗିରି ଲେବର ଇନଷ୍ଟିଚ୍ୟୁଟର ପ୍ରାଧ୍ୟାପକ ଅମିତାଭ ପ୍ରିୟଦର୍ଶନ ଖୁଂଟିଆ ଯୋଗଦେଇ ଉର୍ଦ୍ଧୁ ସାହିତ୍ୟ ଓ ଓଡିଆ ସାହିତ୍ୟ ମଧ୍ୟରେ ତୁଳନାତ୍ମକ ଭାବନା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ବକ୍ତାଭାବେ ପ୍ରାଧ୍ୟାପକ ଶିବଚରଣ ମାଝୀ ଯୋଗଦେଇଥିଲେ । ସଂସଦର କାର୍ଯ୍ୟକାରୀସଂପାଦକ ଦୟାନିଧି ନାୟକ ସ୍ୱାଗତଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସଂସଦର ମୁଖପତ୍ର 'କସ୍ତୁରୀ' ଓ ଅଧ୍ୟାପକ ମଳୟ କୁମାର ମଲ୍ଲିକଙ୍କ ସଂପାନାରେ ପ୍ରକାଶିତ ଶିଶୁ ସାହିତ ଇ-ପତ୍ରିକା 'ମହକଭରା କୋରେଇଫୁଲ' ଓ ଡକ୍ଟର ଚିତରଂଜନ ବେହେରାଙ୍କ ଲିଖିତ କୃଷ୍ଣଚରଣ ବେହେରାଙ୍କ ସାହିତ୍ୟରେ ସର୍ଜ୍ଜନା ଦିଗନ୍ତ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ସଂସଦର ସାଂପଦକ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଂଟିଆ ବାର୍ଷିକ ବିବରଣୀ ପ୍ରଦାନ କରିଥିଲା ବେଳେ ପ୍ରାଧ୍ୟାପକ ଅକ୍ଷୟକୁମାର ମହାନ୍ତି ମଂଚ ପରିଚାଳନା କରିଥିଲା ବେଳେ ସଙ୍ଗଠନ ସମ୍ପାଦକ ଭୁବନମୋହନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ନରେ ଅନୁଷ୍ଠିତ ପ୍ରଥମ ଅଧିବେଶନ ତଥା 'ବାର୍ଜିରାଉତମ'ମଂଚକୁ ଉପସଭାପତି ବିନୋଦ ବିହାରୀ ସାହୁ ଉଦଘାଟନ କରିବା ପରେ ସାଂସ୍କୃତିକ ସଂପାଦକ ବାଇଧର ମାଝୀଙ୍କ ପରିଚାଳନାରେ ଡକ୍ଟର ମୋହନଚରଣ ଖୁଂଟିଆ ଓ ପଣ୍ଡିତ ଅକ୍ଷୟକୁମାର ଦାଶଙ୍କ ସଂଯୋଜନାରେ କୋରାଇ ଶିକ୍ଷାମଣ୍ଡଳ ଅଧିନସ୍ଥ ବିଦ୍ୟାଳୟ ସମୂହ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ନିମନ୍ତେ ଅନୁଷ୍ଠିତ ସଭାରେ ସଂସଦ ସଭାପତି ନନ୍ଦକିଶୋର ସିଂହ, ଓ କାର୍ଯ୍ୟକାରି ସଭାପତି ପ୍ରାଧ୍ୟାପକ ଶିବଚରଣ ମାଝୀ ଓ ସାମ୍ବାଦିକ ଡକ୍ଟର ଚିତରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ସଂଗଠନ ସଂପାଦକ ପ୍ରଦୀପକୁମାର ଦାସ, ମହମ୍ମଦ ନସମୁଲ ଗନି ଓ କୋଷାଧ୍ୟକ୍ଷ ନବଘନ ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ସହସଂପାଦକ ଅକ୍ଷୟକୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁ ବୈକୁଣ୍ଠନାଥ ନନ୍ଦଙ୍କ ନିର୍ଦ୍ଦେଶନାରେ ବ୍ୟାସନଗର ସ୍ଥିତ ସରସ୍ୱାତୀ କଳାନିକେତନର କାଳାକାରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ପରିଚାଳନାରେ ସହସଂପାଦକ ମଳୟକୁମାର ମଲ୍ଲିକ, ବ୍ରଜେଶ୍ୱରି ସିଂହ, ବିନୋଦବିହାରି ସାହୁ, କାର୍ତିକ ଦ୍ୱିବେଦୀ, ମନୋରଞ୍ଜନ ଦାସ, ଭୋଳାନାଥ ଘୋଷ, ନବଘନ ରଣା, ହୃଷିକେଷ ଦାସ, ରଘୁନାଥ ରଥ ପ୍ରମୁଖ ସହଯୋଗିତା କରିଥିଲେ ।

## ରାଜ୍ୟ ସାମ୍ବାଦିକ ସଂଘ(ଏସ୍‌ୟୁଜେ) ବଲାଙ୍ଗିର ଶାଖା ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥୀ ନିର୍ବାଚିତ

ବଲାଙ୍ଗୀର ,୨୬/୧୨ (ନି.ପ୍ର): ଗୋପବନ୍ଧୁ ଶତପଥୀ ବଲାଙ୍ଗିର ଜିଲ୍ଲା ଶାଖା ରାଜ୍ୟ ସାମ୍ବାଦିକ ୟୁନିଅନ ର ସଭାପତି ନିର୍ବାଚିତ ହୋଇଛନ୍ତି ଓ ଆଜି ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ରାଜ୍ୟ ସାମ୍ବାଦିକ ସଂଘ(ଏସ୍‌ୟୁଜେ) ବଲାଙ୍ଗୀର ଶାଖା ତରଫରୁ ସାଧାରଣ ପରିଷଦ ବୈଠକ ଓ କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇ ଥିଲା । ସଭା ପ୍ରାରମ୍ଭରେ କାଲି ନୂଆଁପଡାର ସାମ୍ବାଦିକ ମନୁ ତାଣ୍ଡିଙ୍କ ଅକାଳ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସାମ୍ବାଦିକ ରଘୁ ନନ୍ଦନ ସିଂହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ଆମନ୍ତ୍ରିତ ଅତିଥି ଭାବରେ ରାଜ୍ୟ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସଂପାଦକ ପ୍ରଶାନ୍ତ ପାଢ଼ୀ, ରାଜ୍ୟ ଉପସଭାପତି ଦୁଷ୍ମନ୍ତ ପଣ୍ଡା, ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ, ଏସ୍‌ୟୁଜେ ରାଜ୍ୟ ସମ୍ପାଦକ ତଥା ବଲାଙ୍ଗୀର ଜିଲ୍ଲା ଆବାହକ ମହେନ୍ଦ୍ର ଦର୍ଜି ଓ ରାଜ୍ୟ କାର ?୍ୟକାରୀ ସଭାପତି କୀର୍ତି ଚନ୍ଦ୍ର ସାହୁ ମଂଚାସୀନ ରହି ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ସାମ୍ବାଦିକ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ବକ୍ତା ମାନେ ଆହ୍ୱାନ ଦେଇଥିଲେ । ସାମ୍ବାଦିକ ମାନଙ୍କ ପାଇଁ ପେନ୍‌ସନ ଓ ସ୍ୱାସ୍ଥ୍ୟ ବୀମା ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଉଦାସୀନତା ମନୋଭାବକୁ ନିନ୍ଦା କରା ଯାଇଥିଲା । ପରେ ଏସ୍‌ୟୁଜେ ବଲାଙ୍ଗୀର ଶାଖାର ର ନୂତନ କର୍ମକର୍ତା ଙ୍କ ନାମ ଘୋଷଣା କରାଯାଇଥିଲା । ଏସ୍‌ୟୁଜେର ଜିଲ୍ଲାର ସଭାପତି ଭାବରେ ସାମ୍ବାଦିକ ଗୋପବନ୍ଧୁ ଶତପଥୀ, କାର୍ଯ୍ୟକାରୀ ସଭାପତି ଭାବରେ ରାଜକୁମାର ଦାଶ, ଉପସଭାପତି ଭାବରେ ସରୋଜ ବିଶ୍ୱାଲ, ସଂପାଦକ ଭାବେ ରଘୁ ନନ୍ଦନ ସିଂହ, ସାଧାରଣ ସଂପାଦକ ଭାବରେ ଶରତ ମହାକୁଡ, କାର୍ଯ୍ୟକାରୀ ସଂପାଦକ ଭାବରେ ନିରୋଜ ମିଶ୍ର, ରାଜ୍ୟ ସଭ୍ୟ ଭାବେ ଲୋଇସିଂହାର ବିମଳ ହୋତା କୋଷାଧକ୍ଷ ଭୋବେ ସନ୍ତୋଷ ଠାକୁର ମନୋନୀତ ହୋଇଥିଲେ ।

## ଶ୍ରୀମନ୍ଦିର ସେବାୟତଙ୍କ ପକ୍ଷରୁ ହକି ବିଶ୍ୱକପ ଟ୍ରଫିକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବ

ପୁରୀ ,୨୬/୧୨ (ନି.ପ୍ର): ଓଡ଼ିଶା ୨୦୨୩ ର ବିଶ୍ୱକପ ହକି ଆୟୋଜନ କରୁଛି ।ଏହା ଭୁବନେଶ୍ୱର ଓ ରାଉରକେଲା ରେ ଜାନୁଆରୀ ୧୩ ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ହକିର ପ୍ରଚାର ପ୍ରସାର ଓ ଲୋକପ୍ରିୟତା ପାଇଁ ଏହି ବିଶ୍ୱକପ ଟ୍ରଫି କୁ ବିଭିନ୍ନ ରାଜ୍ୟ,କେନ୍ଦ୍ର ଶାସିତ ଅଂଚଳ ଓ ଆମ ରାଜ୍ୟର ବିଭିନ୍ନ ଜିଲ୍ଲା ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି । ପୁରୀ ଜିଲ୍ଲାରେ ଚଳିତ ମାସ ୨୬ ରେ ଏହି ଟ୍ରଫି ପହଂଚିବ । ୨୭ ତାରିଖ ସକାଳ ୭ ଘଟିକାରେ ଭିକ୍ଟୋରିଆ ହୋଟେଲ ସି ବିଚ ଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଟ୍ରଫି କୁ ସ୍ୱାଗତ କରାଯିବ । ପରେ ଦିବା ୯ ଘଟିକା ସୁଦ୍ଧା ଟ୍ରଫି ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ପହଂଚିବା ପରେ ସେଠାରୁ ସାଂସ୍କୃତିକ ଦଳ ମାଧ୍ୟମରେ ସ୍ୱାଗତ କରାଯାଇ ଅରୁଣ ସ୍ତମ୍ଭ ପାଖକୁ ନିଆଯାଇ ବେଦମନ୍ତ୍ର ସହ ପୂଜାର୍ଚ୍ଚନା ଓ ଖଣ୍ଡୁଆ ପାଟ ଅର୍ପଣ କରାଯିବ ବୋଲି ସ୍ଥିର ହୋଇଛି ।ଏ ସମ୍ପର୍କରେ ଏକ ବୈଠକ ଆଜି ପୂର୍ବାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପଜିଲ୍ଲାପାଳ ଭବତାରଣ ସାହୁ ଅଧ୍ୟକ୍ଷତା କରିବା ସହ ଚଳିତ ବର୍ଷ ଓଡିଶା ବିଶ୍ୱକପ ହକିର ଆୟୋଜନ କରୁଥିବାରୁ ଆମ ଜିଲ୍ଲା ଓ ଶ୍ରୀମନ୍ଦିର ଛତିଶା ନିଯୋଗ ପକ୍ଷରୁ ଏହାକୁ ଭବ୍ୟ ସ୍ୱାଗତ କରିବା ସହ ଶ୍ରୀମନ୍ଦିର ନିକଟରେ ପ୍ରଦର୍ଶନ କରାଯିବ ବୋଲି କହିଥିଲେ । । ଏହି ବୈଠକରେ ଶ୍ରୀମନ୍ଦିର ନିତି ପ୍ରଶାସକ ଜିତେନ୍ଦ୍ର ସାହୁ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା,ଗରାବଡୁ ନିଯୋଗ ସମ୍ପାଦକ ରଜତ ପ୍ରତିହାରୀ, ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର, ଖୁଂଟିଆ ନିଯୋଗ ସଭାପତି କୃଷ୍ଣଚନ୍ଦ୍ର ଖୁଂଟିଆ, ଘଂଟୁଆ ନିଯୋଗର ସଭାପତି ଗୌରହରି ପ୍ରଧାନ, ମ୍ୟାନେଜିଂ କମିଟି ସଦସ୍ୟ ମାଧବ ମହାପାତ୍ର, ଅନନ୍ତ ତିଆଡି, ଦୁର୍ଗା ଦାସମହାପାତ୍ର, ସିଂହାରୀ ଜଗନ୍ନାଥ କର, ମାଧବ ପୂଜାପଣ୍ଡା,ବରିଷ୍ଠ ସଦସ୍ୟ ଦାମୋଦର ମହାସୁଆର, ସୁଆର ମହାସୁଆର ନିଯୋଗ ର ସମ୍ପାଦକ ନାରାୟଣ ମହାସୁଆର, ମହାସୁଆର ନିଯୋଗ ସମ୍ପାଦକ ଗଣେଶ ମହାସୁଆର, ପ୍ରତିହାରୀ ନିଯୋଗ ସମ୍ପାଦକ ରାମ ନାରାୟଣ ଗୋଚ୍ଛିକାର, ମଧୁସୂଦନ ଖୁଂଟିଆ, ହରି ନାରାୟଭଣ ଖୁଂଟିଆ, ଶ୍ୟାମ ସୁନ୍ଦର ମହାପାତ୍ର, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ, କ୍ରିଡା ସଂସଦର ସମ୍ପାଦକ ରବିଶଙ୍କର ପ୍ରତିହାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ନିଖୋଜ ଶିଶୁକନ୍ୟାର ମୃତଦେହ କୂଅରୁ ଉଦ୍ଧାର

ଗଞ୍ଜାମ,୨୬/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ବଡ଼ଖୋଲି ଗ୍ରାମର ଏକ କୂଅ ଭିତରୁ ତିନି ବର୍ଷିୟା ଶିଶୁକନ୍ୟାର ମୃତଦେହ ଉଦ୍ଧାର ହୋଇଛି । ଗତକାଲି ଠାରୁ ଶିଶୁଟି ନିଖୋଜ ଥିଲା । ପରିବାର ଲୋକେ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିବା ପରେ ଆଜି ସକାଳେ ଶିଶୁକନ୍ୟାର ମୃତଦେହ କୂଅରୁ ଉଦ୍ଧାର କରିଛନ୍ତି । ଆସିକା ପୋଲିସ ଘଟଣାର ତଦନ୍ତ କରୁଛି ।

## ଆକାଶବାଣୀ ପୁରୀ ପକ୍ଷରୁ ଶୀତ କବିତା ଆସର

ପୁରୀ,୨୬/୧୨ (ନି.ପ୍ର): ଆକାଶବାଣୀ ପୁରୀ ୧୦୩.୪ ଏଫଏମ୍ ପକ୍ଷରୁ ବିଶେଷ ଶୀତ କବିତା ଆସର ଆରେ ଶୀତ ଆ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ,ସଙ୍ଗୀତ, ସଂସ୍କୃତି,ମନୋରଞ୍ଜନ ଓ ଶିକ୍ଷାର ପ୍ରସାର କ୍ଷେତ୍ରରେ ପୁରୀ ଆକାଶବାଣୀ ନିଷ୍ଠାର ସହ ତୁଲାଇ ଆସିଛି । ଅନେକ ଶ୍ରୋତା ଆକାଶବାଣୀ ସହ ଯୋଡ଼ି ହୋଇ ଅଛନ୍ତି । ଶୀତ ଋତୁ ଆଗମନରେ କବିପ୍ରାଣ ରୋମାଞ୍ଚିତ ହେବା ସହ ଶୀତର କବିତା ସୃଷ୍ଟି ହୋଇଥାଏ । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ କବିମାନଙ୍କୁ ନେଇ ସାହିତ୍ୟ ସୁଧା କାର୍ଯ୍ୟକ୍ରମ ପ୍ରସାରିତ ହେବ । ଏଥିପାଇଁ ଶୀତ କବିତା ଆସର ଆରେ ଶୀତ ଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୨୭ ଡ଼ିସେମ୍ବର ସକାଳ ୧୦ଟାରେ ଏହାର ପ୍ରଥମ ଭାଗ ପୁରୀ ଆକାଶବାଣୀ ପକ୍ଷରୁ ପ୍ରଚାର କରାଯିବ । ଏହାର ଦ୍ୱିତୀୟ ଭାଗ ୧୦ ଜାନୁଆରୀ ୨୦୨୩ ମଙ୍ଗଳବାର ସକାଳ ୧୦ଟାରେ ପ୍ରସାରିତ ହେବ । ଶୀତ କବିତା ଆସରରେ ବରଗଡ଼ର ଶର୍ମିଷ୍ଠା ସାହୁ,ବଲାଙ୍ଗୀରର ପ୍ରହଲ୍ଲାଦ ଶତପଥୀ ଓ ପ୍ରତିଭାରା ସାମଲ, ପୁରୀ ସୁଚେତା ମିଶ୍ର ଓ ଦିଲୀପ ସ୍ୱାଇଁ ସ୍ୱରଚିତ କବିତା ପାଠ କରିଥିଲେ । ବଦ୍ରି ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଆକାଶବାଣୀ ପୁରୀର କାର୍ଯ୍ୟକ୍ରମ ମୁଖ୍ୟ ମାନସ ରଞ୍ଜନ ନାୟକ କାର୍ଯ୍ୟକ୍ରମକୁ ପ୍ରଯୋଜନା କରିଥିବା ବେଳେ ସ୍ୱପ୍ନା ଷଡ଼ଙ୍ଗୀ ଉପସ୍ଥାପନା କରିଥିଲେ ।

## ରାସ୍ତା ଡିଭାଇଡରରେ ପିଟିହୋଇ ଦମ୍ପତି ଗୁରୁତର

କୋରାଇ,୨୬/୧୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ଗ୍ରାମ ନିକଟରେ ସ୍କୁଟିରେ ଯାଉଥିବା ଦମ୍ପତି ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରରେ ପିଟି ହୋଇ ଆହତ ହୋଇଥିବା ଜଣାପଡ଼ିଛି । ପ୍ରକାଶ ଯେ ଆଜି ସକାଳବେଳା ଡା. ପ୍ରଦୀପ ସାହା ଏବଂ ତାଙ୍କ ପତ୍ନୀ ଡା. ମୈତ୍ରୀପାଲ ଭୁବନେଶ୍ୱରରୁ ଏକ ସ୍କୁଟି ଯୋଗେ ଉଲବେରିଆ ଯାଉଥିବା ସମୟରେ ଭାରସାମ୍ୟ ହରାଇ ବ୍ରଜନଗର ନିକଟରେ ଡିଭାଇଡରେ ପିଟି ହୋଇଥିଲେ । ଫଳରେ ଉଭୟ ଦମ୍ପତି ଗୁରୁତର ଆହତ ହୋଇଥିଲେ । ଖବରପାଇ ପୋଟ୍ରୋଲିଙ୍ଗ ସବଇନ୍ସପେକ୍ଟର ଅଶୋକ ବଳ ସଦଳବଳେ ଘଟଣାସ୍ଥଳେ ପହଂଚି ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରାଇଥିଲେ ।

# ପାଇଖାନା ନିର୍ମାଣରେ ଦୁର୍ନୀତି : ବିଜେପି ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ଜଳେଶ୍ୱର,୨୬/୧୨(ନି.ପ୍ର): ଜଳେଶ୍ୱର ବ୍ଲକର ବିଭିନ୍ନ ପଂଚାୟତରେ ସ୍ୱଚ୍ଛଭାରତ ଅଭିଯାନରେ ନିର୍ମାଣ ହେଉଥିବା ପାଇଖାନା ନିମ୍ନମାନର ଦାବି କରି ବିଜେପିର ବିଭିନ୍ନ ମଣ୍ଡଳ ସଭାପତିମାନେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଡଷ୍ଟିବନ୍ ନିର୍ମାଣରେ ନିମ୍ନମାନର ଇଟା ଓ ସ୍ୱଚ୍ଛ ସିମେଣ୍ଟ ବ୍ୟବହାର କରାଯାଉଥିବାର ଶ୍ରୀରାମପୁର ପଂଚାୟତର ମାଳିପାଳ ଗ୍ରାମରେ ଦେଖିବାକୁ ମିଳିଛି ବୋଲି ଉଲ୍ଲେଖ କରିଛନ୍ତି । ଏପରିକି ଜେଇ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବାରୁ ଏପରି ନିମ୍ନ ମାନର କାର୍ଯ୍ୟ ହେଉଥିବାର ଅଭିଯୋଗ ହୋଇଛି । ଏହାର ପ୍ରତିକାର କରାନଗଲେ ଆସନ୍ତା ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ମନୋଜ କୁମାର ସାସମଲ, ସଂଜିବ କୁମାର ରାଉତ, ରବିନ୍ଦ୍ର ଦତ୍ତ, ଦିବେନ୍ଦୁ କୁମାର ଦେ, ମୁକୁନ୍ଦ ଜେନା, ଗଣେଶ ସରେନ୍ ପ୍ରମୁଖ ଲିଖିତଭାବେ ଜଣାଇଛନ୍ତି ।



# ଷୋଡଶ ଆନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ଶେଷ ସନ୍ଧ୍ୟା

ବାଲିଅନ୍ତା,୨୬।୧୨(ନି.ପ୍ର): ଓଡ଼ିଶାର ପ୍ରଶିଦ୍ଧ ତନ୍ତ୍ର ପିଠ ଭାବରେ ପରିଚିତ ରାଜଧାନୀ ଉପକଣ୍ଠ ହିରାପୁର ଗ୍ରାମର ଆରାଧ୍ୟ ଦେବୀ ମା' ମହାମାୟାଙ୍କ ପିଠରେ ନୃତ୍ୟ ପ୍ରତିଭା ଏବଂ ହୀରାପୁର ଗ୍ରାମ୍ୟ କମିଟିଙ୍କ ମିଳିତ ଆନୁକୁଲ୍ୟରେ ଷୋଡଶ ଆନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ର ଶେଷ ବା ଉଦଯାପନୀ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମୁଖ୍ୟ ଅତିଥି ଭାବେ ମୋ ପାରିବାର ମୁଖ୍ୟ ଆଇପିଏସ୍ ଅରୁପ ପଟ୍ଟ ନାୟକ ଯୋଗିନୀ ମନ୍ଦିର ଦର୍ଶନ କରିବା ପରେ ହିରାପୁର ଗ୍ରାମବାସୀଙ୍କ ତରଫରୁ ସ୍ୱାଗତ କରାଯିବା ସହ ମଞ୍ଚକୁ ପାଛୋଟି ନିଆଯାଇଥିଲା। ଉପସ୍ଥିତ ଅତିଥି ମାନଙ୍କ ଦ୍ୱାର ପ୍ରଦୀପ ପ୍ରଜ୍ୱଳନ ପରେ ଶୀତୁଆ ସନ୍ଧ୍ୟା କୁ ଉଦଘାଟନ କରିଥିଲେ । ଏହି ଅବସରରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଷ୍ଟାର କିରଣ ଟିଭି ପୋଗ୍ରମର ହେଡ୍ ଶ୍ରୀଯିତ୍ ଶତପଥୀ, ଶିଶୁ ସାହତ୍ୟିକ ବଙ୍କିମଚନ୍ଦ୍ର ନାୟକ, ରାଜ୍ୟ




ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଡ. ପ୍ରଶନ୍ନ ପାଟ୍ଟଶାଣୀ, ହୀରାପୁର ଗ୍ରାମ୍ୟ କମିଟି ସଭାପତି ରବୀନ୍ଦ୍ର ନାୟକ, ନୃତ୍ୟ ପ୍ରତିଭା ଅନୁଷ୍ଠାନ ସମ୍ପାଦିକା ନୃତ୍ୟ ଗୁରୁ ଶ୍ରମତୀ ପ୍ରତିଭା ପଣ୍ଡା, ଅନୁଷ୍ଠାନର ସଭାପତି ଡ଼ଃ ରଜନୀ ରଞ୍ଜନ ଦାଶ, ରୁନା ପଣ୍ଡା ଏହି ଉତ୍ସବରେ ଯୋଗ ଦେଇଥିଲେ । ନୃତ୍ୟ ଗୁରୁ ପ୍ରତିଭା ପଣ୍ଡା ଅତିଥି ମାନଙ୍କୁ ଚାରା ଗଛଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଚଳିତ ବର୍ଷ ଚଉଷଠି ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ ଡ଼, ସ୍ନେହପ୍ରଭା ସାମନ୍ତରାୟ, ଚଉଷଠି ଯୋଗିନୀ ସାହିତ୍ୟ ସମ୍ମାନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ରଂଜନ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଉଦଯାପନୀ ସନ୍ଧ୍ୟାର ପ୍ରଥମ ଅର୍ଘ୍ୟରେ କାନାଡାରୁ ଆସିଥିବା ସୁଶ୍ରୀ ମିଶ୍ର ଓ ସାଥି କଳାକାରଙ୍କ ଦ୍ୱାରା ଜଗନ୍ନାଥ ବେଶ ଉପରେ ଆଧାରିତ ଓଡ଼ିଶୀ ସଙ୍ଗୀତ ମାହାରୀ ଓଡ଼ିଶୀ ନୃତ୍ୟ ପରିବେଷଣ ଯାହା ଉପସ୍ଥିତ ଦର୍ଶକଙ୍କୁ ବେଶ୍ ବିମୋହିତ କରିବା ସହିତ ଜଗନ୍ନାଥ ସଂସ୍କୃତିର ଧର୍ମିକ ଚେତନା ର ବିସ୍ତାର ଉପରେ ମାର୍ଗ ଦର୍ଶନ କରାଇଥିଲା । କଟକରୁ ଆସିଥିବା ଗୁରୁ ଅଂଶୁମାନ୍ ମିଶ୍ର ଓ ସାଥି କଳାକାର ମାନଙ୍କ ଦ୍ୱାରା ପ୍ରଦକ୍ଷୀଣା ଦଳଗତ ଓଡ଼ିଶୀ ଗିରିଗୋବର୍ଦ୍ଧନ ଆଧାରିତ ନୃତ୍ୟ ପରିବେଷଣ ବେଶ୍ ମନୋରମ ଦୃଶ୍ୟ ଦର୍ଶକଙ୍କୁ ଭାବ ବିହୋଳ କରିଥିଲା। ସେହିପରି ରାୟପୁରରୁ ଆସିଥିବା ଆରୟା ନନ୍ଦେ ଓ ତାଙ୍କ ଦଳ ଏକକ ଓଡିଶୀ ନୃତ୍ୟ ଦୁର୍ଗା ସ୍ତୁତି ସଙ୍ଗୀତରେ ପରିଭେଷଣ କରିଥିଲେ । କଲିକତା ର ସୁନାମ ଅର୍ଜନ କରିଥିବା ଗୁରୁ ଅନୁରାରନଙ୍କ ନୃତ୍ୟ ଶିଳ୍ପୀ ମାନେ ରାଧା ନନ୍ଦନ, ବଳରାମ ନୃତ୍ୟମ, କୁବେର କିଶୋଇ, ବସନ୍ତ ରାଜ ହୋଲି ସଙ୍ଗୀତ ମଞ୍ଚକୁ ପ୍ରକମ୍ପିତ କରୁଥିଲା। ଶେଷ ପର୍ଯ୍ୟାୟରେ ଭୁବନେଶ୍ୱର କପିଳ ନାଥ ନାଟ୍ୟ ସଙ୍ଘ ତରଫ ରୁ ମହି ରାବଣ ଗୀତି ନାଟ୍ୟ ଲୋକ କଳା ପରିବେଷଣ କରିଥଲେ। ଏଥିରେ କୋଡ଼ିଏ ଜଣ କଳାକାରଙ୍କ ନିଖୁଣ ଅଭିନୟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଇଂ. ଶ୍ରୀନିବାସ ଘଟୁଆରି ପରିଚାଳନା କରିଥିଲେ ।

# ପଞ୍ଚୁପାଲି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର

ଲଙ୍ଗଳେଶ୍ୱର-୨୬ /୧୨ (ନିଃପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର ଆଜି ଉଦଘାଟିତ ହୋଇଯାଇଛି।ଏହି ଉଦଘାଟନ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ରାଜକିଶୋର ବାରିକ ପୌରହିତ୍ୟ କରିଥିଲେ। ଅତିଥି ଭାବେ ଅଧାପକ ଡ଼ଃଲକ୍ଷ୍ମୀକାନ୍ତ ରଥ ଯୋଗ ଦେଇ ସିବିରାର୍ଥୀ ମାନଙ୍କୁ ସମାଜ ସେବା ମାନବର ଧର୍ମ ବୋଲି କହିଥିଲେ। ଅଧାପକ ସୁଧୀର କୁମାର ନନ୍ଦ ପରିଚୟ ପ୍ରଦାନ କରିଥିବା ବେଳେ




ପଗ୍ରାମ ଅଫିସର ଅଧାପିକା ସରୋଜିନୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ପଚାଶ ଜଣ ଛାତ୍ରୀ ଯୋଗ ଦେଇ ପ୍ରଥମେ ସଫେଇ କାର୍ଯ୍ୟ କରିଥିଲେ। ଆସନ୍ତା ୩୧ ତାରିଖ ଯାଏ ଛଅ ଦିନ ଧରି ସିବିରାର୍ଥୀ ମନେ ବିଭିନ୍ନ ଜନ ସେବା ଓ ସଚେତନତା କାର୍ଯ୍ୟ କରିବେ ବୋଲି ସୂଚୀ ଧାର୍ଯ୍ୟ କରାଯାଇଛି।

# ଖଇରାରେ ତୁଳସୀ ପୂଜନ ଦିବସ



ଖଇରା,୨୬।୧୨: ବିବେକାନନ୍ଦ ସେବା ସଂସ୍ଥାନ ଆନୁକୂଲ୍ୟରେ ଖଇରା ଦୁର୍ଗାମଣ୍ଡପ ଠାରେ ରବିବାର ଦିନ ପୁର୍ବତନ ବାୟୁ ଯୋଦ୍ଧା ସତ୍ୟବ୍ରତ ନାରାୟଣ ବେହେରାଙ୍କ ଆବାହକତ୍ୱରେ ତୁଳସୀ ପୁଜନ ଦିବସ ପାଳିତ ହୋଇ ଯାଇଛି । ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ତୁଳସୀ ପୁଜା କରିବା ଅବସରରେ ସନାତନ ଧର୍ମରେ ତୁଳସୀକୁ ନେଇ ଥିବା ପୌରାଣିକ ଓ ବୈଜ୍ଞାନିକ ତଥ୍ୟ ପ୍ରଦାନ କରିଥିଲେ । ମଇତାପୁର ଗୋଶାଳା ଆଶ୍ରମର ମୁଖ୍ୟ ପରିଚାଳକ ରାମଚନ୍ଦ୍ର ଦାସ ମୁଖ୍ୟ ଅତିଥିଓ ବିଶ୍ୱ ହିନ୍ଦୁ ପରିଷଦ ଭଦ୍ରକ ଜିଲା ସତସଙ୍ଗ ପ୍ରମୁଖ ବିଜୟ ବାରିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ତୁଳସୀ ବୃକ୍ଷର ମହାତ୍ମ୍ୟ ଓ ଉପକାରିତା ଉପରେ ଆଲୋକପାତ କରିଥିଲେ। ଉମେଶ ଚନ୍ଦ୍ର ନାୟକ, ରାମଚନ୍ଦ୍ର ପଣ୍ଡା, କୃଷ୍ଣଚରଣ ସିଂ.କରଷ୍ଣଚନ୍ଦ୍ର ଦାସ, ଗଗନ ବିହାରୀ ପଣ୍ଡା, ମୃତ୍ୟୁଞ୍ଜୟ ଶଙ୍ଖୁଆ ପ୍ରମୁଖ ଉପସ୍ଥିତ ଥିଲେ ।

# ସୀମାନ୍ତ ଗ୍ରାମୀଣ ମହୋତ୍ସବର ୨ୟ ସାଂସ୍କୃତିକ ସଂଧ୍ୟା : ଝୁମିଲେ ଦର୍ଶକ




ଜଳେଶ୍ୱର,୨୬/୧୨(ନି.ପ୍ର): ଓଡିଶା-ପଶ୍ଚିମବଂଗ ଉପାନ୍ତ ଜଳେଶ୍ୱର ନୂଆବଜାରଠାରେ ସୀମାନ୍ତ ଗ୍ରାମୀଣ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ରବିବାର ୨ୟ ସାଂକୃତିକ ସଂଧ୍ୟାରେ ଦୀନକୃଷ୍ଣ ରଂଗା ରଂଗ ମଂଚରେ ଦର୍ଶକମାନେ ଝୁମିଥିଲେ । ମହୋତ୍ସବ ସ୍ଥାନୀୟ ଅଂଚଳର ଲୁକ୍କାୟିତ କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଭାଷ୍କର୍ଯ୍ୟର ପରିପ୍ରକାଶ ଘଟୁଥିବା ବେଳେ ଭାଇଚାରା ସୃଷ୍ଟି କରିଥାଏ । ଏହି ଅଂଚଳର ବିଭିନ୍ନ କାରୀଗର ମାନଙ୍କ ଦ୍ୱାରା ହାତ ତିଆରୀ ବିଭିନ୍ନ ସାମଗ୍ରୀର ବିକା କିଣା ହେବା ସହିତ ସ୍ଥାନୀୟ ପ୍ରତିଭାର ଅନ୍ୱେଷଣ ହୋଇଥାଏ ବୋଲି ସୀମାନ୍ତ ଗ୍ରାମୀଣ ମହୋତ୍ସବର ୨ୟ ସାଂକୃତିକ ସଂଧ୍ୟାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ସଭାପତି ତଥା ପ୍ରାକ୍ତନ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର ଏଥିରେ ପୌରହିତ୍ୟ କରିଥିଲେ । ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଡ. ଅଦୈତ୍ୟ କୁମାର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ଓଷ୍ଟା ରାଜ୍ୟ ସଭାପତି ଇନ୍ଦୁ ମାଧମ ମହାନ୍ତି ମୁଖ୍ୟ ବକ୍ତାଭାବେ ଯୋଗ ଦେଇ ଉତ୍ସବର ଆବଶ୍ୟକତା ସଂପର୍କରେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର ପ୍ରଧାନ, ସନ୍ତୋଷ ଜେନା, କୁଞ୍ଜକାନ୍ତ ପାତ୍ର, ସନ୍ୟାସୀ ବେହେରା ପ୍ରମୁଖ ଉପସ୍ଥିତ ଥିବା ବେଳେ ମହୋତ୍ସବ କମିଟିର ସଂପାଦକ ସୁଜୟ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ଅନୁଷ୍ଠିତ ରଂଗା ରଂଗ ମଂଚରେ ଦର୍ଶକମାନେ ଝୁମିଥିଲେ ।

# ଜଳେଶ୍ୱରରେ ତୁଳସୀ ଦିବସ ପାଳିତ

ଜଳେଶ୍ୱର ୨୬/୧୨(ନି.ପ୍ର): ଜଳେଶ୍ୱରର ସମାଜସେବୀ ନରହରି ବେହେରାଙ୍କ ନେତୃତ୍ୱରେ ତୁଳସୀ ପୂଜନ ଦିବସ ପାଳିତ ହୋଇ ଯାଇଛି । ବଡବଜାରଠାରେ ଥିବା ତୂଳସୀ ବଗଚାରେ ତୁଳସୀ ଗଛକୁ ନୂଆବସ୍ତ୍ର, ଧୂପ, ଦ୍ୱୀପ ଦେଇ ବନ୍ଦାପନା କରିବା ସହିତ ଉପସ୍ଥିତ ଜନସାଧାରଣଙ୍କୁ ତୂଳସୀପତ୍ରର ଉପକାରୀତା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଜୟ କୁମାର ବାଗ, ଅଜିତ୍ କୁମାର ପଣ୍ଡା, ଜୟ ପ୍ରକାଶ ବେହେରା, କୃଷ୍ଣା କୁମାରୀ ବେହେରା, କଳ୍ପନା ଗୁପ୍ତା, ଗୋପାଳ ଗୁପ୍ତା, ନିଧି ଗୁପ୍ତା, ଗୌରବ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ଚାନ୍ଦବାଲିରେ ମିଳିତ ଜନଶୁଣାଣି ଶିବିର : ୧୫୧ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

ଭଦ୍ରକ,୨୬.୧୨.୨୦୨୨ ରିଖା। ଆଜି ସୋମବାରରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚାନ୍ଦବାଲି ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୫୧ଟି ଅଭିଯୋଗର ଶୁଣାଣି କରିଛନ୍ତି । ଭଦ୍ରକ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର





ପାତ୍ର, ଉପଜିଲ୍ଲାପାଳ ମନୋଜ ପାତ୍ର, ଚାନ୍ଦବାଲି ତହସିଲଦାର ସୁଶାନ୍ତ କୁମାର ସୂତାର ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ । ସମୁଦାୟ ଆଗତ ୧୫୧ଟି ଅଭିଯୋଗ ମଧ୍ୟରେ ସାମୂହିକ ସମସ୍ୟା ଭିତ୍ତିକ ମାତ୍ର ୩ଟି ଅଭିଯୋଗକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିଲା । ସେଥି ମଧ୍ୟରେ କେତୋଟି ରେସନକାର୍ଡ଼ ସମ୍ପର୍କିତ, କେତୋଟି ରାସ୍ତା ସମ୍ବନ୍ଧୀୟ ଓ କାଁଭାଁ କେତୋଟି ଅନ୍ୟାନ୍ୟ ସମସ୍ୟା ଭିତ୍ତିକ ଥିଲାବେଳେ ଅଧିକାଂଶ ଅଭିଯୋଗ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ବନ୍ଧୀୟ ଥିଲା । ସହାୟକ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା ଅଭିଯୋଗ ଉପସ୍ଥାପନର ସହଯୋଗ କରିଥିଲା ବେଳେ ଜିଲ୍ଲା ଓ ଉକ୍ତ ବ୍ଲକ୍‌ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ଆବଶ୍ୟକ ମତେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ସୂଚନାଯୋଗ୍ୟକି ପରବର୍ତ୍ତୀ ମିଳିତ ଜନଶୁଣାଣି ଶିବିର ଆସନ୍ତା ଜାନୁୟାରି ମାସ ୨ ତାରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ।

# ବାରିପଦାରେ ଭିଏଚପି ପକ୍ଷରୁ ତୁଳସୀ ପୂଜନ ଦିବସ

ବାରିପଦା : ,୨୬/୧୨(ନି.ପ୍ର): ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ତୁଳସୀ ପୂଜନ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ବଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରେ ବରିଷ୍ଠ ନେତା କବିବିଷ୍ଣୁ ଶତପଥୀଙ୍କ ଆବାହକତ୍ୱରେ ଓ ବର୍ଷୀୟାନ ନେତା ଦିବାକର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପବିତ୍ର ଉତ୍ସବରେ ତୁଳସୀ ମାତାଙ୍କର ଆରତୀ, ଆବାହନ, ପୂଜା, ଆରାଧନା, ସ୍ତୁତି, ଭଜନ, ଜୟ ଧ୍ୱନି ହେବା ସହ ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଯୋଗେଶ ଦଣ୍ଡପାଟ, ହରିପଦ କଳିଆ, ଗୌରହରି ପାତ୍ର ଓ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ପ୍ରମୁଖ ବରିଷ୍ଠ ଭିଏଚପି ନେତୃବୃନ୍ଦ ଉପସ୍ଥିତ ଥିବା ବେଳେ ବିଶ୍ୱଜିତ ରଣା, ବାଘା ସିଂ, ହେମଲତା ଦାସ, ଦିବ୍ୟରଂଜନ ବିଶ୍ୱାଳ, ଦୀପକ ମଲ୍ଲିକ, ମହାବିଦ୍ୟାନନ୍ଦନ ଦାସ, ପ୍ରବୀର ଦାସବାବୁ, ଅମିତ ନାୟକ, ଦେବାଶିଷ ପାଇକରାୟ, ଦୀପାଳି ନାୟକ, ମାନସ ପାତ୍ର, କଳ୍ପତରୁ ରାୟବାବୁ, ସନ୍ଧ୍ୟା ପଣ୍ଡା, ଶୁଭମ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ। ଉତ୍ସବ ପ୍ରାରମ୍ଭରେ ତୁଳସୀ ପରିକ୍ରମା ଓ ସଂକୀର୍ତନ ହେବା ସହ ଶେଷରେ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶତାଧିକ ତରୁଣଙ୍କ ସାଙ୍ଗକୁ ବହୁସଂଖ୍ୟକ ମହିଳା ମଧ ଏଥିରେ ସାମିଲ ହୋଇଥିବା ଲକ୍ଷ୍ୟ କରାଯାଇଥିଲା।

# ଶରତ ଠାରେ ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଇଁ ଦାବୀ

ଉଦଳା,୨୬/୧୨(ନି.ପ୍ର) - କପ୍ତିପଦା ପଞ୍ଚାୟତ ସମିତି ଅଧିନରେ ଥିବା ଶରତ ପଞ୍ଚାୟତ ବ୍ଲକ କାର୍ଯ୍ୟାଳୟ ଠାରୁ ପ୍ରାୟ ୩୦ କିମି ଦୂରରେ ଅବସ୍ଥିତ। ଏଠାରେ ଶରତ ପାଖକୁ ଲାଗିକରି ଥିବା ୯ ଗୋଟି ପଞ୍ଚାୟତରେ ବସବାସ କରୁଥିବା ଭିନ୍ନକ୍ଷମ ମାନେ ପ୍ରମାଣପତ୍ର ଓ ସରକାରୀ ସୁବିଧା ପାଇବା ପାଇଁ ଦୂର ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥାନ୍ତି । ତେଣୁ କପ୍ତିପଦା ପରେ ଶରତ ଠାରେ ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରିବାକୁ କପ୍ତିପଦା ଭିନ୍ନକ୍ଷମ ମଞ୍ଚ ତରଫରୁ ଦାବୀ ହୋଇଛି । ମଞ୍ଚର ସଭାପତି ମନୋରଂଜନ ଜେନା ଆଜି ଡ଼ିସେମ୍ବର ୨୬ ତାରିଖ ସୋମବାର ଉଦଳା ଠାରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଏ ବାବଦରେ ଲିଖିତ ଜଣାଇଛନ୍ତି । ସେ ଜଣାଇଥିବା ଦରଖାସ୍ତରେ କପ୍ତିପଦା ବ୍ଲକ କାର୍ଯ୍ୟାଳୟରେ ସାମାଜିକ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀ ଭିନ୍ନକ୍ଷମ ମାନଙ୍କୁ ଦୁର୍ବ୍ୟବହାର କରିବା ଏବଂ ଭତ୍ତା ଓ ଅନ୍ୟାନ୍ୟ ବାବଦରେ ୫୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ହରିଲୁଟ ହୋଇଛି ବୋଲି ଦର୍ଶାଇ ଏହାର ତଦନ୍ତ ପାଇଁ ଦାବୀ ଉଲ୍ଲେଖ କରିଛନ୍ତି ।

# ଉଦଳା ଉଚ୍ଚ ବିଦ୍ୟାଳୟ ୧୯୮୬ ମାଟ୍ରିକ ବ୍ୟାଚ ସହପାଠୀ ମିଳନ କାର୍ଯ୍ୟକ୍ରମ

## ଆମକୁ ବାନ୍ଧି ରଖିଛି ଏକ ଇମୋସନାଲ ଆଟାଚମେଣ୍ଟ : ରବିନାରାୟଣ

ଉଦଳା-ତା.୨୬/୧୨(ନି.ପ୍ର) - ପ୍ରତିବର୍ଷ ପରି ଉଦଳା ଉଚ୍ଚ ବିଦ୍ୟାଳୟର ୧୯୮୬ ମାଟ୍ରିକ ବ୍ୟାଚ ସହପାଠୀ ବୃନ୍ଦ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଚଳିତ ଡ଼ିସେମ୍ବର ୨୫ ତାରିଖ ରବିବାର ଦିନ ସ୍ଥାନୀୟ ଅତୁଲ ବାବୁଙ୍କ ଯାତ୍ରା ପଡ଼ିଆ ଠାରେ ଏକତ୍ରିତ ହୋଇଥିଲେ । ପ୍ରାରମ୍ଭରେ ସମସ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରିଥିଲେ । ଏହାପରେ ସମସ୍ତେ ଏକ ସ୍ୱରରେ ଜାତୀୟ ସଂଗୀତ ପରିବେଷଣ କରିଥିଲେ। ପରେ ସହପାଠୀ ମାନେ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇ ଯାଇଥିବା ସାଙ୍ଗ ମାନଙ୍କୁ ମନେ ପକାଇ ତାଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା ଜଣାଇଥିଲେ । ଏହାପରେ ସୀମାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ସାଧାରଣ ସଭା ଆରମ୍ଭ ହୋଇଥିଲା। ଏଥିରେ ପରମାନନ୍ଦ ଖଣ୍ଡେଇ ଆମର ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ଚଳିତ ବର୍ଷ ୪ ବର୍ଷ ପୁରିଲା ବୋଲି କହିବା ସହିତ ହାଇସ୍କୁଲରେ ପଢୁଥିବା ସମୟରେ ମଞ୍ଚସ୍ଥ ହୋଇଥିବା ନାଟକର ରୂପରେଖ କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ। ରବିନାରାୟଣ ମହାପାତ୍ର ଆମ ବ୍ୟାଚର ସହପାଠୀ ମାନଙ୍କୁ କିପରି ଏକ ଇମୋସନାଲ ଆଟାଚମେଣ୍ଟ ବାନ୍ଧି ରଖିଛି ବ୍ୟକ୍ତ କରିଥିଲେ। ସେହିପରି ପଙ୍କଜ ଖୁଣ୍ଟିଆ, ପ୍ରଭାତ ସାହୁ, ଅରୁଣ କୁମାର




ବେହେରା, ବିଜନ କୁମାର ନାୟକ, କାମଦେବ ସାହୁ, ରବିନ୍ଦ୍ର ପରିଡ଼ା ପ୍ରମୁଖ ପିଲାଦିନର କଥାକୁ ମନେ ପକାଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ମନୋଜ କୁମାର ଦାସ ଓ ସୀମାନ୍ତ ତ୍ରିପାଠୀଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମନୋଜ କୁମାର ସାହୁ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମର ରୂପରେଖ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିବା ବେଳେ ସୁବ୍ରତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ତାପସ କୁମାର ଜେନା, ମହେଶ୍ୱର ବେହେରା, ସତ୍ୟପ୍ରକାଶ ବକ୍ଷା, ତରୁଣ ମହାପାତ୍ର, କୃପାସିନ୍ଧୁ ପାତ୍ର, ଅଶୋକ ମହାକୁଡ଼, ରତ୍ନାକର ସାହୁ, ସୁସାନ୍ତ କୁମାର ରଣା, କମରୁ ଜମାନ ଅନସାରି ଓ ସୟ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ ବାଲେଶ୍ୱର ଜିଲ୍ଲାର ବାର୍ଷିକ ଅଧିବେଶନ



ହଳଦୀପଦା,୨୬।୧୨(ନି.ପ୍ର): ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନିସମାଜ, ଓଡ଼ିଶା ପ୍ରାନ୍ତ, ବାଲେଶ୍ୱର ଜିଲ୍ଲାସ୍ତରୀୟ ବାର୍ଷିକ ଅଧିବେଶନ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ କମଳାକାନ୍ତ ମୁନିଙ୍କ ଅଧ୍ୟକ୍ଷତାରେ,ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ପୂର୍ବତନ ପ୍ରାନ୍ତୀୟ ଅଧ୍ୟକ୍ଷ, ବ୍ରହ୍ମଜ୍ଞାନୀ ଲେଖକ ଶ୍ରୀ ଯୋଗାଚାର୍ଯ୍ୟ ଶଶଧର ମୁନିଜୀ ମହୋଦୟ । ଜିଲ୍ଲା ସମ୍ପାଦକ ଆତ୍ମଜ୍ଞାନୀ, ମୁନିସମାଜରଜୋତି ଯୋଗାଚାର୍ଯ୍ୟ ଅନନ୍ତ ମୁନି ବାର୍ଷିକ ବିବରଣୀ ପାଠ କରିଥିଲେ । ତାଙ୍କୁ ଆଜିର ମଞ୍ଚରେ, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ, ଯୋଗାଚାର୍ଯ୍ୟ ହିସାବରେ ସମ୍ବର୍ଦ୍ଧିତ କରାଯାଇଥିଲା । ମଞ୍ଚାସୀନ ଥିଲେ ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଦୀନବନ୍ଧୁ ମୁନିଜୀ ମହୋଦୟ ଏବଂ ଆତ୍ମଦର୍ଶୀ ଯୋଗୀ ବିକାଶ ମୁନିଜୀ ମହୋଦୟ । ସମସ୍ତ ବକ୍ତାମାନେ, ପ୍ରତିଦିନ ଯମ ନିୟମ ପାଳନ କରି,ମୁନି ସମାଜର ଚକ୍ରଭେଦନ କ୍ରିୟା ଜାରି ରଖିଲେ, ଚୁମ୍ବକ ଯେପରି ଲୌହକୁ ଆକର୍ଷିତ କରେ, ସେହିପରି ପାର୍ଥିବ ସମ୍ପଦ ସହିତ ସୁଖ-ଶାନ୍ତି-ଆନନ୍ଦ ସଦା ସର୍ବଦା ଭରପୁର ହୋଇରହିଚାଲିବ ବୋଲି ମତବ୍ୟକ୍ତ କରିଥିଲେ ।ଠିକ୍ ସକାଳ ୯ଘଟିକା ସମୟରେ ସତ୍ୟର ଧ୍ୱଜା ଉତ୍ତୋଳନ କରାଯାଇ ଅଧିବେଶନର ଶୁଭାରମ୍ଭ କରାଯାଇ ଥିଲା । ଦୁଇ ଦିନିଆ ଶିବିର ହୋଇଥିବାରୁ, ଠିକ୍ ଦିବା ୧୨-୩୦ ସମୟରୁ ଏକାତ୍ମ ସହଭୋଜନ କ୍ରିୟା ଆରମ୍ଭ କରାଯାଇଥିଲା । ମଝିରେ ମୁନି ସଙ୍ଗୀତ କାର୍ଯ୍ୟ କ୍ରମ ସହିତ, ଯୋଗୀ-ଯୋଗାଚାର୍ଯ୍ୟ, ଆଜୀବନ ସଦସ୍ୟ-ସଦସ୍ୟା ମାନଙ୍କ ମଧ୍ୟରେ ସାଙ୍ଗଠନିକ ଅନ୍ତରଙ୍ଗ ବୈଠକ ମଧ କରାଯାଇଥିଲା । ଶେଷରେ ଉପସ୍ଥିତ ହଜାରେ ରୁ ଉର୍ଦ୍ଧ, ସଦ୍ ଗୁରୁଦେବଙ୍କ ପରିବାରର ସଦସ୍ୟ-ସଦସ୍ୟା ମାନଙ୍କୁ ଧନ୍ୟବାଦ ଦିଆଯାଇ ଆଜିର ଚାଲୁଥିବା କାର୍ଯ୍ୟକ୍ରମକୁ କିଛି ସମୟ ପାଇଁ ବିଶ୍ରାମ ଦିଆଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo